RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-112 ♦THURSDAY ♦15 OCTOBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୧୨ ♦ଗୁରୁବାର ♦୧୫ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ନବରାତ୍ର ଉପଚାର
ମା'ଙ୍କ କୁଷ୍ମାଣ୍ଡା ବେଶ

ଝଟ୍‌କା ଦେଲା ପାଇକାରୀ ମୁଦ୍ରାସ୍ଫୀତି

ବଜାରରେ ଦରବୃଦ୍ଧି ନିଆଁ

୪ ବର୍ଷରେ ପ୍ରଥମ ଥର ପାଇଁ ପାଇକାରୀ ମୁଦ୍ରାସ୍ଫୀତି ୧୦%ଟପିଲା

■ ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ସାରା ଦେଶରେ ପାର୍ବଣର ମାହୋଲ୍ ଚାଲିଥିବା ବେଳେ ଖାଉଟିଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। କାରଣ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଅତ୍ୟଧିକ ଦରବୃଦ୍ଧି ଖାଉଟିଙ୍କ ନିଦ ହଜାଇଦେଲାଣି। ଖୁଚୁରା ପରେ ଏବେ ପାଇକାରୀ ମୁଦ୍ରାସ୍ଫୀତିରେ ବୃଦ୍ଧି ଖାଉଟିଙ୍କୁ ବଡ଼ ଝଟ୍କା ଦେଇଛି। ଚାରି ବର୍ଷ ପରେ ପ୍ରଥମ ଥର ପାଇଁ ପାଇକାରୀ ମୁଦ୍ରାସ୍ଫୀତି ଦୁଇ ଅଙ୍କ ଟପିଛି। ଅର୍ଥାତ୍ ୨୦୨୨ ସେପ୍ଟେମ୍ବର ପରେ, ପାଇକାରୀ ମୁଦ୍ରାସ୍ଫୀତି ୧୦%ରୁ ଅଧିକ ହାର ଉପରେ ପହଞ୍ଚିଛି।

ସେପ୍ଟେମ୍ବରରେ ଦରବୃଦ୍ଧି ରେକର୍ଡ ଭାଙ୍ଗିଛି। ପାଇକାରୀ ମୁଦ୍ରାସ୍ଫୀତି ୧୧.୩୯%କୁ ବୃଦ୍ଧି ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୫ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅଗଷ୍ଟରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ୯.୯୨% ରହିଥିଲା। ମୁଦ୍ରାସ୍ଫୀତି ବଢ଼ିବାର ମୂଳ କାରଣ ହେଉଛି, ଖାଦ୍ୟ ସାମଗ୍ରୀର ଦରଦାମ ବଢ଼ିବା, ଇନ୍ଧନ, ବିଦ୍ୟୁତ୍ ଓ

ବିନିର୍ମାଣ ଉତ୍ପାଦ ମହଙ୍ଗା ହେବା।

ଖୁଚୁରା ମୁଦ୍ରାସ୍ଫୀତି ପରେ, ପାଇକାରୀ ମୁଦ୍ରାସ୍ଫୀତିର ଏହି ସଦ୍ୟତମ ସଂଖ୍ୟା ବେଶ୍ ଚିନ୍ତାଜନକ। ହାଟ-ବଜାରରେ ଅଟାଠାରୁ ଆରମ୍ଭ କରି, ଚିନି, ଡାଲି, ଚାଉଳ, ଖାଇବା ତେଲ ଓ କ୍ଷୀର ଦରରେ ଅହେତୁକ ବୃଦ୍ଧ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଏଥିରେ ପନିପରିବାର ବର୍ଦ୍ଧିତ ଦର ଲୋକଙ୍କ ଉପରେ ବେଶ୍ ଦାଉ ସାଧୁଛି, ଯାହା ଏବେ ହାଣ୍ଡିଶାଳର ବଜେଟକୁ ପ୍ରଭାବିତ କରୁଛି। ବଜାରରେ ଆଳୁ ଓ ପିଆଜଠାରୁ ଅଦା, ରସୁଣ, ଟମାଟୋ ଏବଂ ଅନ୍ୟ କଞ୍ଚା ପରିବା ଦର ଏବେ ବଢ଼ିଯାଉଛି, ଯେଉଁ ଲୋକେ କେଉଁଟି କିଣିବେ, ଆଉ କେଉଁଟିରେ ଖର୍ଚ୍ଚ କାଟ୍ କରିବେ ତାହା ଜାଣିପାରୁ ନାହାଁନ୍ତି। ସେହିପରି ନିକଟରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୫୪%କୁ ବୃଦ୍ଧି ଘଟିଥିଲା। ଅଗଷ୍ଟରେ ଏହା ୪.୮୨% ଥିଲା। ତେବେ ପାଇକାରୀ ମୁଦ୍ରାସ୍ଫୀତି ୧୧.୩୯% ହେବାର ଅର୍ଥ ହେଉଛି, ଯେଉଁ ସାମଗ୍ରୀ ଗତ ବର୍ଷ ସମାନ ଅବଧିରେ ୧୦୦ ଟଙ୍କାରେ ମିଳୁଥିଲା ତାହା ଆଜି ପାଖାପାଖି ୧୧୧.୩୯ ଟଙ୍କା ହୋଇଯାଇଛି। ପାଇକାରୀ ମୁଦ୍ରାସ୍ଫୀତିରେ ଖାଦ୍ୟପେୟ ସାମଗ୍ରୀର ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୮.୬୬% ହୋଇଛି, ଯାହା ଅଗଷ୍ଟରେ ୭.୦୫ ପ୍ରତିଶତ ଥିଲା। ସେହିପରି ଇନ୍ଧନ ଓ ବିଦ୍ୟୁତ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨୨.୯୩%ରୁ ବଢ଼ି ୨୫.୮୫%ରେ ପହଞ୍ଚିଛି। ବିଶେଷଜ୍ଞମାନେ ▶ପୃଷ୍ଠା-୭

ଡବଲ୍ ଇଞ୍ଜିନ୍ ସରକାରରେ 'ଜେନ୍-ଜି'ଙ୍କ ଭବିଷ୍ୟତ ଅନ୍ଧାର: ନବୀନ

■ ଭୁବନେଶ୍ୱର, ୧୪।୧୦ (ସମିସ): ବିଜେପି ନେତୃତ୍ୱରେ ରାଜ୍ୟର ଶାସନ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରାରେ ଯୋଗଦେବା ଅବସରରେ ସେ ଅପାରଗତାରେ ଓଡ଼ିଶା ସରକାର ଦେଶରେ ନମ୍ବର ୱାନ୍ ଓ ଡ଼ବଲଇଞ୍ଜିନ୍ ସରକାରରେ ଜେନ୍-ଜିଙ୍କ ଭବିଷ୍ୟତ ଅନ୍ଧାର ବୋଲି କ୍ଷୋଭବ୍ୟକ୍ତ କରିଛନ୍ତି।

ନବୀନ କହିଛନ୍ତି ଯେ ବିଜେଡି ସରକାରରେ ବିକାଶ ଥିଲା ମୁଖ୍ୟ ଏଜେଣ୍ଡା। କିନ୍ତୁ ଏ ଡବଲ ଇଞ୍ଜିନ ସରକାର ପାଇଁ ତାଙ୍କ ଦଳର ବିକାଶ ହିଁ ବର୍ତ୍ତମାନ ମୁଖ୍ୟ ଏଜେଣ୍ଡା ପାଲଟିଛି। ଏ ସରକାର ଅମଳରେ ସମସ୍ତେ ହଇରାଣ ହେଉଛନ୍ତି। ଚାଷୀ ହଇରାଣ ମହିଳା ହଇରାଣ, ବୁଢା ବୁଢ଼ୀ ହଇରାଣ। ଗରିବ ଲୋକ ଓ ମଧ୍ୟବିତ୍ତ ମଧ୍ୟ ହଇରାଣ ହେଉଛନ୍ତି। ଜେନ-ଜିଙ୍କର ଭବିଷ୍ୟତ ଅନ୍ଧାର। ରାଜ୍ୟରେ ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ ବଢ଼ି ବଢ଼ି ଚାଲିଛି; କିନ୍ତୁ ସରକାର ନିଦା ବିଷ୍ଣୁ ପାଲଟିଛନ୍ତି। ଅପାରଗତାରେ ଓଡ଼ିଶା ସରକାର ସାରା ଦେଶରେ ନମ୍ବର ୱାନ ▶ପୃଷ୍ଠା-୭

ଅପାରଗତାରେ ଓଡ଼ିଶା ସରକାର ଦେଶରେ ନମ୍ବର ୱାନ୍
ସରକାରଙ୍କ ମୁଖା ଖୋଲିଦେବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ



କଳିଙ୍ଗନଗରରେ ମୁଖ୍ୟମନ୍ତ୍ରୀ

୧୪ ଜିଲ୍ଲା ପାଇଁ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

୩୯,୩୮୩ କୋଟି ଟଙ୍କାର ପୁଞ୍ଜିନିବେଶ
ଟାଟା ଷ୍ଟିଲ ସଂପ୍ରସାରଣ, ଜିନ୍ଦଲ ଷ୍ଟିଲର ନୂତନ ପ୍ରକଳ୍ପ

■ ଯାଜପୁର/ଦାନଗଦି/ଯଖପୁରା, ୧୪।୧୦ (ସମିସ): ଆଜି ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ଏକ ବୃହତ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୧୪ଟି ଜିଲ୍ଲା ପାଇଁ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିବା ସହ ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି ବୋଲି କହିଛନ୍ତି। ସମାରୋହରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପର କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ସେହିପରି ଟାଟା ଷ୍ଟିଲ୍‌ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍‌ଲାଇନ୍, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଏବଂ ଶ୍ରୀଏମ୍‌କେ ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ସାମିଲ ହୋଇଛି। ଏହି ଶିଳ୍ପ ଗୁଡିକ ରାଜ୍ୟର ▶ପୃଷ୍ଠା-୭

ଛାତ୍ର ସଂସଦ ନିର୍ବାଚନ ଆଜି

'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍' ମିଟିଂରେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ

ଅପରାହ୍ନ ୨ଟା ପରେ ଭୋଟ ଗଣତି
କଲେଜ କ୍ୟାମ୍ପସରେ ପୁଲିସ ମୁତୟନ

■ ଭୁବନେଶ୍ୱର, ୧୪।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଆସନ୍ତାକାଲି ରାଜ୍ୟବ୍ୟାପୀ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜଗୁଡ଼ିକରେ ମତଦାନ ହେବ। ମତଦାନ ପୂର୍ବରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଛାତ୍ରଛାତ୍ରୀମାନେ ହ୍ୱାଇ ଆଇ ଷ୍ଟାଣ୍ଡ ଫର୍‌ରେ ଅଂଶଗ୍ରହଣ କରି ନିଜର ପକ୍ଷ ଉପସ୍ଥାପନ କରିଛନ୍ତି। ତେବେ ଏହି ସମୟରେବୁଧବାର ଦିବସବ୍ୟାପୀ ବିଭିନ୍ନ କଲେଜମାନଙ୍କରେ ଉତ୍ତେଜନା ସୃଷ୍ଟି ହୋଇଛି। ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମୁହାଁମୁହିଁ ଯୋଗୁଁ କଲେଜ ପରିସରରେ ପୁଲିସ ମୁତୟନ ହୋଇଛନ୍ତି। ବାଣୀବିହାରରେ ଦୁଇ ଛାତ୍ରଗୋଷ୍ଠୀ ହାତାହାତି ହୋଇଥିବାବେଳେ ବଲାଙ୍ଗୀର, ଯାଜପୁର, ଜଗତସିଂହପୁର, ପୁରୀ ଆଦି ଜିଲ୍ଲାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଛାତ୍ର ଗୋଷ୍ଠୀମଧ୍ୟରେ ଗଣ୍ଡଗୋଳ ପୁଲିସ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ▶ପୃଷ୍ଠା-୭

ନୀଳଡ୍ରମ୍ ହତ୍ୟା ମାମଲା

ପ୍ରେମୀଯୁଗଳଙ୍କୁ ମୃତ୍ୟୁ ଦଣ୍ଡାଦେଶ

■ ମିରଟ, ୧୪।୧୦ (ଏଜେନ୍ସି): ଉତ୍ତରପ୍ରଦେଶର ଚର୍ଚ୍ଚିତ ନୀଳ ଡ୍ରମ୍ ହତ୍ୟା ମାମଲାରେ ମୁସ୍କାନ ରସ୍ତୋଗୀ ଓ ତାଙ୍କ ପ୍ରେମିକ ସାହିଲ ଶୁକ୍ଲାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମିରଟ ଜିଲ୍ଲା ଅଦାଲତ। ଜିଲ୍ଲା ଓ ଦୌରାଜଜ୍ ଅରବିନ୍ଦ କୁମାର ମିଶ୍ର ଏହି ଦଣ୍ଡ ଶୁଣାଇଥିବା ବେଳେ ମୁସ୍କାନ ଓ ସାହିଲ ଜେଲରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଣାଣିରେ ଯୋଗ ଦେଇଥିଲେ। ୨୦୨୫ ମାର୍ଚ୍ଚ ୩ରେ ମୁସ୍କାନ ଓ ସାହିଲ ମିଶି ମୁସ୍କାନଙ୍କ ପତି ସୌରଭଙ୍କୁ ହତ୍ୟା ▶ପୃଷ୍ଠା-୭

ଓଲଟ ପାଲଟ

ଲାଞ୍ଚ ଖାଇ କୋଟିପତି ହେଉଛନ୍ତି
ଆର୍‌ଆଇ ତହସିଲଦାର,
ଜମି ପଟ୍ଟା ମାନ ଦେଇ ଦେଉଛନ୍ତି
ହେଉ ଗୋଦଣ୍ଡା ଗୋଚର।
ନିଜ ଜମି ପଟ୍ଟା ପାଇଁ ଏ ମଣିଷ
ହେଉଛି ବାର ଦୁଆର,
ତହସିଲ ଛାଡ଼ି ନିତି ଦଉଡ଼ନ୍ତି
କଟକ-ଭୁବନେଶ୍ୱର।
କୋରାପୁଟ-ବଲାଙ୍ଗୀର
ବିଭାଗର ମନ୍ତ୍ରୀ ବିଚାର କରନ୍ତୁ
ନ ହୋଇଣ ବାକ୍ୟବୀର ॥
- ଯାଯାବର

ବିଶେଷ ଟିପ୍ପଣୀ

ରାଜସ୍ଥାନର ସିକର ନିକଟସ୍ଥ ପ୍ରାୟ ୪୦% ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ନାହିଁ। ଜୁଲାଇରୁ ପାଣି ମିଳିନାହିଁ, ଏବେ କ୍ଷୀର ମଧ ବନ୍ଦ ହୋଇଛି। ଅନୁଦାନ ଟଙ୍କାରେ ପିଲା ପେଟ ଭରୁଛନ୍ତି। ରୋଷେୟାମାନଙ୍କୁ ୮ ମାସର ଦେୟ ମିଳିନି। ରାଜ୍ୟର ବିଜେପି ସରକାର ପ୍ରଚାର ବିଜ୍ଞାପନରେ ଅର୍ଥ ବ୍ୟୟ କରୁଛନ୍ତି ଅଥଚ ସ୍କୁଲ ପାଇଁ ନୁହେଁ। ମୁଖ୍ୟମନ୍ତ୍ରୀ ଦୟାକରି ଏହାର ଉତ୍ତର ଦିଅନ୍ତୁ।

-ଅଶୋକ ଗେହଲଟ୍ (ରାଜସ୍ଥାନର କଂଗ୍ରେସ ବିଧାୟକ)

ଏବେ ଏକମାତ୍ର ସନ୍ଦେଶ, ଏକମାତ୍ର ନାରା ଦିଲ୍ଲୀ ଚାଲ, ଯନ୍ତରମନ୍ତର ଚାଲ, ଜେଲ ଭର ଇନକ୍ଲାବ୍ ଜିନ୍ଦାବାଦ, ବନ୍ଦେ ମାତରମ୍, ଭାରତ ମାତାର ଜୟ।

-ଅଲକା ଲାମ୍ବା (ମହିଳା କଂଗ୍ରେସ ସଭାପତି)

ଜେନ୍ Z

ଅଙ୍କିତା ଭଣ୍ଡାରୀଙ୍କୁ ବଳାତ୍କାର ଏବଂ ହତ୍ୟାର ଅଭିଯୁକ୍ତ ଭିଭିଆଇପିକୁ ବିଜେପି ଉତ୍ତରାଖଣ୍ଡର ରାଜ୍ୟପାଳ ଭାବରେ ନିଯୁକ୍ତ କରିଛି। ଭଉଣୀ ଅଙ୍କିତା, ଆମ ଜୀବିତାବସ୍ଥାରେ ଏପରି ହେଉଥିବାରୁ ଆମେ ଲଜ୍ଜିତ।

-ନଦିମ୍ ରାମ ଅଲ୍ଲୀ @NadeemRamAli

ସୀମା ଟପିଲା ଦିଲ୍ଲୀ ପୁଲିସର ବର୍ବରତା

ଅଟକ ବେଳେ ଛାତ୍ରଛାତ୍ରୀଙ୍କୁ ଅକଥନୀୟ ନିର୍ଯାତନା

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ଭୋଟଚୋରି ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଦିଲ୍ଲୀରେ ଆନ୍ଦୋଳନ ଚାଲିଥିବା ବେଳେ ଏହାକୁ ଦମନ କରିବା ଲାଗି ପ୍ରଶାସନ ସବୁ ପ୍ରକାର ବଳ ପ୍ରୟୋଗ କରୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ରାସ୍ତା ଉପରୁ ଉଠାଇ ନେଇ ପୁଲିସ ଅଟକ ରଖିବା ସହିତ ସେମାନଙ୍କ ସହିତ ଅମାନବୀୟ ବ୍ୟବହାର କରିଛି। ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଏବଂ ଏସଏଫ୍ଆଇ କର୍ମୀ ଅଭିଯୋଗ କରିଛନ୍ତି ଯେ ଅଟକ ବେଳେ ସେମାନଙ୍କ ପ୍ରତି ଦିଲ୍ଲୀ ପୁଲିସର ବର୍ବରତା ସୀମା ଟପିଯାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ, ପୁଲିସ ଗାଡ଼ି ଓ ଥାନା ଭିତରେ ଛାତ୍ରଛାତ୍ରୀଙ୍କୁ ମାଡ଼ ମରାଯିବା ସହ ଶାରୀରିକ ନିର୍ଯାତନା ଦିଆଯାଇଛି। ଅଳ୍ପ ବୟସର ଛାତ୍ରୀମାନଙ୍କୁ ମଧ ମାଡ଼ ମରାଯିବା ସହ ଅସଦାଚରଣ କରାଯାଇଛି। ଏହି ଆକ୍ରମଣରେ କେରଳର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆଥିରା ଗୋଟିଏ କାନର ଶ୍ରବଣ ଶକ୍ତି ହରାଇଛନ୍ତି। ଅନ୍ୟଜଣେ ଛାତ୍ରୀ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ବିକ୍ଷୋଭ ବେଳେ ମହିଳା ପୁଲିସ ତାଙ୍କୁ ଉଠାଇ ନେଇଥିଲେ ଏବଂ ତାଙ୍କୁ ମାଡ଼ ମାରିବା ସହ ନଖରେ ଆଞ୍ଚୁଡ଼ି ପକାଇଥିଲେ। ଅନ୍ୟପଟେ, ଅର୍ଜୁନ ନାମକ ଜଣେ ଛାତ୍ରଙ୍କୁ ଛାତି, ପିଠି ଓ ସମ୍ବେଦନଶୀଳ ଅଙ୍ଗରେ ଗୋଇଠା ମରାଯାଇଥିବା ଅଭିଯୋଗ କରିଛନ୍ତି। ଏହାସହ ଚାରିଜଣ ନାବାଳକଙ୍କୁ ମଧ ଅଟକ ରଖି ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି।

ରାହୁଲଙ୍କ ଚେତାବନୀ: ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

ଏହି ଘଟଣାକୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସକୁ କଠୋର ଚେତାବନୀ ଦେଇଛନ୍ତି। ଗଣତାନ୍ତ୍ରିକ ସ୍ୱରକୁ ଦମନ କରୁଥିବା ବ୍ୟକ୍ତିମାନେ ନିଶ୍ଚିତ ଭାବେ କଠୋର ନ୍ୟାୟର ସାମ୍ନା କରିବେ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ନାମ ନେଇ ବର୍ଷିଛନ୍ତି ରାହୁଲ। ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ଶାରୀରିକ ନିର୍ଯାତନାର ଆଇନଗତ ଉତ୍ତରଦାୟିତ୍ୱ ଜବାବ ମଗାଯିବ ବୋଲି ସେ କହିଛନ୍ତି। ଏଥିସହିତ, ପୁଲିସ ନିର୍ଯାତନାର ଭିଡିଓ ଓ ଫଟୋ ପ୍ରମାଣ ସୁରକ୍ଷିତ ରଖିବାକୁ ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପୁଲିସ କର୍ମଚାରୀ ପର୍ଯ୍ୟନ୍ତ ଲୋକଙ୍କ ବିରୋଧରେ ନିଶ୍ଚିତ ରୂପେ କାର୍ଯ୍ୟାନୁଷ୍ଠାନ ହେବ। ଏଥିରୁ ସେମାନେ ବର୍ତ୍ତିପାରିବେ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ପୁଲିସ ନିର୍ଯାତନାର ଶିକାର ହୋଇଥିବା ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କୁ କିଭଳି ନିର୍ଯାତନା ଦିଆଯାଇଥିଲା, ତାହା ବର୍ଣ୍ଣନା କରିଥିଲେ। ରାହୁଲ ସେମାନଙ୍କୁ ବାଘ, ବାଘୁଣୀ ବୋଲି ବର୍ଣ୍ଣନା କରିଥିଲେ।

ସୂଚନାଯୋଗ୍ୟ ଯେ ନିଟ୍ ଆନ୍ଦୋଳନ ପରେ ମଧ ରାହୁଲ ପୁଲିସର ପେଲେଟ ଗନ୍ ଆକ୍ରମଣରେ ଦୃଷ୍ଟିଶକ୍ତି ହରାଇଥିବା ଛାତ୍ରଙ୍କୁ ଗଣମାଧମ ଆଗରେ ଉପସ୍ଥାପିତ କରି ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏହାପୂର୍ବରୁ ସିଜେପି ମୁଖ୍ୟ ଅଭିଜିତ ଦୀପକେ ପୁଲିସ ଅଟକ ସମୟରେ ତାଙ୍କ ସମେତ ତାଙ୍କ ପରିବାର ପ୍ରତି ମାନସିକ ନିର୍ଯାତନା ଦିଆଯାଇଥିବା ଏବଂ ତାଙ୍କ ଆଇନଜୀବୀ ଓ ପରିବାର ସହ ସମ୍ପର୍କ କରିବାକୁ ଦିଆ ନ ଯାଇଥିବା ଅଭିଯୋଗ କରିଥିଲେ।

ପାର୍ବଣ ପାଇଁ ଆନ୍ଦୋଳନରେ ବିରତି

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଓ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ବିରୋଧରେ ଚାଲିଥିବା ଜନଆନ୍ଦୋଳନରେ ସାମୟିକ ବିରତି ନିଷ୍ପତ୍ତି ନେଇଛି ବିରୋଧୀ ଇଣ୍ଡିଆ ମେଣ୍ଟ। ପାର୍ବଣକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ନିୟମିତ ମିଳିତ ପ୍ରତିବାଦ ବନ୍ଦ ରହିବ। ଏହା ପରବର୍ତ୍ତୀ ସୁପ୍ରିମକୋର୍ଟରେ ଆଇନଗତ ଲଢେ଼ଇ ଓ ଯୋଜନାବଦ୍ଧ ପ୍ରତିବାଦ ଉପରେ ମେଣ୍ଟ ଗୁରୁତ୍ୱ ଦେବ ବୋଲି ରିପୋର୍ଟ ପ୍ରକାଶ ପାଇଛି। କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଆସନ୍ତା କିଛିଦିନ ଦିଲ୍ଲୀରେ ବଡ଼ଧରଣର ମିଳିତ ପ୍ରତିବାଦ ହେବ ନାହିଁ; ଛୋଟ ଛୋଟ ପ୍ରଦର୍ଶନ ଜାରି ରହିବ। ଦଶହରା ପୂର୍ବରୁ କୌଣସି ବଡ଼ ମିଳିତ ଆନ୍ଦୋଳନର ଯୋଜନା ନ ଥିବା ବେଳେ ନଭେମ୍ବର ୧ରେ ଦିଲ୍ଲୀରେ କଂଗ୍ରେସର ଏକ ରାଲି ହେବାକୁ ଯାଉଛି। ପାର୍ବଣ ସମୟରେ ନବରାତ୍ର, ଦୁର୍ଗାପୂଜା, ଦଶହରା, ଦୀପାବଳି ଓ ଛଟ୍ ପୂଜା ପାଇଁ ରାଜଧାନୀରେ ଭିଡ଼ ବଢ଼ିବ। ଏହି ସମୟରେ ଲଗାତାର ଆନ୍ଦୋଳନ ଜାରି ରଖିବାରେ ବ୍ୟବହାରିକ ସମସ୍ୟା ରହିଥିବାରୁ ଏଭଳି ରଣନୀତି ଆପଣାଯାଇଥିବା ମେଣ୍ଟ ନେତାମାନେ କହିଛନ୍ତି। ସାଂସଦ ଓ ଦଳୀୟ ନେତାମାନଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଫେରିବାକୁ ରାହୁଲ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ, ଏସ୍ଆଇଆର୍ ପ୍ରକ୍ରିୟାରେ କଥିତ ଅନିୟମିତତା ଓ ଭୋଟର ତାଲିକାର ସ୍ୱଚ୍ଛତାକୁ ନେଇ ଇଣ୍ଡି ମେଣ୍ଟ ସୁପ୍ରିମକୋର୍ଟରେ ତ୍ୱରିତ ଶୁଣାଣି ପାଇଁ ଉଦ୍ୟମ କରୁଛି। ଏହି ପ୍ରକ୍ରିୟା ଉପରେ ଅନ୍ତରୀଣ ରୋକ୍ ଲଗାଇବାକୁ ଆବେଦନ କରାଯାଇଥିବା ଜଣାପଡ଼ିଛି। ବୈଠକ ପରେ ରାହୁଲ ଗାନ୍ଧୀ କହିଛନ୍ତି, ମେଣ୍ଟର ଅଭିଯାନ ଜାରି ରହିବ ଏବଂ ଏହା ପଛକୁ ହଟିବାର ସଂକେତ ନୁହେଁ। ଆଗକୁ ଏକ ଅପ୍ରତ୍ୟାଶିତ ପ୍ରତିବାଦ କାର୍ଯ୍ୟକ୍ରମ ରଖାଯାଇଥିବା ସେ ସୂଚନା ଦେଇଥିଲେ। ତେବେ ଏହାର ବିବରଣୀ ପ୍ରକାଶ କରାଯାଇନାହିଁ। ଦିଲ୍ଲୀର ଯନ୍ତରମନ୍ତରଠାରେ ସାଧାରଣ ସଭା ଓ ପ୍ରତିବାଦ ଉପରେ ଲାଗିଥିବା ପ୍ରଶାସନିକ କଟକଣାକୁ ମଧ ଆଇନଗତ ଭାବେ ଚ୍ୟାଲେଞ୍ଜ କରିବାକୁ ମେଣ୍ଟ ଯୋଜନା କରୁଛି। ବୈଠକରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ଏନ୍‌ସିପି (ଶରଦ ପୱାର) ସାଂସଦ ସୁପ୍ରିୟା ସୁଲେ, ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ନେତା ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିରୋଧୀ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ରାଜନୈତିକ ଦଳଗୁଡ଼ିକ ସହ ଛାତ୍ର ସଂଗଠନ ଓ ନାଗରିକ ସମାଜର ସଂଗଠନଗୁଡ଼ିକୁ ମଧ ଏହି ଅଭିଯାନରେ ସାମିଲ କରିବାକୁ ଇଣ୍ଡି ମେଣ୍ଟ ଉଦ୍ୟମ କରୁଛି। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱକୁ ନେଇ ବ୍ୟାପକ ମିଳିତ ମଞ୍ଚ ଗଠନ କରିବା ଏହାର ଲକ୍ଷ୍ୟ ବୋଲି ରିପୋର୍ଟରେ କୁହାଯାଇଛି।

ଏବେ ସୁପ୍ରିମକୋର୍ଟରେ ଲଢ଼େଇ ଉପରେ ଗୁରୁତ୍ୱ

ନଭେମ୍ବର ୧ରେ କଂଗ୍ରେସର ରାଲି

୧୬ରେ ଦୀପ୍‌କେଙ୍କ ତ୍ରିରଙ୍ଗା ଯାତ୍ରା

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): କକ୍ରୋଚ ଜନତା ପାର୍ଟି (ସିଜେପି)ର ଦୁଇ ଜଣ ସଦସ୍ୟ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ତିହାର ଜେଲ ପଠାଯାଇଛି। ଏହାପରେ ଦଳର ସଂସ୍ଥାପକ ଅଭିଜିତ ଦୀପକେ ଅକ୍ଟୋବର ୧୬ରେ ନୂଆଦିଲ୍ଲୀର କନ୍ନଟ ପ୍ଲେସସ୍ଥିତ ସେଣ୍ଟ୍ରାଲ ପାର୍କଠାରେ ତ୍ରିରଙ୍ଗା ଧରି ଏକତ୍ରିତ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀ ଆସିପାରୁନଥିବା ଲୋକଙ୍କୁ ନିଜ ନିଜ ସହରରେ ସନ୍ଧ୍ୟା ସମୟରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରିବାକୁ ସେ ଅନୁରୋଧ କରିଛନ୍ତି। ଅଭିଜିତ ଦୀପକେ ଅଭିଯୋଗ କରିଛନ୍ତି ଯେ କେବଳ ଜାତୀୟ ପତାକା ଉତ୍ତୋଳନ କରିଥିବାରୁ ସେମାନଙ୍କୁ ଜେଲ ପଠାଯାଇଛି। ନିଜକୁ ମଧ ଗିରଫ କରାଯିବାର ଆଶଙ୍କା ପ୍ରକାଶ କରିଛନ୍ତି। ତ୍ରିରଙ୍ଗା ଆମର ଗର୍ବ ଏବଂ ଏହାକୁ ଉତ୍ତୋଳନ କରିବା କୌଣସି ଅପରାଧ ନୁହେଁ ବୋଲି କହି ସେ ଶୁକ୍ରବାର ଲୋକଙ୍କୁ ତ୍ରିରଙ୍ଗା ସହ ରାସ୍ତାକୁ ଓହ୍ଲାଇବାକୁ କହିଛନ୍ତି।

ସିଜେପିକୁ ରାହୁଲଙ୍କ ସମର୍ଥନ

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ନେତା ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ପାଞ୍ଚ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଯାଇଥିବା ବେଳେ ସେମାନଙ୍କ ସମର୍ଥନରେ ଆଗକୁ ଆସିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସମୟରେ ତ୍ରିରଙ୍ଗା ଉଡ଼ାଇବା ଅପରାଧ ନୁହେଁ ବୋଲି ସେ 'ଏକ୍ସ'ରେ ଲେଖିବା ସହ ଯୁବକମାନଙ୍କୁ ଜେଲ୍‌ରେ ରଖିବାକୁ ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଛାତ୍ର, ଯୁବକ, ସାମ୍ବାଦିକ ଓ 'ଇଣ୍ଡିଆ' ମେଣ୍ଟ ଭିନ୍ନ ଭିନ୍ନ ବ୍ୟାନରରେ ଆନ୍ଦୋଳନ କରୁଥିଲେ ମଧ ସେମାନଙ୍କ ଦାବିର ମୂଳରେ ରହିଛି ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଯନ୍ତରମନ୍ତର ଭାରତୀୟ ଜନତାଙ୍କର ଏବଂ ଏହାକୁ ପୁନର୍ବାର ଆନ୍ଦୋଳନସ୍ଥଳ ଭାବେ ଫେରାଇ ଅଣାଯିବ ବୋଲି ସେ କହିଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ରାହୁଲଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ଜେଲ୍‌ଗଲେ ସୌରଭ ଓ ଆଶୁତୋଷ

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରରେ ବିନା ଅନୁମତିରେ ପ୍ରବେଶ କରିବା ଏବଂ ଶାନ୍ତି ବଜାୟ ରଖିବା ସମ୍ପର୍କିତ ବଣ୍ଡର ସର୍ତ୍ତ ଉଲ୍ଲଂଘନ ଅଭିଯୋଗରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଦୁଇ ନେତା ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ପାଞ୍ଚ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଯାଇଛି। ଅନ୍ୟ ଜଣେ ସହଯୋଗୀ ଅଜିଙ୍କ୍ୟ ଶିନ୍ଦେ ଶାନ୍ତି ବଣ୍ଡରେ ସ୍ୱାକ୍ଷର କରିବା ପରେ ମୁକ୍ତ ହୋଇଛନ୍ତି। ବୁଧବାର ତିନି ଜଣଙ୍କୁ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ପୁନର୍ବାର ଆଇନ ଉଲ୍ଲଂଘନ କରିବା ଏବଂ ସାଧାରଣ ଶାନ୍ତି ଭଙ୍ଗ କରିବା ଆଶଙ୍କା ଦର୍ଶାଇ ପୁଲିସ ସୌରଭ ଓ ଆଶୁତୋଷଙ୍କୁ ନ୍ୟାୟିକ ହାଜତକୁ ପଠାଇବା ପାଇଁ ପଦକ୍ଷେପ ନେଇଥିଲା। ପୁଲିସ ସୂତ୍ର ଅନୁଯାୟୀ, ଯନ୍ତରମନ୍ତରରେ ପ୍ରବେଶ, ନିଷେଧାଦେଶ ଉଲ୍ଲଂଘନ, ଶାନ୍ତି ବଣ୍ଡର ସର୍ତ୍ତ ଭଙ୍ଗ ଏବଂ ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ ସମ୍ପାଦନରେ ବାଧା ସୃଷ୍ଟି ଭଳି ଅଭିଯୋଗରେ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୁଲିସର କହିବା ଅନୁସାରେ, ସମ୍ପୃକ୍ତ ସ୍ଥାନରେ ନିୟୋଜିତ କର୍ମଚାରୀଙ୍କୁ କାର୍ଯ୍ୟ ସମ୍ପାଦନରେ ବାଧା ଦେବା ଅଭିଯୋଗରେ ମୋଟ ୧୪ ଜଣଙ୍କୁ ଅଟକ ରଖାଯାଇଥିଲା। ଏହି ଘଟଣାକୁ ନେଇ ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯନ୍ତରମନ୍ତରରେ ତ୍ରିରଙ୍ଗା ଉତ୍ତୋଳନ କରିବା ହିଁ ଦୁଇ ନେତାଙ୍କ ଅପରାଧ ବୋଲି ସେ ସାମାଜିକ ଗଣମାଧମ 'ଏକ୍ସ'ରେ ଲେଖିଛନ୍ତି। ବିରୋଧର ସ୍ୱରକୁ ଦମନ କରିବା ପରିବର୍ତ୍ତ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ସିଜେପିର ଆଇନଜୀବୀ ଦଳର ମୁଖ୍ୟ ରତ୍ନା ସିଂହ ଅଭିଯୋଗ କରିଛନ୍ତି ଯେ, ତିନି ଜଣଙ୍କୁ ରାତି ପ୍ରାୟ ୩ଟାରେ ଏକ ଘରୋଇ ଗାଡ଼ିରେ ସଂସଦ ମାର୍ଗ ଥାନାକୁ ଅଣାଯାଇଥିଲା ଏବଂ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନଙ୍କୁ ଆଇନଜୀବୀଙ୍କ ସହ ସାକ୍ଷାତ କରିବାକୁ ଦିଆଯାଇନଥିଲା। ଏହାକୁ ସେ ବେଆଇନ ଅଟକ ରଖିବା ବୋଲି ଦାବି କରିଛନ୍ତି।

ଏୟାର ଇଣ୍ଡିଆ ବିମାନରେ ହାଇଜାକ୍ ଆଲର୍ଟ

ଜୟପୁର,୧୪।୧୦(ଏଜେନ୍ସି): ପାଇଲଟ୍‌ଙ୍କ ହାଇଜାକ୍ ସତର୍କ ସଙ୍କେତ ପରେ ଜର୍ମାନୀର ଫ୍ରାଙ୍କଫର୍ଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନକୁ ବୁଧବାର ଜୟପୁର ବିମାନବନ୍ଦରରେ ଅବତରଣ କରାଯାଇଛି। ବିମାନରେ ଥିବା ୨୯୩ ଯାତ୍ରୀ ଓ ୧୩ ଜଣ କର୍ମଚାରୀ ସୁରକ୍ଷିତ ଅଛନ୍ତି। ଘଟଣାର ତଦନ୍ତ ଆରମ୍ଭ କରିଛି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)। ଏଆଇ-୨୦୩୦ ବିମାନଟି ବୁଧବାର ସକାଳ ୯ଟା ୩୫ରେ ଜୟପୁରରେ ସୁରକ୍ଷିତ ଅବତରଣ କରିଥିଲା। ପରେ ଏହାକୁ ଯାଞ୍ଚ ପାଇଁ ପୃଥକ୍ ସ୍ଥାନରେ ରଖାଯାଇଥିଲା। ପ୍ରାଥମିକ ଯାଞ୍ଚରେ ବିମାନର କାର୍ଯ୍ୟପ୍ରଣାଳୀ ସ୍ୱାଭାବିକ ଥିବା ଜଣାପଡ଼ିଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ହାଇଜାକ୍ ଆଲର୍ଟଟି ମିଥ୍ୟା ଥିଲା। ସୁରକ୍ଷା ଯାଞ୍ଚ ପରେ ଯାତ୍ରୀମାନେ ପୁଣି ବିମାନରେ ଚଢ଼ିଥିବା ବେଳେ ଏହା ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର ଯୋଜନା ରହିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟାରେ ଅହମଦାବାଦ ବିମାନ ନିୟନ୍ତ୍ରଣ କେନ୍ଦ୍ରକୁ ବିମାନରୁ କିଛି ସେକେଣ୍ଡ ପାଇଁ ଜରୁରୀ ସଙ୍କେତ ମିଳିଥିଲା। ପାଇଲଟ୍ ବିମାନ ଅପହରଣ ସମ୍ପର୍କିତ ସତର୍କ ସୂଚନା ଦେବା ପାଇଁ ବ୍ୟବହୃତ ଅନ୍ତର୍ଜାତୀୟ ସଙ୍କେତ 'ସ୍କ୍ୱାକ୍ ୭୫୦୦' ସକ୍ରିୟ କରିଥିବା କୁହାଯାଉଛି। ଏହାପରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରାଯାଇଥିଲା। ପ୍ରାୟ ୯ଟା ୧୦ରେ ଦିଲ୍ଲୀ ବିମାନବନ୍ଦରର ନିୟନ୍ତ୍ରଣ କକ୍ଷ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଦିଗ ବଦଳାଇ ବିମାନଟିକୁ ଜୟପୁରକୁ ନେବାକୁ ନିଷ୍ପତ୍ତି ହୋଇଥିଲା। ଜୟପୁର ବିମାନବନ୍ଦରର ପରିଚାଳନା କରୁଥିବା ଆଦାନୀ ଏୟାରପୋର୍ଟ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ପରିସ୍ଥିତି ସ୍ୱାଭାବିକ ରହିଛି। ଏହି ସତର୍କ ସଙ୍କେତ କାହିଁକି ଦିଆଗଲା ଏବଂ 'ସ୍କ୍ୱାକ୍ ୭୫୦୦' କିପରି ସକ୍ରିୟ ହେଲା, ତାହାର ତଦନ୍ତ ଚାଲିଛି।

୪୦ କୋଟିର ହେରୋଇନ୍ ସହ ପଞ୍ଜାବ ପୁଲିସ ଗିରଫ

ଚଣ୍ଡୀଗଡ଼,୧୪।୧୦(ଏଜେନ୍ସି): ପଞ୍ଜାବର ତରନତାରନ ଜିଲ୍ଲାରେ ୧୫ କେଜି ହେରୋଇନ୍ ସହ ଜଣେ ପୁଲିସ କନଷ୍ଟେବଲ ଗିରଫ ହୋଇଛନ୍ତି। ଜବତ ହେରୋଇନ୍‌ର ମୂଲ୍ୟ ୪୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗିରଫ କନଷ୍ଟେବଲଙ୍କ ନାମ କରନଦୀପ ସିଂହ। ସୀମାନ୍ତ ଅଞ୍ଚଳରେ ଡ୍ରୋନ୍ ମାଧମରେ ହେଉଥିବା ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ଦାୟିତ୍ୱରେ ସେ ନିୟୋଜିତ ଥିଲେ। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଓ ତଦନ୍ତକାରୀ ସଂସ୍ଥାର ମିଳିତ ଅଭିଯାନରେ ସରାଇ ଅମାନତ ଖାନ୍ ଅଞ୍ଚଳରୁ ତାଙ୍କୁ ଧରାଯାଇଥିଲା। ସେ ସୀମାନ୍ତରୁ ହେରୋଇନ୍ ନିଜ ଗାଁ ଭୁସେକୁ ନେଉଥିବା ଅଭିଯୋଗ ହୋଇଛି। ଏହି ଚୋରାଚାଲାଣର ଉତ୍ସ, ନିଶାଦ୍ରବ୍ୟ କେଉଁଠାକୁ ଯିବାର ଥିଲା ଏବଂ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ, ସେ ନେଇ ତଦନ୍ତ ଚାଲିଛି।

ଦରମା ୯୦ ହଜାର: ବିଳାସପୂର୍ଣ୍ଣ କାର୍, ୫-ତାରକା ହୋଟେଲରେ ରହଣି

ମୁମ୍ବଇ,୧୪।୧୦(ଏଜେନ୍ସି): ମାସିକ ଦରମା ପ୍ରାୟ ୯୦ ହଜାର ଟଙ୍କା, କିନ୍ତୁ ବ୍ୟବହାର କରୁଥିଲେ ମର୍ସିଡିଜ୍ ଓ ବିଏମ୍‌ଡବ୍ଲ୍ୟୁ ଭଳି ବିଳାସପୂର୍ଣ୍ଣ କାର୍। ଏପରିକି ମୁମ୍ବାଇର ଏକ ପଞ୍ଚତାରକା ହୋଟେଲରେ ପ୍ରାୟ ୧୦୦ ଦିନ ରହିଥିବା ଅଭିଯୋଗ ମଧ ରହିଛି। ପୂର୍ବତନ ମୁମ୍ବଇ ପୁଲିସ ଅଧିକାରୀ ସଚିନ ୱାଜେଙ୍କ ଜୀବନଶୈଳୀକୁ ନେଇ ବମ୍ବେ ହାଇକୋର୍ଟରେ ଏପରି ପ୍ରଶ୍ନ ଉଠିଛି। ୱାଜେଙ୍କୁ ମିଳିଥିବା ଜାମିନକୁ ଚ୍ୟାଲେଞ୍ଜ କରି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦାଖଲ କରିଥିବା ଆବେଦନର ଶୁଣାଣି ବେଳେ ଏହି ପ୍ରସଙ୍ଗ ଉଠିଥିଲା। ସହକାରୀ ପୁଲିସ ନିରୀକ୍ଷକ ପଦବିରେ ଥିବା ଜଣେ ଅଧିକାରୀ କିପରି ଏତେ ଦାମୀ ଗାଡ଼ି ବ୍ୟବହାର କରୁଥିଲେ ଏବଂ ଦୀର୍ଘ ସମୟ ଧରି ପଞ୍ଚତାରକା ହୋଟେଲରେ ରହିବାର ଖର୍ଚ୍ଚ କିପରି ବହନ କରୁଥିଲେ, ତାହାକୁ ନେଇ ଅଦାଲତ ପ୍ରଶ୍ନ କରିଥିଲେ। ଏନ୍‌ଆଇଏ ପକ୍ଷରୁ କୁହାଯାଇଥିଲା ଯେ ୱାଜେ ମର୍ସିଡିଜ୍ ଓ ବିଏମ୍‌ଡବ୍ଲ୍ୟୁ ଭଳି ଦାମୀ ଗାଡ଼ିରେ ଯାତାୟାତ କରୁଥିଲେ। ସେ କେବଳ ନିଜ କାର୍ଯ୍ୟାଳୟକୁ ନୁହେଁ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ 'ବର୍ଷା'କୁ ମଧ ଏହି ଗାଡ଼ିରେ ଯାଉଥିବା ଏଜେନ୍ସି ଉଲ୍ଲେଖ କରିଥିଲା। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ମୁମ୍ବାଇସ୍ଥିତ ବାସଭବନ 'ଆଣ୍ଟିଲିଆ' ବାହାରେ ବିସ୍ଫୋରକ ଥିବା ଗାଡ଼ି ମିଳିବା ଏବଂ ବ୍ୟବସାୟୀ ମନସୁଖ ହିରେନଙ୍କ ହତ୍ୟା ମାମଲାରେ ମଧ ସଚିନ ୱାଜେଙ୍କ ନାମ ସାମ୍ନାକୁ ଆସିଥିଲା। ଏହି ମାମଲାଗୁଡ଼ିକର ତଦନ୍ତ କରି ଏନ୍‌ଆଇଏ ୱାଜେଙ୍କ ଭୂମିକାକୁ ନେଇ ଗୁରୁତର ଅଭିଯୋଗ ଆଣିଛି। ଆଣ୍ଟିଲିଆ ବାହାରେ ରଖାଯାଇଥିବା ଗାଡ଼ିରୁ ଜେଲାଟିନ୍ କାଠି ମିଳିବା ପ୍ରସଙ୍ଗରେ ମଧ ହାଇକୋର୍ଟ ତଦନ୍ତକାରୀ ସଂସ୍ଥାକୁ ପ୍ରଶ୍ନ କରିଥିଲେ। ଏହି ବିସ୍ଫୋରକ ସାମଗ୍ରୀ କେଉଁଠାରୁ ଆସିଥିଲା ଏବଂ ତଦନ୍ତରେ ଏହାର ଉତ୍ସ କାହିଁକି ଚିହ୍ନଟ ହୋଇପାରିଲା ନାହିଁ, ତାହା ଅଦାଲତ ଜାଣିବାକୁ ଚାହିଁଥିଲେ। ତଦନ୍ତରେ ୱାଜେ ସହଯୋଗ କରିନଥିବା ଏନ୍‌ଆଇଏ ଅଭିଯୋଗ କରିଛି। ୱାଜେଙ୍କୁ ମିଳିଥିବା ଜାମିନ ବିରୋଧରେ ଏନ୍‌ଆଇଏ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଜାମିନ ଉପରେ ରୋକ୍ ବଜାୟ ରଖିବାକୁ ଏଜେନ୍ସି ଅନୁରୋଧ କରିଥିଲା। ତେବେ, ଶୁଣାଣି ବେଳେ ଉଠିଥିବା ପ୍ରଶ୍ନଗୁଡ଼ିକ ନିଜେ କୌଣସି ଅଭିଯୋଗର ଚୂଡ଼ାନ୍ତ ପ୍ରମାଣ ନୁହେଁ। ମାମଲାର ଅଭିଯୋଗ ଓ ପ୍ରମାଣର ବିଚାର ନ୍ୟାୟିକ ପ୍ରକ୍ରିୟା ଅନୁସାରେ ହେବ।

ପୁଲିସ ଅଧିକାରୀଙ୍କ ଜୀବନଶୈଳୀକୁ ନେଇ ପ୍ରଶ୍ନ

ମିରଟ ନୀଳ ଡ୍ରମ୍ ହତ୍ୟା ମାମଲା: ପତ୍ନୀ, ପ୍ରେମିକଙ୍କୁ ମୃତ୍ୟୁଦଣ୍ଡ

ମିରଟ,୧୪।୧୦(ଏଜେନ୍ସି): ଉତ୍ତରପ୍ରଦେଶର ଚର୍ଚ୍ଚିତ ନୀଳ ଡ୍ରମ୍ ହତ୍ୟା ମାମଲାରେ ମୁସ୍କାନ ରସ୍ତୋଗୀ ଓ ତାଙ୍କ ପ୍ରେମିକ ସାହିଲ ଶୁକ୍ଲାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମିରଟ ଜିଲ୍ଲା ଅଦାଲତ। ମର୍ଚ୍ଚାଣ୍ଟ ନେଭି ଅଧିକାରୀ ସୌରଭ ରାଜପୁତଙ୍କ ହତ୍ୟା ମାମଲାରେ ଏହି ରାୟଆସିଛି। ତେବେ ଆଇନ ଅନୁଯାୟୀ, ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେବା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟଙ୍କ ଅନୁମୋଦନ ଆବଶ୍ୟକ। ବୁଧବାର ରାୟ ଶୁଣାଇବା ବେଳେ ଜିଲ୍ଲା ଓ ଦୌରାଜଜ୍ ଅରବିନ୍ଦ କୁମାର ମିଶ୍ର ମହାଭାରତର ଉଦାହରଣ ଦେଇଥିଲେ। ଦଣ୍ଡ ମଧ ଧର୍ମର ଏକ ରୂପ ବୋଲି ସେ ମତ ଦେଇଥିଲେ। ମୁସ୍କାନ ଓ ସାହିଲ ଜେଲ୍‌ରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣିରେ ଯୋଗ ଦେଇଥିଲେ। ଅଦାଲତରେ ସୌରଭଙ୍କ ମା' ରେଣୁ ରାଜପୁତ ଓ ତାଙ୍କ ଭାଇ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ, ୨୦୨୫ ମାର୍ଚ୍ଚ ୩ରେ ମୁସ୍କାନ ଓ ସାହିଲ ମିଶି ସୌରଭଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ସିମେଣ୍ଟ ଭର୍ତ୍ତି ନୀଳ ଡ୍ରମ୍‌ରେ ଲୁଚାଇ ରଖିଥିଲେ। ପରଦିନ ଘରୁ ଏହି ଡ୍ରମ୍ ମିଳିବା ପରେ ଘଟଣାଟି ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଅଭିଯୋଗପକ୍ଷର ଯୁକ୍ତି ଅନୁଯାୟୀ, ମୁସ୍କାନ ଓ ସାହିଲଙ୍କ ସମ୍ପର୍କକୁ ନେଇ ସୌରଭଙ୍କୁ ହତ୍ୟା କରିବାର ଯୋଜନା ହୋଇଥିଲା। ଗତ ସେପ୍ଟେମ୍ବରରେ ଅଦାଲତ ଉଭୟଙ୍କୁ ହତ୍ୟା ଓ ମୃତଦେହ ଲୁଚାଇବା ସମ୍ବନ୍ଧୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ। ପ୍ରାୟ ୧୩ ମାସ ଧରି ଚାଲିଥିବା ବିଚାର ପ୍ରକ୍ରିୟାରେ ୧୨୬ ଥର ଶୁଣାଣି ହୋଇଥିଲା। ରାୟ ପରେ ସୌରଭଙ୍କ ମା' ରେଣୁ ରାଜପୁତ ଦମ୍ପତିଙ୍କୁ ହିଂସାର ପଥ ନ ବାଛିବାକୁ ଆହ୍ୱାନ ଦେଇଥିଲେ। ଏକାଠି ରହିବାକୁ ଇଚ୍ଛା ନ ଥିଲେ ଅଲଗା ହୋଇଯିବା ଉଚିତ, କିନ୍ତୁ କାହାର ପୁଅକୁ ହତ୍ୟା କରିବା ଅନୁଚିତ ବୋଲି ସେ କହିଥିଲେ। ତାଙ୍କ ପୁଅର ସ୍ମୃତି ଘରର ପ୍ରତ୍ୟେକ କୋଣରେ ରହିଛି ବୋଲି ସେ ଭାବବିହ୍ୱଳ ହୋଇ କହିଥିଲେ। ମୁସ୍କାନଙ୍କ ମାତାପିତା ମଧ ଅଦାଲତରେ ଲିଖିତ ଭାବେ ଜଣାଇଥିଲେ ଯେ ଝିଅକୁ ମୃତ୍ୟୁଦଣ୍ଡ ଦିଆଗଲେ ସେମାନେ ଏହାର ବିରୋଧ କରିବେ ନାହିଁ। ସୌରଭଙ୍କ ପରିବାର ମଧ ଉଭୟଙ୍କ ପାଇଁ ସର୍ବାଧିକ ଦଣ୍ଡ ଦାବି କରିଥିଲେ। ଦୋଷୀ ସାବ୍ୟସ୍ତ ହେବା ପରେ ମୁସ୍କାନଙ୍କ ଆଚରଣରେ ପରିବର୍ତ୍ତନ ଆସିଥିବା ଜେଲ୍ ଅଧୀକ୍ଷକ କହିଛନ୍ତି। ସେ ଅନ୍ୟ ମହିଳା କଏଦୀଙ୍କ ସହ କଥା ହେବା ପରିବର୍ତ୍ତ ଏକାକୀ ରହିବା ଓ ପ୍ରାର୍ଥନା କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜେଲ୍‌ରେ ଜନ୍ମ ଦେଇଥିବା ନିଜ ଛୋଟ ଝିଅକୁ ଭେଟିବା ପାଇଁ ମଧ ସେ ଆଗ୍ରହ ପ୍ରକାଶ କରିଛନ୍ତି। ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଦଣ୍ଡାଦେଶ ପରେ ଉଭୟଙ୍କୁ ଜେଲ୍ ନିୟମ ଅନୁସାରେ ରହିବାକୁ ପଡ଼ିବ। ସେମାନଙ୍କୁ ନିର୍ଦ୍ଧାରିତ ପୋଷାକ ପିନ୍ଧିବାକୁ ହେବ ଏବଂ ନିୟମ ଅନୁସାରେ ଜେଲ୍ କାମରେ ନିୟୋଜିତ କରାଯାଇପାରେ। ନିୟମ ଅନୁଯାୟୀ, ମୁସ୍କାନ ଓ ସାହିଲଙ୍କୁ ପରସ୍ପର ସହ ଭେଟିବାକୁ ଅନୁମତି ନାହିଁ।

ସ୍ୱାମୀଙ୍କୁ ହତ୍ୟା ପରେ ନୀଳ ଡ୍ରମ୍‌ରେ ଲୁଚାଇଥିଲେ ମୃତଦେହ

ନବନିଯୁକ୍ତ ରାଜ୍ୟପାଳଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା

"ଓଡ଼ିଶାରେ ବିଜେପିକୁ କିପରି ଭୋଟ୍ ଆସିବ ଚିନ୍ତା କରିବି"

ଭୁବନେଶ୍ୱର,୧୪।୧୦(ସମିସ): ଓଡ଼ିଶାରେ ନବନିଯୁକ୍ତ ରାଜ୍ୟପାଳ ବ୍ରଜ ମୋହନ ରାମ୍‌ଙ୍କ ବକ୍ତବ୍ୟକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜୋର୍ ଧରିଛି। ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ଶ୍ରୀ ରାମ୍ ଦେଇଥିବା ମନ୍ତବ୍ୟକୁ ବିରୋଧୀ ରାଜନୈତିକ ଦଳ ସମେତ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ସୂଚନା ଥାଉ କି, ନବନିଯୁକ୍ତ ଓଡ଼ିଶା ରାଜ୍ୟପାଳ ବ୍ରଜ ମୋହନ ରାମ କହିଛନ୍ତି, "ମୋ ଭଳି ଜଣେ ସାଧାରଣ କର୍ମୀଙ୍କୁ ଦଳ ସ୍ୱୀକୃତି ଦେଇଛି। ସଂଗଠନ ପାଇଁ ମୁଁ କରିଥିବା କଠିନ ପରିଶ୍ରମ ଓ ନିରନ୍ତର ପ୍ରୟାସକୁ ଦଳ ସ୍ୱୀକାର କରିଛି। ଟିକଟ୍ ନ ମିଳିବା ସତ୍ତ୍ୱେ ମୁଁ ସଚ୍ଚୋଟତାର ସହ ଦଳ ପାଇଁ ସକ୍ରିୟ ଭାବେ କାମ କରିଚାଲିଥିଲି। ଆଜିକାଲି ଟିକଟ୍ ନ ମିଳିଲେ ଅନେକ ଲୋକ ସେହିଦିନ ସନ୍ଧ୍ୟାରେ ହିଁ ଅନ୍ୟ ଦଳକୁ ଚାଲିଯାଉଛନ୍ତି। କିନ୍ତୁ ମୋତେ ତିନିଥର ଟିକଟ୍ ମିଳି ନ ଥିଲେ ମଧ୍ୟ ମୁଁ ଦଳ ଛାଡ଼ି ନ ଥିଲି; ବରଂ ବିଜେପି ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ କାମ କରିଥିଲି। ମୋର ଦୃଢ଼ ଆଶା ଥିଲା ଯେ ଦଳ ନିଶ୍ଚିତ ଭାବେ ମୋତେ କୌଣସି ଦାୟିତ୍ୱ ଦେବା ପାଇଁ ବିଚାର କରିବ। ମାତା ରାଣୀଙ୍କ କୃପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହଙ୍କ ଆଶୀର୍ବାଦରୁ ମୋତେ ଏବେ

ଏହି ଉପଯୁକ୍ତ ସାମ୍ବିଧାନିକ ପଦବୀ ମିଳିଛି। ମୁଁ ଝାଡ଼ଖଣ୍ଡରେ ୩ ଥର ଏସ୍‌ସି ମୋର୍ଚ୍ଚା ଅଧ୍ୟକ୍ଷ ଭାବେ କାମ କରିଛି। ମୋର୍ଚ୍ଚାକୁ ଆଗକୁ ବଢ଼ାଇବାକୁ ଅନେକ କାମ କରିଛୁ। ସମାନ ଭାବେ ଓଡ଼ିଶାରେ ମଧ୍ୟ କିପରି ସ୍ଥିତି ଅଛି ଦେଖିବି। ଓଡ଼ିଶାରେ ଏସ୍‌ସି ମୋର୍ଚ୍ଚାକୁ ସକ୍ରିୟ କରାଇବା ସହ ବିଜେପିକୁ କିପରି ଭୋଟ୍ ଆସିବ ସେନେଇ ଚିନ୍ତା କରିବି।"

ରାଜ୍ୟପାଳ ଭାବେ ନିଯୁକ୍ତି ମିଳିବାର ଦିନକ ପରେ ଶ୍ରୀ ରାମଙ୍କ ଏହି ମନ୍ତବ୍ୟ ଉପରେ ବିଭିନ୍ନ ଦଳ ପ୍ରଶ୍ନ ଉଠାଇଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶ୍ରୀ ରାମଙ୍କ ମନ୍ତବ୍ୟକୁ

- ■ ଦଳୀୟ କାର୍ଯ୍ୟ ପାଇଁ ମନୋନୀତ ରାଜ୍ୟପାଳଙ୍କ ଉତ୍ସାହକୁ ଓଡ଼ିଶାବାସୀ ଦେଖୁଛନ୍ତି: ନବୀନ
- ■ ମନ୍ତବ୍ୟକୁ ପିସିସି ସଭାପତିଙ୍କ ନିନ୍ଦା, ଜାତୀୟ ସ୍ତରରେ ଭର୍ତ୍ସନା

କଟାକ୍ଷ କରିଛନ୍ତି। ନବୀନ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ନବୀନ ଲେଖିଛନ୍ତି, ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ମନୋନୀତ ବ୍ରଜ ମୋହନ ରାମଙ୍କୁ ହାର୍ଦ୍ଦିକ ସ୍ୱାଗତ। ଦଳୀୟ କାର୍ଯ୍ୟ କରିବା ପାଇଁ ମନୋନୀତ ରାଜ୍ୟପାଳଙ୍କ ଉତ୍ସାହକୁ ଓଡ଼ିଶାବାସୀ ଦେଖୁଛନ୍ତି। ଆଶା, ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ଟିକେ ଉତ୍ସାହ ଓ ଶକ୍ତି ପ୍ରଦାନ କରିବେ; ଯାହାଦ୍ୱାରା ସେ ନିରପେକ୍ଷ ଭାବେ ଏବଂ ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା କରି ନିଜ ଦାୟିତ୍ୱ ତୁଲାଇବେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଏହି ମନ୍ତବ୍ୟକୁ ନିନ୍ଦା କହିବା ସହ ନିରପେକ୍ଷ ଭାବେ ସମ୍ବିଧାନର ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା କରିବା ରାଜ୍ୟପାଳଙ୍କ କାମ ବୋଲି କହିଛନ୍ତି। କୌଣସି ରାଜନୈତିକ ଦଳର ନିର୍ବାଚନୀ ସ୍ୱାର୍ଥକୁ ଆଗକୁ ବଢ଼ାଇବା ନୁହେଁ। ସାମ୍ବିଧାନିକ ପଦପଦବୀ ସବୁବେଳେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଛନ୍ତି।

ଜାତୀୟ ସ୍ତରରେ ମଧ୍ୟ ଶ୍ରୀ ରାମ୍‌ଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଚାଲିଛି। ଏଆଇସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ପଵନ ଖେରା ଏହି ମନ୍ତବ୍ୟକୁ କଡ଼ା ନିନ୍ଦା କହିଛନ୍ତି। ସେ ନିଜ ସୋସିଆଲ୍ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ନବନିଯୁକ୍ତ ଓଡ଼ିଶା ରାଜ୍ୟପାଳ ତଥା ବିଜେପି ନେତା ବ୍ରଜ ମୋହନ ରାମ୍ ଖୋଲାଖୋଲି ଭାବେ ଘୋଷଣା କରିଛନ୍ତି ଯେ, ସେ ଓଡ଼ିଶାରେ ବିଜେପିକୁ ଅଧିକ ଭୋଟ୍ ଓ ନିର୍ବାଚନୀ ବିଜୟୀ କରିବା ପାଇଁ ନିଜର ସାମ୍ବିଧାନିକ ପଦବୀକୁ ବ୍ୟବହାର କରିବେ। ତାଙ୍କ ପାଇଁ ଜନସାଧାରଣ, ସମ୍ବିଧାନ ଓ ଦେଶଠାରୁ ଦଳ ଊର୍ଦ୍ଧ୍ୱରେ ବୋଲି ସେ ନିଜେ ସ୍ପଷ୍ଟ କରିଛନ୍ତି। ସେଥିପାଇଁ ତାଙ୍କ ଚେହେରାକୁ ଭଲ ଭାବେ ଦେଖନ୍ତୁ ଓ ମନେ ରଖନ୍ତୁ। ଜଣେ ଦେଶଦ୍ରୋହୀ ଦେଖିବାକୁ ଏମିତି ହୋଇଥାଏ ବୋଲି ଶ୍ରୀ ଖେରା ଉଲ୍ଲେଖ କରିଛନ୍ତି। ସେହିପରି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୌତ୍ର ମଧ୍ୟ ଏହି ମନ୍ତବ୍ୟକୁ ସମାଲୋଚନା କରିଛନ୍ତି।

ଆଜି ଟ୍ରିବ୍ୟୁନାଲରେ ମହାନଦୀ ଶୁଣାଣି

ସମାଧାନ ଦିଗରେ ଉଭୟ ରାଜ୍ୟ ସହମତ ହେବେ ତ ?

ଭୁବନେଶ୍ୱର,୧୪।୧୦(ସମିସ): ମହାନଦୀ ଜଳ ବିବାଦ ମାମଲାରେ ଆସନ୍ତାକାଲି ଟ୍ରିବ୍ୟୁନାଲରେ ଶୁଣାଣି ହେବ। ରାଜ୍ୟସ୍ୱାର୍ଥ ଦୃଷ୍ଟିରୁ ଏହୁ ଶୁଣାଣିକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଉଭୟ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ପ୍ରଥମେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର୍ ପାଟିଲ ଏବଂ ଗତ ୧ ତାରିଖରେ ନୂଆଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ସାରିଛି। ଆସନ୍ତା ଦୀପାବଳି ସୁଦ୍ଧା ବିବାଦର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଦୃଢ଼ୋକ୍ତି ପ୍ରକାଶ କରି ସାରିଛନ୍ତି। ଦୀପାବଳିକୁ ହାତରେ ମାତ୍ର ଆଉ ୨୩ ଦିନ ଥିବାବେଳେ ବିବାଦର ଉଭୟ ରାଜ୍ୟ ବିବାଦର କିପରି ପୂର୍ଣ୍ଣଚ୍ଛେଦ ଟାଣୁଛନ୍ତି, ସେନେଇ ରାଜ୍ୟବ୍ୟାପୀ ଉଭୟ ଆଶଙ୍କା ଏବଂ ଉତ୍କଣ୍ଠା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତକାଲି (ମଙ୍ଗଳବାର) ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକର ନିଷ୍କର୍ଷ ନେଇ ଉଭୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିବା ବେଳେ ଉଭୟ ରାଜ୍ୟ ମଧ୍ୟରେ କେତେକ ପ୍ରସଙ୍ଗରେ ଥିବା ଅସହମତି ବାବଦରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗଗୁଡ଼ିକ ମଧ୍ୟରେ ଅଣମୌସୁମୀ ସମୟରେ ଓଡ଼ିଶାକୁ ସର୍ବନିମ୍ନ ଆବଶ୍ୟକୀୟ ଜଳ ପ୍ରବାହ ସହ ଅନ୍ୟାନ୍ୟ ପ୍ରସଙ୍ଗ ରହିଛି। ବୈଷୟିକ କମିଟି କେଉଁ ନିଷ୍କର୍ଷରେ ପହଞ୍ଚିଛନ୍ତି, ସେନେଇ ଆସନ୍ତାକାଲି ଟ୍ରିବ୍ୟୁନାଲଙ୍କ ସାମ୍ନାରେ ତଥ୍ୟ ଉପସ୍ଥାପନ କରିବେ। ଏହି ତଥ୍ୟ ମହାନଦୀର ଭାଗ୍ୟ ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଶେଷଜ୍ଞ ମହଲରେ ଆଶା ପ୍ରକାଶ ପାଇଛି।

ତେବେ ମହାନଦୀ ଜଳ ବିବାଦ ସହ ଜଡ଼ିତ ରାଜ୍ୟର ସକ୍ରିୟ ଅନୁଷ୍ଠାନ, ବୁଦ୍ଧିଜୀବୀ, ଜଳ ବିଶେଷଜ୍ଞଙ୍କ ମନରେ ଏବେବି ଏକାଧିକ ପ୍ରଶ୍ନ ଏବଂ ସନ୍ଦେହ ଉଙ୍କି ମାରୁଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ ତଥା ଅନ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ମହାନଦୀ କେବଳ ଦୁଇଟି ରାଜ୍ୟ ମଧ୍ୟରେ ବାଣ୍ଟିବାକୁ ଥିବା ଜଳରାଶି ନୁହେଁ; ଏହା ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନରେଖା। କୃଷି, ପାନୀୟଜଳ, ମତ୍ସ୍ୟଜୀବୀ, ଜୀବିକା, ଶିଳ୍ପ ଏବଂ ନଦୀର ପରିବେଶୀୟ

- ■ ଦୀପାବଳି ସୁଦ୍ଧା ସମାଧାନ ନେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଦୃଢ଼ୋକ୍ତି
- ■ ୨୩ ଦିନ ମଧ୍ୟରେ ସମାଧାନ ନେଇ ରାଜ୍ୟବ୍ୟାପୀ ଆଶଙ୍କା ଓ ଉତ୍କଣ୍ଠା

ସୁରକ୍ଷା ସବୁକିଛି ମହାନଦୀ ସହିତ ଜଡ଼ିତ। ଟ୍ରିବ୍ୟୁନାଲ ପ୍ରକ୍ରିୟା ବାହାରେ କୌଣସି ରାଜନୈତିକ ବୁଝାମଣା ହେଲେ ମଧ୍ୟ ତାହା ସ୍ୱଚ୍ଛ, ବୈଜ୍ଞାନିକ, ଆଇନସମ୍ମତ ଏବଂ ଉଭୟ ରିପେରିଆନ୍ ରାଜ୍ୟର ଅଧିକାରକୁ ସୁରକ୍ଷିତ କରୁଥିବା ହେବା ଆବଶ୍ୟକ। ସେମାନଙ୍କ ପ୍ରଶ୍ନ ଅନୁଯାୟୀ, ମହାନଦୀର ଜଳ ଉପଲବ୍ଧତା ନିର୍ଦ୍ଧାରଣ ପାଇଁ ବ୍ୟବହୃତ ସମ୍ପୂର୍ଣ୍ଣ ହାଇଡ୍ରୋଲୋଜିକାଲ୍ ତଥ୍ୟ, ପଦ୍ଧତି ଓ ମାନଦଣ୍ଡ ସାର୍ବଜନୀନ କରାଯିବ କି? ବାର୍ଷିକ ହାରାହାରି ଜଳ ଉପଲବ୍ଧତା, ୭୫ ପ୍ରତିଶତ ନିର୍ଭରଶୀଳତାର ଜଳ ଏବଂ ଅଣ-ମୌସୁମୀ ଜଳ ଉପଲବ୍ଧତାକୁ ପୃଥକ୍ ଭାବେ ବିଚାର କରାଯିବ କି? ସେହିପରି ନଭେମ୍ବରରୁ ମେ ପର୍ଯ୍ୟନ୍ତ ଓଡ଼ିଶାର ପାନୀୟଜଳ, କୃଷି, ମତ୍ସ୍ୟଜୀବୀ, ଜୀବିକା ଓ ନଦୀର ପରିବେଶୀୟ ଆବଶ୍ୟକତା ପାଇଁ ନିଶ୍ଚିତ ନ୍ୟୁନତମ ଜଳପ୍ରବାହର ବ୍ୟବସ୍ଥା ରହିବ କି ବୋଲି ସାଧାରଣରେ ପ୍ରଶ୍ନ ଉତ୍ଥାପନ ହେଉଛି।

ବଲାଙ୍ଗିର ଜିଲ୍ଲା ଛାତ୍ର ବିଜେଡି ସଭାପତି ଗିରଫ

ନିର୍ବାଚନ ହାରିବା ଭୟରେ ଗିରଫଦାରୀ: ବିଜେଡି

ବଲାଙ୍ଗିର,୧୪।୧୦(ସମିସ): ଛାତ୍ର ସଂସଦ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବଲାଙ୍ଗିର ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୁମନ ନନ୍ଦଙ୍କୁ ଗିରଫ କରିଛି ଲକ୍ଷ୍ମୀଜୋର ପୁଲିସ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଦେବାଶିଷ ଶତପଥୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ପ୍ରଥମେ ତାଙ୍କୁ ଟାଉନ୍ ଥାନା ପୁଲିସ ଅଟକ ରଖିଥିବା ବେଳେ ସନ୍ଧ୍ୟାରେ ଲକ୍ଷ୍ମୀଜୋର ପୁଲିସ ଗିରଫ କରିଛି। ଏନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଥିବା ବେଳେ ପ୍ରତିବାଦରେ ବିଜେଡି ପକ୍ଷରୁ ଟାଉନ୍ ଥାନା ଘେରାଉ ସହ ରାସ୍ତାରୋକ କରାଯାଇଛି। ନିର୍ବାଚନ ହାରିବା ଭୟରେ ତାଙ୍କୁ ଗିରଫ କରାଯାଇଥିବା ବିଜେଡି ଅଭିଯୋଗ କରିଛି।

ସୂଚନା ଅନୁସାରେ, ମଙ୍ଗଳବାର ସର୍କିଟ୍ ହାଉସ୍‌ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁଗତ ତଥା ବ୍ୟକ୍ତିଗତ ସଚିବ୍ ଦେବାଶିଷ ଶତପଥୀ କିଛି ଏବିଭିପିର ଛାତ୍ରନେତାଙ୍କ ସହ ରହୁଥିବା ସୂଚନା ପାଇଁ ଛାତ୍ର ବିଜେଡ଼ିର କର୍ମୀମାନେ ସର୍କିଟ ହାଉସ୍‌କୁ ଯାଇ ପ୍ରତିବାଦ କରିବା ସହ ନିର୍ବାଚନ ପ୍ରଭାବିତ କରିବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ କରିଥିଲେ। ଏହି ସମୟରେ ସୁମନ ନନ୍ଦ ଦେବାଶିଷଙ୍କୁ ଦୁର୍ବ୍ୟବାହାର କରିଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଟାଉନ୍ ପୁଲିସ ବୁଧବାର ସୁମନଙ୍କୁ ଉଠାଇ ଆଣି ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ପରେ ତାଙ୍କୁ ଲକ୍ଷ୍ମୀଜୋର ପୁଲିସ ହେପାଜତକୁ ନେଇ କୋର୍ଟ ଚାଲାଣ କରିଛି। ଏହି ଗିରଫଦାରୀ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ପୁଲିସ କିଛି ସ୍ପଷ୍ଟ କରୁନଥିବା ବେଳେ ବଲାଙ୍ଗିର ବିଜେଡ଼ି ଅସନ୍ତୋଷ ପ୍ରକାଶ କରିଛି। ପରାଜୟ ଭୟରେ ସରକାରୀ ଦଳ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଗିରଫ କରିଥିବା ବିଜେଡ଼ି ନେତାମାନେ ଅଭିଯୋଗ କରିଛନ୍ତି। ଯେହେତୁ ଛାତ୍ର ବିଜେଡ଼ି ପ୍ରାର୍ଥୀମାନେ ନିର୍ବାଚନୀ ଦୌଡ଼ରେ ଆଗରେ ରହିଥିଲେ ସେମାନଙ୍କୁ ହରାଇବାକୁ ଏବିଭିପି ଓ ବିଜେପି ମିଶି ଏହି ଷଡ଼ଯନ୍ତ୍ର କରିଥିବା ବିଜେଡ଼ି ଅଭିଯୋଗ କରିଛି। ଏନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ବିଜେଡି ପକ୍ଷରୁ ଟାଉନ୍ ଥାନା ଘେରାଉ ସହ ରାସ୍ତାରୋକ କରାଯାଇଛି।

ସତ୍ୟବାଦୀ ବ୍ଲକ୍‌ରେ ବିଜେପି କର୍ମୀଙ୍କ ତୁମୁଳକାଣ୍ଡ

ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା, ଆକ୍ରମଣରେ ଭାଇ ଲହୁଲୁହାଣ

ସାକ୍ଷୀଗୋପାଳ,୧୪।୧୦(ସମିସ): ବୁଧବାର ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ କାର୍ଯ୍ୟାଳୟରେ ପଶି ତୁମୁଳକାଣ୍ଡ ଭିଆଇଛନ୍ତି ଶତାଧିକ ବିଜେପି କର୍ମୀ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ସହ କମ୍ପ୍ୟୁଟର, ଲାପଟପ୍, ଟିଭି, ପ୍ରିଣ୍ଟର ଓ ସିସିଟିଭି ହାର୍ଡଡିସ୍କ ଆଦି ନଷ୍ଟ କରିଛନ୍ତି। ସରକାରୀ କାଗଜପତ୍ର ନଷ୍ଟ କରିଛନ୍ତି ଓ ଉପସ୍ଥିତ ଥିବା ଅଧ୍ୟକ୍ଷଙ୍କ ଭାଇ ଶୁଭେନ୍ଦୁ ପଣ୍ଡାଙ୍କୁ ମାଡ଼ମାରି ଲହୁଲୁହାଣ କରିଛନ୍ତି। ଏହା ସହିତ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସଂଲଗ୍ନ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ୧୫୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି ଓ ୩୫ ଜଣଙ୍କୁ ଚିହ୍ନଟ କରାଯାଇଛି।

ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ କିଛି ବିଜେପି କର୍ମୀ ବିଧାୟକଙ୍କ ସପକ୍ଷରେ ସ୍ଲୋଗାନ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଧସେଇ ପଶିଥିଲେ। ସେତେବେଳେ ଅଧ୍ୟକ୍ଷ ଉପସ୍ଥିତ ନ ଥିଲେ ଓ ବିଜେପି କର୍ମୀମାନେ ଆସବାବପତ୍ର ଭଙ୍ଗାରୁଜା କରିବା ସହ ଆଲମାରିରେ ଥିବା ସରକାରୀ କାଗଜପତ୍ର ଓ ବହିପତ୍ର ଫିଙ୍ଗାଫୋପଡ଼ା କରିଥିଲେ। ଏହି ଅପ୍ରୀତିକର ପରିସ୍ଥିତିରେ ଅନ୍ୟ ଅଧିକାରୀମାନେ ଭୟଭୀତ ହୋଇପଡ଼ିଥିଲେ। ଘଟଣା ସମୟରେ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ଭାଇ ଶୁଭେନ୍ଦୁ ପଣ୍ଡା ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ

୧୫୦ରୁ ଊର୍ଦ୍ଧ୍ୱଙ୍କ ନାମରେ ଏତଲା; ଗିରଫ ଦାବିରେ ବିଜେଡିର ପ୍ରତିବାଦ

ଆକ୍ରମଣ କରିଥିଲେ। ତାଙ୍କ ମୁହଁ ଓ ନାକରୁ ରକ୍ତ ବାହାରିବାରୁ ତାଙ୍କୁ କିଛି ସହଯୋଗୀ ଡ଼ାକ୍ତରଖାନା ନେଇ ଯାଇଥିଲେ। ଖବର ପାଇ ଅଧ୍ୟକ୍ଷ ଶ୍ରୀ ପଣ୍ଡା କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ ବିଧାୟକଙ୍କ ସହଯୋଗୀ ବିଜେପି କର୍ମୀମାନେ ଚାଲି ଯାଇଥିଲେ। ଏହାକୁ ନେଇ ବ୍ଲକ୍ ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରିଛନ୍ତି ଓ ନ୍ୟାୟ ନ ମିଳିଲେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆତ୍ମାହୁତି ଦେବେ ବୋଲ ଚେତାବନୀ ଦେଇଛନ୍ତି।

ଖବର ପାଇର୍ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ମହାରଥୀ ଓ ବିଜେଡି ନେତା ସୁବ୍ରତ ଛାଟୋଇ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିବା ସହ ଭଙ୍ଗାରୁଜାକୁ ତୀବ୍ର ନିନ୍ଦା କରିଥିଲେ। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏହି ଘଟଣାକୁ ବିଜେପି ସରକାରଙ୍କ ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିବାବେଳେ ଶ୍ରୀ ମହାରଥୀ ସତ୍ୟବାଦୀ ଭଳି ମାଟିରେ ଅଶାନ୍ତିର ବୀଜ ପୋତାଯାଇଥିବା କହିଛନ୍ତି। ଅନ୍ୟପକ୍ଷରେ ଉମାକାନ୍ତ ସାମନ୍ତରାୟ ଏହି ଘଟଣା ପଛରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ହାତ ଥିବା ଅଭିଯୋଗ ଆଣିଛନ୍ତି। ସନ୍ଧ୍ୟାରେ ତୁରନ୍ତ ନ୍ୟାୟ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ ଓ ଧାରଣା ଦିଆଯାଇଛି। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍‌ପ୍ରକାଶ ପରିଡ଼ା, ପହଞ୍ଚିଛନ୍ତି। ଘଟଣା ସମ୍ପର୍କରେ ବ୍ଲକ୍ ଅଧ୍ୟକ୍ଷ ଓ ବିଡିଓ ପୃଥକ୍ ଭାବେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି।

ଥାନା ଅଧିକାରୀଙ୍କ ସୂଚନାନୁଯାୟୀ, ୪୦୭/୨୬ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଶଙ୍କର୍ଷଣ ପ୍ରଧାନ, ମିଲୁ ଶତପଥୀ, ମଣ୍ଟୁ ଷଡ଼ଙ୍ଗୀ, ବୁଟେଇ ପ୍ରଧାନ, ପ୍ରଜ୍ଞାସ ପାତ୍ର, ନବୀନ ମହାପାତ୍ର ଓ ସୁମନ୍ତ ମହାପାତ୍ରଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ନାମ ଅଭିଯୋଗରେ ରହିଛି ଓ ୪ ଜଣଙ୍କୁ ଅଟକ ରଖାଯାଇଛି ବୋଲି ସେ କହିଛନ୍ତି।

ରାଜ୍ୟରେ ଅରାଜକତା ସୀମା ଟପୁଛି: ନବୀନ

ଭୁବନେଶ୍ୱର,୧୪।୧୦(ସମିସ): ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟଆଳୟରେ ଭଙ୍ଗାରୁଜା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଅରାଜକତା ପାଇଁ ଓଡ଼ିଶା ଏବେ ବିଶ୍ୱ ଦରବାରରେ ନିନ୍ଦିତ ହେଉଛି। ସରକାର ନିନ୍ଦାବିଷ୍ଟ ସାଜି କାହିଁକି ଏହାକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ରାଜ୍ୟରେ ଅରାଜକତା ସୀମା ଟପୁଛି, ସତ୍ୟବାଦୀ ବ୍ଲକ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପିର କର୍ମୀମାନେ ଘଟାଇଥିବା ହିଂସାକାଣ୍ଡ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହାକୁ ଦୃଢ଼ତାର ସହ ନିନ୍ଦା କରୁଛି। ଏପରି ଅରାଜକତାକୁ ସରକାର କାହିଁକି ବାରମ୍ବାର ପ୍ରଶ୍ରୟ ଦେଉଛନ୍ତି? ସରକାରରେ ଅଛନ୍ତି ବୋଲି କ'ଣ ବିଜେପିର କର୍ମୀମାନେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ହିଂସା ଘଟାଇବେ? ଲୋକଙ୍କ ସମ୍ପତ୍ତି ଭଙ୍ଗାରୁଜା କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜେପି ସରକାରକୁ ଆସିବା ପରେ ଭୁବନେଶ୍ୱରର ବିଏମସି କାର୍ଯ୍ୟାଳୟଠୁ ନେଇ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, ଆଠଗଡ଼ ଓ ଜଟଣୀରେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପି କର୍ମୀମାନେ ଘଟାଇଥିବା କାଣ୍ଡକୁ ଓଡ଼ିଶାବାସୀ ଭୁଲି ନାହାନ୍ତି। ହେଲେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ? ଶାନ୍ତିପ୍ରିୟ ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ। ଓଡ଼ିଶାବାସୀ ନିଶ୍ଚୟ ଏହାର ଉଚିତ୍ ଜବାବ ଦେବେ ବୋଲି ସେ ସତର୍କବାଣୀ ଶୁଣାଇଛନ୍ତି।

ନିର୍ଣ୍ଣାୟକ ମୋଡ଼ରେ ନିମାପଡ଼ା ରାଜନୀତି

କଲେଜରେ ବାଜି ଲାଗିଛି ସମୀର ଓ ପ୍ରଭାତୀଙ୍କ ସମ୍ମାନ

ପୁରୀ,୧୪।୧୦(ସମିସ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ ଏବେ ସରଗରମ ହୋଇଛି ସ୍ଥାନୀୟ ରାଜନୀତି। କଲେଜ କ୍ୟାମ୍ପସ୍‌ରେ ଛାତ୍ରନେତା ବାଛିବା ପାଇଁ ଭୋଟ୍ ହେବାକୁ ଥିବାବେଳେ ଏହାର ପ୍ରଭାବ କ୍ୟାମ୍ପସ୍ ବାହାରେ ମଧ୍ୟ ଅନୁଭୂତ ହେଉଛି। ଗୋଟିଏ ପଟେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ଦଳ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି, ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମର୍ଥିତ ଛାତ୍ର ଗୋଷ୍ଠୀ। ତେଣୁ ଏହି ନିର୍ବାଚନକୁ ସମୀରଙ୍କ 'ପ୍ରତିଶୋଧ' ବନାମ ପ୍ରଭାତୀଙ୍କ 'ସମ୍ମାନ' ଲଢ଼େଇ ଭାବେ ଦେଖୁଛନ୍ତି ରାଜନୈତିକ ପର୍ଯ୍ୟବେକ୍ଷକ।

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକର ପ୍ରତ୍ୟକ୍ଷ ଓ ପରୋକ୍ଷ ଭୂମିକାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବିଭିନ୍ନ କଲେଜରେ ନିର୍ବାଚନ ବନ୍ଦ ହେବା ଓ କେତେକ ସ୍ଥାନରେ ଗଣ୍ଡଗୋଳ ଘଟଣା ମଧ୍ୟ ଚିନ୍ତା ବଢ଼ାଇଛି। ଏହି ପରିସ୍ଥିତିରେ ନିମାପଡ଼ା କଲେଜ ନିର୍ବାଚନ ଅଧିକ ଗୁରୁତ୍ୱ ବହନ କରୁଛି। ନିର୍ବାଚନ ଆରମ୍ଭରୁ ହିଁ ନିମାପଡ଼ା କଲେଜରେ ବିବାଦ ଦେଖାଦେଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଥିବା ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଉପସ୍ଥାନ ହାର କମ୍ ଥିବା ଦର୍ଶାଇ ନାକଚ କରାଯାଇଥିଲା। ଏହାପରେ ରାଜନୈତିକ ବିବାଦ ତୀବ୍ର ହୋଇଥିଲା। ପରାଜୟ ଭୟରେ ଶାସକ ଦଳର ଚାପରେ ଏଭଳି ପଦକ୍ଷେପ ନିଆଯାଇଥିବା ବିସିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା। ଏହା ପଛରେ ପ୍ରଭାତୀ ପରିଡ଼ାଙ୍କ ଭୂମିକା ଥିବା ଏବଂ କଲେଜ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଯାଇଥିବା ମଧ୍ୟ ଅଭିଯୋଗ ଉଠିଥିଲା। ପ୍ରାର୍ଥିପତ୍ର ନାକଚ ପ୍ରତିବାଦରେ ବିସିଜେଡି ପକ୍ଷରୁ ରାସ୍ତାରୋକ, କଲେଜ ପରିସରରେ ଧାରଣା ଓ ବିକ୍ଷୋଭ କରାଯାଇଥିଲା। କିନ୍ତୁ ଦାବି ପୂରଣ ନ ହେବାରୁ ଶେଷରେ ବିକଳ୍ପ ରଣନୀତି ଆପଣାଇଛି ଛାତ୍ର ସଂଗଠନ।

ବିସିଜେଡି, ଏଆଇଏସ୍‌ଏଫ୍, ଅନ୍ୟ ଗୋଷ୍ଠୀକୁ ନେଇ ଏକ ମିଳିତ ମଞ୍ଚ ଗଠନ ହୋଇଛି। ଏହି ମଞ୍ଚ ସମୀର ରଞ୍ଜନ ଦାଶଙ୍କ ସମର୍ଥିତ ଛାତ୍ର ସଂଗଠନ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଘୋଷଣା କରିଛି। ଫଳରେ ନିର୍ବାଚନ ମଇଦାନରେ ଏବିଭିପିକୁ ମିଳିତ ଛାତ୍ର ମଞ୍ଚର ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡ଼ିବ। ବିସିଜେଡିର ପ୍ରାର୍ଥୀମାନଙ୍କ ନାମାଙ୍କନ ନାକଚ ହେବା ପରେ ଏହି ମିଳିତ ମଞ୍ଚ ଗଠନକୁ ସମୀରଙ୍କ ରାଜନୈତିକ ରଣନୀତିର ଏକ ଅଂଶ ଭାବେ ଦେଖାଯାଉଛି। ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ମିଳିତ ଭୋଟର ଗଣିତ ଉପରେ ଭରସା କରୁଛି ଏହି ଗୋଷ୍ଠୀ। ଅନ୍ୟପଟେ ଏବିଭିପି ମଧ୍ୟ ନିଜ ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରୁଛି।

ନିମାପଡ଼ା ରାଜନୀତିରେ ସମୀର ଓ ପ୍ରଭାତୀଙ୍କ ସମ୍ପର୍କକୁ ନେଇ ପୂର୍ବରୁ ମଧ୍ୟ ବିଭିନ୍ନ ଆଲୋଚନା ହୋଇଆସୁଛି। ପ୍ରଭାତୀଙ୍କ ରାଜନୈତିକ ଉତ୍‌ଥାନରେ ସମୀରଙ୍କ ସମର୍ଥନର ଭୂମିକା ଥିବା ଏବଂ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥିବା ଚର୍ଚ୍ଚା ଜୋର୍ ଧରିଛି। ଏହି ପୃଷ୍ଠଭୂମିରେ ନିମାପଡ଼ା କଲେଜ ନିର୍ବାଚନକୁ ଉଭୟଙ୍କ ରାଜନୈତିକ ପ୍ରଭାବର ଏକ ପରୀକ୍ଷା ଭାବେ ଦେଖାଯାଉଛି। ସମୀରଙ୍କ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ତାଙ୍କ ପାଇଁ ରାଜନୈତିକ ଶକ୍ତି ପ୍ରଦର୍ଶନର ସୁଯୋଗ ହୋଇପାରେ। ସେହିପରି ଏବିଭିପିର ସଫଳତା ପ୍ରଭାତୀଙ୍କ ସ୍ଥାନୀୟ ପ୍ରଭାବକୁ ଅଧିକ ମଜଭୁତ କରିବାର ବାର୍ତ୍ତା ଦେଇପାରେ।

ଛାତ୍ର ସଂସଦ ନିର୍ବାଚନ ହେଉଛି କ୍ୟାମ୍ପସର ନେତୃତ୍ୱ ବାଛିବାର ଏକ ଗଣତାନ୍ତ୍ରିକ ପ୍ରକ୍ରିୟା। ହେଲେ ନିମାପଡ଼ାରେ ଏହା ଏବେ ଗୋଟିଏ ରାଜନୈତିକ ଦଳ(ବିଜେପି)ରେ ଥିବା ଦୁଇ ଆଗଧାଡ଼ିର ନେତାଙ୍କ ସମ୍ମାନର ପ୍ରଶ୍ନ ପାଲଟିଛି। ଆଗାମୀ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ ପୂର୍ବରୁ ଏହି ଫଳାଫଳ ସ୍ଥାନୀୟ ରାଜନୀତିକୁ କେଉଁ ଦିଗକୁ ନେବ, ତାହା ଉପରେ ମଧ୍ୟ ନଜର ରହିଛି। ସାମଗ୍ରିକ ଭାବେ ନିମାପଡ଼ା କଲେଜ ନିର୍ବାଚନରେ ଏବିଭିପି ଓ ମିଳିତ ଛାତ୍ର ମଞ୍ଚ ମଧ୍ୟରେ ହେବାକୁ ଥିବା ମୁକାବିଲା ଉପରେ ସମସ୍ତଙ୍କ ନଜର। ସମୀରଙ୍କ 'ପ୍ରତିଶୋଧ'ର ରାଜନୈତିକ ରଣନୀତି ସଫଳ ହେବ ନା ପ୍ରଭାତୀଙ୍କ 'ସମ୍ମାନ' ବଜାୟ ରହିବ ତାହାର ଉତ୍ତର ଦେବ ନିର୍ବାଚନ ଫଳାଫଳ।

ଦିଗପହଣ୍ଡି ବିଜେପିରେ ଫାଟ!

ଦାଣ୍ଡରେ ପଡ଼ି ହାଟରେ ଗଡୁଛି

ଦିଗପହଣ୍ଡି,୧୪।୧୦(ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶାସକ ବିଜେପିରେ ଗୋଷ୍ଠୀ କନ୍ଦଳ ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ପଞ୍ଚାୟତ ଓ ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ବିଜେପି ନେତୃମଣ୍ଡଳୀ ଓ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ବହୁସଂଖ୍ୟକ ଦଳୀୟ ନେତା ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ରଙ୍କ କାର୍ଯ୍ୟକଳାପ ବିରୋଧରେ ମେଳି ବାନ୍ଧିଛନ୍ତି। ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ବିଧାୟକଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ବୁଧବାର ଦିଗପହଣ୍ଡି ନିର୍ବାଚନମଣ୍ଡଳୀର କୁକୁଡାଖଣ୍ଡି ବ୍ଲକ ଅଧିନ ଅଧିଷ୍ଠାତ୍ରୀ ଦେବୀ ମା' ମହୁରୀ କାଳୁଆ ଶକ୍ତିପୀଠରେ ବିଧାୟକଙ୍କ ବିରୋଧୀ ଭାବେ ଜଣାଶୁଣା ବିଜେପି ନେତୃମଣ୍ଡଳୀ ଏକତ୍ରିତ ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ବିପିନଙ୍କ ନେତୃତ୍ୱରେ ଆୟୋଜିତ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ସଭାରେ ବିଧାୟକଙ୍କ ବିରୋଧରେ ଉପେକ୍ଷିତ ବହୁ ସଂଖ୍ୟକ ଦଳୀୟ ନେତୃବୃନ୍ଦ ଗର୍ଜନ କରିଛନ୍ତି। ବିଧାୟକଙ୍କ ଦଳବିରୋଧୀ କାର୍ଯ୍ୟକଳାପ ଓ ଦଳୀୟ ନେତୃବୃନ୍ଦଙ୍କୁ ଉପେକ୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାରେ ସଂକଳ୍ପ ପାରିତ କରାଯାଇଥିଲା। ତେବେ ସଭାରେ ଉପସ୍ଥିତ ଦଳୀୟ ଜିଲ୍ଲା ସଭାପତି ସରୋଜ ସାବତ ବିଧାୟକଙ୍କ ସପକ୍ଷରେ ଦେଇଥିବା ମନ୍ତବ୍ୟକୁ ନେଇ ସଭାରେ ଉପସ୍ଥିତ ବହୁ ସଂଖ୍ୟକ ଆଗଧାଡ଼ିର କର୍ମୀ ଉତ୍ତେଜିତ ହେବା ସହ ହୋହାଲ୍ଲା କରିଥିଲେ। ପରେ ବିପିନ ଏବଂ ଅନ୍ୟକିଛି ଦଳୀୟ ନେତା ଏଥିରେ ହସ୍ତକ୍ଷେପ କରି ସେମାନଙ୍କୁ ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସଭାରେ ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ ସମେତ ଦିଗପହଣ୍ଡି ବିଜେପିର ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦଳୀୟ ନେତୃବୃନ୍ଦ ସେମାନଙ୍କ ସମସ୍ୟା ସମ୍ପର୍କରେ ଉଦବୋଧନ ଦେବା ସହ ବିଧାୟକ କିପରି ପ୍ରତିପକ୍ଷ ରାଜନୈତିକ ଦଳର ନେତାମାନଙ୍କୁ ସାଙ୍ଗରେ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏପରିକି ଗତ ବିଧାନସଭା ନିର୍ବାଚନରେ ତାଙ୍କୁ ଯେଉଁମାନେ ତାଙ୍କୁ ବିରୋଧ କରୁଥିଲେ। ସେମାନଙ୍କୁ ବିଧାୟକ ଏବେ ଗୁରୁତ୍ୱ ଦେଉଛନ୍ତି। ଗାଁ ଗାଁରେ ଭାଜପାର ସଙ୍ଗଠନକୁ ସେ ଭାଙ୍ଗିବା ସହ ସମାନ୍ତରାଳ ସଂଗଠନ ତିଆରି

- ■ ମହୁରୀ କାଳୁଆରେ ବିଧାୟକ ବିରୋଧୀ ଗୋଷ୍ଠୀର ଗର୍ଜନ
- ■ ସଭାରେ ଜିଲ୍ଲା ସଭାପତିଙ୍କ ମନ୍ତବ୍ୟକୁ ନେଇ ଉତ୍ତେଜନା
- ■ ବିରୋଧୀଙ୍କ ଚକ୍ରାନ୍ତ ସଫଳ ହେବନାହିଁ : ବିଧାୟକ

କରି ଭାଜପା ନୁହେଁ ବ୍ୟକ୍ତିଗତ ଭାବେ ସିଦ୍ଧାନ୍ତ ଲିଗାସି ସୃଷ୍ଟି କରୁଛନ୍ତି। ପୁରୁଖା ଭାଜପା ନେତୃବୃନ୍ଦଙ୍କୁ ବିଧାୟକ ହତାଦର କରି ଭାଜପାର ଚିରାଚରିତ ଶତ୍ରୁମାନଙ୍କୁ ପ୍ରଶ୍ରୟ ଦେଉଛନ୍ତି। ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଏବଂ ଦଳ ପ୍ରତି ସମର୍ପିତ କର୍ମୀମାନଙ୍କୁ ବିଧାୟକ ଉପେକ୍ଷା କରିବା ସହ ପଞ୍ଚାୟତର ବିକାଶ କାର୍ଯ୍ୟ ଗୁଡିକରେ ବାଧକ ସୃଷ୍ଟି କରି ଆସୁଛନ୍ତି। ବିଧାୟକଙ୍କ ପ୍ରତିନିଧି ବୋଲି ପରିଚୟ ଦେଇ ଜଣେ ବ୍ୟକ୍ତି ବିଭିନ୍ନ ଅଧିକାରୀଙ୍କ ଠାରୁ ବିଧାୟକଙ୍କ ଜାଣତରେ ଅର୍ଥ ଆଦାୟ କରୁଥିବା ସହ ବିଭିନ୍ନ ଯୋଜନାରେ ହେଉଥିବା କାର୍ଯ୍ୟର ଠିକା ଅନ୍ୟ ଦଳର ବ୍ୟକ୍ତି ବିଶେଷଙ୍କୁ ଦିଆଯାଉଥିବା ନେଇ ସଭାରେ ଅଭିଯୋଗ ହୋଇଥିଲା। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ବିଧାୟକଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ବିରୋଧ କରାଯିବ ବୋଲି ସଭାରେ ଘୋଷଣା କରାଯାଇଥିଲା। ପରେ ଶକ୍ତିପୀଠ ପରିସରରେ ବିଭିନ୍ନ କିସମର ବୃକ୍ଷ ଚାରାରୋପଣ କରାଯାଇଥିଲା। ସଭାରେ ମହନ୍ତ ଚିନ୍ମୟାନନ୍ଦ ମହାରାଜ, ଜିଲ୍ଲା କାର୍ଯ୍ୟକର୍ତ୍ତା ସିଦ୍ଧାନ୍ତ ଗଙ୍ଗଦେବ, ଶ୍ରୀକାନ୍ତ ପାଢ଼ୀ, ପରେଶ ଚନ୍ଦ୍ର ରଥ , ବମୋକେଇ ସରପଞ୍ଚ ତପନ ପ୍ରଧାନ, ପୂର୍ବତନ ସରପଞ୍ଚ ସଂଗ୍ରାମ ସିଂ, ଭଗବାନ ବାଡ଼ତ୍ୟା , କୃଷ୍ଣଚନ୍ଦ୍ର ସାହୁ, ବ୍ରହ୍ମପୁର ଏମ.ପି ପ୍ରତିନିଧି କେ.ହରିବନ୍ଧୁ ରେଡ୍ଡୀ, ଭବାନୀ ଶଙ୍କର ପଣ୍ଡା, ଆଇନଜୀବୀ ସିମାଞ୍ଚଳ ପ୍ରଧାନ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି କିଶୋର କୁମାର ସାହୁ,ବାବୁଲା ପାତ୍ର,ଦୀପକ ମହାପାତ୍ର, ପଦ୍ମନାଭପୁର ପଞ୍ଚାୟତ ପ୍ରଭାରୀ ଶୁଭେନ୍ଦୁ ପାଢ଼ୀ , ବାଘଲଟି ସମିତି ସଭ୍ୟ ସାରଥୀ ଗୌଡ଼, ମହୁଡ଼ା ସମିତି ସଭ୍ୟ ଜତିନ୍ଦ୍ର ପାତ୍ର, ବଡ଼ଡୁମ୍ବୁଳା ସମିତି ସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, ଆଙ୍କୁଶପୁର ମଣ୍ଡଳ ସଭାପତି ଏ . ବାବୁଲା ପାତ୍ର, ମହୁଡା ମଣ୍ଡଳ ସଭାପତି ଦୀପକ ମହାପାତ୍ର, ବାଲିପଡା ମଣ୍ଡଳ ସଭାପତି ଲଳିତ ବିଷୋୟୀ , ପୂର୍ବତନ ସମିତି ସଭ୍ୟ ଶୁଭ୍ରାଂଶୁ ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି ସିମାଞ୍ଚଳ ସାସମଲ, କାର୍ଯ୍ୟକର୍ତ୍ତା ସନ୍ନ୍ୟାସୀ ପ୍ରଧାନ, ଏ. ନନ୍ଦକିଶୋର, ପଙ୍କଜ ସାହୁ, ମନୋଜ କୁମାର ସାହୁଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଧାୟକଙ୍କୁ ଏନେଇ ପଚାରିବାରୁ କିଛି ନେତୃବୃନ୍ଦ ଚଳାଉଥିବା ଗତାନୁଗତିକ ଅଗଣତାନ୍ତ୍ରିକ ଧାରାକୁ ଭାଙ୍ଗି ସେ ସିଧାସଳଖ ଲୋକଙ୍କ ସହ ଯୋଡ଼ି ହେଉଥିବାରୁ ତାଙ୍କୁ ହାତଗଣତି କିଛି ବ୍ୟକ୍ତି ଦଳରେ ବିରୋଧ କରୁଛନ୍ତି। ପୂର୍ବରୁ କିଛି ବ୍ୟକ୍ତି ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟକୁ ତାଙ୍କ ଅଙ୍ଗୁଳିରେ ପରିଚାଳନା କରୁଥିଲେ। ସେ ବର୍ତ୍ତମାନ ମଧ୍ୟ ସେହିଭଳି ଢାଞ୍ଚାରେ ବ୍ଲକ କାର୍ଯ୍ୟାଳୟକୁ ତାଙ୍କ ଖାସମହାଲ କରିବାକୁ ଚାହୁଁଥିଲେ। ଯାହାକୁ ସେ ସୁଯୋଗ ଦେଲେ ନାହିଁ। ସେ ବିଧାୟକ ଭାବେ ନିର୍ବାଚିତ ହେବାପରେ ସେହି ଅଜବ ଗଜବ ପରମ୍ପରାକୁ ବିଲୋପ କରିଦିଆଯାଇଛି। ତେଣୁ ତାଙ୍କ ବିରୋଧରେ ଲୋକଙ୍କୁ ପ୍ରଭାବିତ ପାଇଁ ଉଦ୍ୟମ କରାଯାଉଛି। ମୁଁ ସେମାନଙ୍କୁ ଏବେବି ସମ୍ମାନ ଦେଉଛି। କିନ୍ତୁ ସେମାନଙ୍କ ଷଡ଼ଯନ୍ତ୍ର ସଫଳ ହେବନାହିଁ ବୋଲି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି।

ସକାଳ THE SAKALA

ସରିଲା ପ୍ରଚାର; ଆଜି ନିର୍ବାଚନ

ମହିଳା ମହାବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ନିର୍ବାଚନ, ଜିଏମ୍‌ୟୁରେ ମନୋନୟନ

ସମ୍ବଲପୁର, ୧୪।୧୦ (ସମିସ) : ସରିଲା ପ୍ରଚାର, ଗୁରୁବାର ଛାତ୍ରସଂସଦ ନିର୍ବାଚନ। ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରଠାରେ ସରକାରୀ ମହିଳା ମହାବିଦ୍ୟାଳୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ନିର୍ବାଚନ ହେବାକୁ ଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମନୋନୟନ (ସିଲେକ୍ସନ୍) ହେବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ପ୍ରାୟ ସମସ୍ତଙ୍କ ନାମାଙ୍କନ ନାକଚ ହେବାପରେ, କେବଳ ଜଣେ ଲେଖାଏ ସଭାପତି, ସାଧାରଣ ସମ୍ପାଦକ ଏବଂ ସହକାରୀ ସାଧାରଣ ସମ୍ପାଦକ ରହିଯାଇଛନ୍ତି। ସେମାନଙ୍କୁ ନିର୍ବାଚିତ ଘୋଷଣା କରାଯାଇଥିବାବେଳେ ଅନ୍ୟ ଛାତ୍ର ସଂଗଠନ ପକ୍ଷରୁ ପକ୍ଷପାତିତା ଅଭିଯୋଗ ହୋଇଛି। ଗତ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ଏବଂ ୧୦ରେ ପ୍ରତ୍ୟାହାର ଅବଧି ପରେ ରହିଯାଇଥିବା ଯୋଗ୍ୟ ପ୍ରାର୍ଥୀମାନେ ତିନିଦିନ ଧରି ପ୍ରଚାର କରିବାପରେ ଆଜି 'ମୁଁ କାହିଁକି ଛିଡ଼ା ହୋଇଛି' (ହ୍ୱାଏ ଆଇ ଷ୍ଟାଣ୍ଡ ଫର୍) ରେ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆସନ୍ତାକାଲି ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ନିର୍ବାଚନରେ ଭୋଟଦାନ ସହ ଅପରାହ୍ଣରେ ଭୋଟଗଣତି ପରେ ଫଳାଫଳ ଘୋଷଣା କରାଯିବ। ୧୬ ତାରିଖ ନୂତନ ଛାତ୍ରସଂସଦ ଶପଥ ଗ୍ରହଣ କରିବେ।

ସରକାରୀ ମହିଳା ମହାବିଦ୍ୟାଳୟ ସଭାନେତ୍ରୀ ଓ ସାଧାରଣ ସମ୍ପାଦିକା ପଦରେ ତ୍ରିମୁଖୀ ଲଢ଼େଇ

ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରସଂସଦର ସଭାନେତ୍ରୀ ଓ ସାଧାରଣ ସମ୍ପାଦିକା ପଦ ସକାଶେ ତ୍ରିମୁଖୀ ଲଢ଼େଇ ହେବ। ସଭାନେତ୍ରୀ ପଦ ପାଇଁ ୟୁଜି ପଞ୍ଚମ ସେମିଷ୍ଟାରର ଆକାଂକ୍ଷା ଅଗ୍ରଜା ଭୋଇ, ପିଜି (ଗୃହବିଜ୍ଞାନ) ତୃତୀୟ ସେମିଷ୍ଟାରର ଆୟୁଷୀ ମିଶ୍ର ଓ ପିଜି (ଶିକ୍ଷା) ତୃତୀୟ ସେମିଷ୍ଟାରର ସୁଗ୍ୟାନି ମହାକୁଡ଼ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦିକା ପଦ ପାଇଁ ୟୁଜି ପ୍ରଥମ ସେମିଷ୍ଟାରର ଭୂମିକା ଗହିର, ପିଜି (ଇଂରାଜୀ) ତୃତୀୟ ସେମିଷ୍ଟାରର ପାୟଲ ଧଳ ଓ ୟୁଜି ତୃତୀୟ ସେମିଷ୍ଟାରର ସପ୍ନା ସାହୁ ପ୍ରାର୍ଥୀ ହୋଇଛନ୍ତି। ଉପସଭାନେତ୍ରୀ ପଦ ପାଇଁ ପିଜି (ମନସ୍ତତ୍ତ୍ୱ) ପ୍ରଥମ ସେମିଷ୍ଟାରର ଭାନୁପ୍ରିୟା ରଣା ଓ ସହକାରୀ ସାଧାରଣ ସମ୍ପାଦିକା ପଦ ପାଇଁ ୟୁଜି ପ୍ରଥମ ସେମିଷ୍ଟାରର ସୁକିର୍ତ୍ତୀ ପୁରୋହିତ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆସନ୍ତାକାଲି ଭୋଟଦାନ ଓ ଭୋଟ ଗଣତି ପରେ ଜଣାପଡ଼ିବ କାହାମୁଣ୍ଡରେ ମୁକୁଟ ହେବ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଭାପତି ଓ ସାଧାରଣ ସମ୍ପାଦକ ପଦରେ ଦ୍ୱିମୁଖୀ ଲଢ଼େଇ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ସଭାପତି ଓ ସାଧାରଣ ସମ୍ପାଦକ ପଦ ସକାଶେ ଦ୍ୱିମୁଖୀ ଲଢ଼େଇ ହେବ। ସଭାପତି ପଦ ପାଇଁ ପିଜି (ଇତିହାସ) ତୃତୀୟ ସେମିଷ୍ଟାରର ଜଗନ ପ୍ରଧାନ ଓ ପିଜି (ରାଜନୀତି ବିଜ୍ଞାନ) ତୃତୀୟ ସେମିଷ୍ଟାରର ସୁଦର୍ଶନ ସୁନା ପ୍ରାର୍ଥୀ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ପିଜି (ଫୁଡ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି) ତୃତୀୟ ସେମିଷ୍ଟାରର ସୌରଭ କୁମାର ନାୟକ ଓ ପିଜି (କମ୍ପ୍ୟୁଟର ସାଇନ୍ସ) ତୃତୀୟ ସେମିଷ୍ଟାରର ରାଜୁ କର୍ମୀ ପ୍ରାର୍ଥୀ ହୋଇଛନ୍ତି। ଉପସଭାପତି ପଦରେ କେହି ନ ଥିବାବେଳେ ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ପିଜି (ଲାଇବ୍ରେରୀ ସାଇନ୍ସ) ତୃତୀୟ ସେମିଷ୍ଟାରର ରୁଦ୍ରନାରାୟଣ ଗଡ଼ତିଆ ଓ ପିଜି (ରସାୟନ ବିଜ୍ଞାନ) ତୃତୀୟ ସେମିଷ୍ଟାରର ସତ୍ୟବାନ ବାଗ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତକାଲି ଭୋଟଗଣତି ପରେ ଛାତ୍ରସଂସଦର ରୂପରେଖ ଜଣାପଡ଼ିବ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦରେ ତିନିଜଣ ଲେଖାଏଁ ପ୍ରାର୍ଥୀ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ସଭାପତି, ଉପସଭାପତି ଓ ସମ୍ପାଦକ ପଦ ପାଇଁ ତିନିଜଣ ଲେଖାଏ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ପିଜି (ରାଜନୀତି ବିଜ୍ଞାନ) ତୃତୀୟ ସେମିଷ୍ଟାରର କରନ୍‌ମୟ ସାହୁ, ୟୁଜି (ଅର୍ଥନୀତି) ପଞ୍ଚମ ସେମିଷ୍ଟାରର ପ୍ରିୟବ୍ରତ ଏସ୍ ପୃଷ୍ଟି ଓ ୟୁଜି

(ସଂସ୍କୃତ) ତୃତୀୟ ସେମିଷ୍ଟାରର ସ୍ୱାଧୀନ କୁମାର ଆଚାର୍ଯ୍ୟଙ୍କ ପ୍ରାର୍ଥୀ ରହିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ପିଜି (ବାଣିଜ୍ୟ) ପ୍ରଥମ ସେମିଷ୍ଟାରର ସଂକେତ ସାହୁ, ୟୁଜି (ବାଣିଜ୍ୟ) ପଞ୍ଚମ ସେମିଷ୍ଟାରର ପ୍ରତ୍ୟାଶା ଧର ଓ ୟୁଜି (ରାଜନୀତି ବିଜ୍ଞାନ) ପଞ୍ଚମ ସେମିଷ୍ଟାରର ଯୋଗେନ୍ଦ୍ର କୁମାର ମଲ୍ଲିକ ପ୍ରାର୍ଥୀ ରହିଥିବାବେଳେ ସଧାରଣ ସମ୍ପାଦକ ପଦ ପାଇଁ ୟୁଜି (ଅର୍ଥନୀତି) ପଞ୍ଚମ ସେମିଷ୍ଟାରର ରାହୁଲ ମେହେର, ପିଜି (ସୋସିଓଲୋଜି) ପ୍ରଥମ ସେମିଷ୍ଟାରର ନିଖିଳ ଅଗ୍ରୱାଲ ଓ ୟୁଜି (ଓଡ଼ିଆ) ପଞ୍ଚମ ସେମିଷ୍ଟାରର କିସ୍‌ମତ୍ ପାଣ୍ଡେଙ୍କ ପ୍ରାର୍ଥୀ ରହିଛନ୍ତି। ସହକାରୀ ସାଧାରଣ ସମ୍ପାଦକ ପଦରେ ୟୁଜି (ଅର୍ଥନୀତି) ତୃତୀୟ ସେମିଷ୍ଟାରର ବିଣାପାଣୀ ମହାପାତ୍ର ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆସନ୍ତାକାଲି ସିଲେକ୍ସନ ପ୍ରକ୍ରିୟାରେ ଛାତ୍ର ପରିଷଦର ବିଭିନ୍ନ ପଦ ପାଇଁ ପ୍ରାର୍ଥୀ ମନୋନୟନ କରାଯିବ।

୫ କ୍ୱିଣ୍ଟାଲ ପଚା ଅମୃତଭଣ୍ଡା ଜବତ

ସମ୍ବଲପୁର, ୧୪।୧୦ (ସମିସ) : ଜନସାଧାରଣଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ସହ ଖାଦ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ରୋକିବା ଉଦ୍ଦେଶ୍ୟରେ ସମ୍ବଲପୁର ମହାନଗର ନିଗମର ଖାଦ୍ୟ ନିରୀକ୍ଷଣ ଦଳ ଓ ଏନ୍‌ଫୋର୍ସମେଣ୍ଟ ଦଳ ପକ୍ଷରୁ ଆଜି ଏକ ମିଳିତ ପଦକ୍ଷେପ ନିଆଯାଇଛି। ଯାଞ୍ଚ ସମୟରେ ପେନ୍‌ସନପଡ଼ାସ୍ଥିତ ଏକ ଫଳ ଗୋଦାମରୁ ପ୍ରାୟ ୫ କ୍ୱିଣ୍ଟାଲ ପଚା ଅମୃତଭଣ୍ଡା ଜବତ କରାଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ସମ୍ମୁଖରେ ଥିବା 'ଇନାମ୍ ଫ୍ରୁଟ୍ସ'ର ବ୍ୟବସାୟୀ ୱାରିସ୍ ଗୋଦାମରେ ଥିବା ପଚା ଅମୃତଭଣ୍ଡା ଗୁଡ଼ିକର ଉପଯୁକ୍ତ ପରିଚାଳନା ପାଇଁ ଦଳର ସହଯୋଗ ଲୋଡ଼ିଥିଲେ। ଏହାପରେ ଉକ୍ତ ଅମୃତଭଣ୍ଡା ଗୁଡ଼ିକୁ ଜବତ କରାଯାଇ ମହାନଗର ନିଗମର ଚାଉଁରପୁର ଓ ବାଲିବନ୍ଧାସ୍ଥିତ ୱେଲ୍‌ଥ ସେଣ୍ଟରକୁ ପଠାଯାଇଛି।

ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଆଜି ୨ ପେସେଞ୍ଜର ଟ୍ରେନ୍ ବାତିଲ

ସମ୍ବଲପୁର, ୧୪।୧୦ (ସମିସ) : ସମ୍ବଲପୁର ରେଳମଣ୍ଡଳ ଅଧୀନ ଟିଟିଲାଗଡ଼ - କେସିଙ୍ଗା ଷ୍ଟେସନ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଦୁଇଟି ପେସେଞ୍ଜର ଟ୍ରେନ୍ ସେବା ବାତିଲ କରାଯାଇଥିବା ପ୍ରେସ ବିଜ୍ଞପ୍ତି ଜରିଆରେ ଅବଗତ କରାଯାଇଛି। ଟ୍ରେନ୍ ନଂ. ୫୮୨୧୩/୫୮୨୧୪ ଟିଟିଲାଗଡ଼-ସମ୍ବଲପୁର-ଟିଟିଲାଗଡ଼ ପେସେଞ୍ଜର ଟ୍ରେନ୍ ୧୫.୧୦.୨୦୨୬ ତାରିଖରେ ବାତିଲ ରହିବ। ସେହିପରି, ଟ୍ରେନ୍ ନଂ ୫୮୨୧୭/୫୮୨୧୮ ଟିଟିଲାଗଡ଼-ରାୟପୁର-ଟିଟିଲାଗଡ଼ ପେସେଞ୍ଜର ଟ୍ରେନ୍ ୧୫.୧୦.୨୦୨୬ ତାରିଖରେ ବାତିଲ ରହିବ। ଯାତ୍ରୀମାନଙ୍କୁ ଏହା ଧ୍ୟାନରେ ରଖି ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି। ଟ୍ରେନ୍ ସମ୍ବନ୍ଧୀୟ ଅତ୍ୟାଧୁନିକ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ' (ଏନ୍‌ଟିଇଏସ୍) ପରିଦର୍ଶନ କିମ୍ବା ଅଫିସିଆଲ୍ ରେଳବାଇ ଅନୁସନ୍ଧାନ ସେବା ବ୍ୟବହାର କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ଭୀମଭୋଇ କଲେଜରେ ଆଜି ନିର୍ବାଚନ

ରେଢ଼ାଖୋଲ, ୧୪।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ମହାବିଦ୍ୟାଳୟରେ ଗୁରୁବାର ଛାତ୍ର ସଂସଦ ନିର୍ବାଚନ ହେବ। ନିର୍ବାଚନରେ ତିନି ବିଭାଗରେ ତ୍ରିମୁଖୀ ଲଢ଼େଇ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ନିର୍ବାଚନ ପୂର୍ବରୁ ବୁଧବାର ଦିନ କଲେଜରେ 'ହ୍ୱାଏ ଆଇ ଷ୍ଟାଣ୍ଡ ଫର୍' ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାର୍ଥୀ ମାନେ କଲେଜର ବିଭିନ୍ନ ସମସ୍ୟା, ଏହାର ସମାଧାନ ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଆସନ୍ତାକାଲି ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ ହେବ। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ କରିବାକୁ ବ୍ୟବସ୍ଥା ହୋଇଥିବାବେଳେ ସନ୍ଧ୍ୟା ସୁଦ୍ଧା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ ବୋଲି ଭୀମଭୋଇ କଲେଜ ନିର୍ବାଚନର ମୁଖ୍ୟ ପରାମର୍ଶଦାତା ପ୍ରାଧାପକ ଡ଼ ମନୋରଞ୍ଜନ ମହନ୍ତ ପ୍ରତିକ୍ରିୟା ଦେଇଥିଲେ।

କ୍ରସରରେ ତହସିଲଦାରଙ୍କ ଚଢ଼ଉ; ଟ୍ରାକ୍ଟର ଜବତ

କୁଚିଣ୍ଡା, ୧୪।୧୦(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅଧୀନ କୁସୁମୀ ପଞ୍ଚାୟତର ପଣ୍ଡିଆଡିପାଠାରେ ବେଆଇନ ଭାବେ ଚାଲୁଥିବା ଏକ କ୍ରସର ଉପରେ କୁଚିଣ୍ଡା ତହସିଲଦାର ଚଢ଼ଉ କରି ଡ୍ରିଲ୍‌ମେସିନ ଲାଗିଥିବା ଏକ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏହାସହ କ୍ରସର ମାଲିକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖଣି ଉପ ନିର୍ଦ୍ଦେଶକଙ୍କୁ ଚିଠିରେ ଉଲ୍ଲେଖ କରିଛନ୍ତି। କାଗଜପତ୍ର ଯାଞ୍ଚ କରି ସେ କ୍ରସରଟି ବେଆଇନ ଭାବେ ଚଳାଯାଉଥିବା ଜାଣିପାରି ବେଆଇନ ମାଇନିଙ୍ଗ କାମରେ ବ୍ୟବହାର ହେଉଥିବା ଡ୍ରିଲ ମେସିନ ସହିତ ସମ୍ପୃକ୍ତ ଏକ ସ୍ୱରାଜ ଟ୍ରାକ୍ଟରକୁ ଜବତ କରି କୁସୁମୀ ଫାଣ୍ଡିରେ ପୁଲିସକୁ ଜିମା ଦେଇଥିଲେ।

ବିସ୍ମୟ କିସାନ ମୃତ୍ୟୁ ଘଟଣା; ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

ସମ୍ବଲପୁର, ୧୪।୧୦ (ସମିସ) : ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଧୀନ ବଡ଼ଖଲିଆ ଗ୍ରାମର ବିସ୍ମୟ କିସାନ (୨୪)ଙ୍କ ମୃତ୍ୟୁ ଘଟଣାକୁ ନେଇ ପରିବାର ନ୍ୟାୟ ଦାବି କରିଛନ୍ତି। ଆତ୍ମହତ୍ୟା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ପିତା ସନ୍ତୋଷ କିସାନ ଅଭିଯୋଗ କରିବାସହ ଘଟଣାର ନିରପେକ୍ଷ ତଦନ୍ତ, ମାମଲା କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର ଏବଂ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଜି ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କୁ ମୃତକଙ୍କ ପରିବାର ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ର ଅନୁଯାୟୀ, ଗତ ସେପ୍ଟେମ୍ବର ୮ ତାରିଖରେ ବିସ୍ମୟ କିସାନ ଜମନକିରାରୁ ଅଟୋ ଚଳାଇ ନିଜ ଗାଁ ବଡ଼ଖଲିଆକୁ ଫେରିଥିଲେ। ଅପରାହ୍ନରେ ସାଙ୍ଗମାନେ ଡାକୁଥିବା କହି ସେ ବାହାରକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରଦିନ ୯ ତାରିଖ ସକାଳେ ନିଜ ଚାଷଜମି ନିକଟସ୍ଥ ଏକ କୁଡ଼ିଆ ଘରର ଛାତରେ ବିସ୍ମୟଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଗ୍ରାମର କେତେକ ବ୍ୟକ୍ତିଙ୍କ ପରାମର୍ଶରେ ସେମାନେ ଜମନକିରା ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲା। ପିତା ସନ୍ତୋଷ କିସାନଙ୍କ କହିବା ଅନୁଯାୟୀ, ବିସ୍ମୟଙ୍କ ପ୍ୟାଣ୍ଟରୁ ଏକ ମୋବାଇଲ ଫୋନ୍ ମିଳିଥିଲା। ପୁଲିସ ମୋବାଇଲ ସିଡିଆର୍ ରିପୋର୍ଟ ମଧ୍ୟ ମଗାଇଥିଲା। ଏହି ଆଧାରରେ ଯାଞ୍ଚକୁ ନେଇ ପୁଲିସ ପରିବାରକୁ କିଛି ଜଣାଉନଥିବା ସେ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ବିସ୍ମୟ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବା ପୁଲିସ ପକ୍ଷରୁ କୁହାଯାଇଥିବା ସନ୍ତୋଷ ଦର୍ଶାଇଛନ୍ତି। କିନ୍ତୁ ନିରପେକ୍ଷ ତଦନ୍ତ ଦ୍ୱାରା ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ, ତାହା ସ୍ପଷ୍ଟ ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ମାମଲାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରି ବୈଜ୍ଞାନିକ ପଦ୍ଧତିରେ ତଦନ୍ତ, ମୋବାଇଲ ସିଡିଆର୍ ରିପୋର୍ଟର ଯାଞ୍ଚ ଏବଂ ପ୍ରମାଣ ଆଧାରରେ ଦୋଷୀଙ୍କୁ ଗିରଫ କରିବାକୁ ପରିବାର ଏସ୍‌ପିଙ୍କ ନିକଟରେ ଦାବି କରିଛି। ଏନେଇ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ମୃତକଙ୍କ ପରିବାର ଜମନକିରା ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ମାନେଶ୍ୱର କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ

ସମ୍ବଲପୁର, ୧୪।୧୦(ସମିସ): ସମ୍ବଲପୁର ଜିଲ୍ଲାର ମାନେଶ୍ୱରସ୍ଥିତ ପିଏମ୍ ମାନେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମାନେଶ୍ୱର କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ କୁମାରୀ ରଶ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ମେହେର ଓ ଶିକ୍ଷୟିତ୍ରୀ ଯଜ୍ଞସେନୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧମା ସିଆରସିସି ସୁଜିତ ରଣବିଡ଼ା ଓ ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ମଞ୍ଚ ପରିଚାଳନା କରିଥିଲେ। ଗୁରୁଚରଣ ନାୟକ, ପ୍ରୀତମ ନାୟକ, ସୁଧୀର ପାଢ଼ୀ, ସୁସ୍ମିତା ସ୍ୱାଇଁ, ନବୀନ କିସାନଙ୍କ ସମେତ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସେହିପରି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀମତୀ ସାହୁ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପିଇଟି ଶିକ୍ଷୟିତ୍ରୀ ସରସ୍ୱତୀ ସେଠୀ ଶାନ୍ତିଶୃଙ୍ଖଳା ରକ୍ଷା କରି କାର୍ଯ୍ୟକ୍ରମକୁ ସଫଳ ଓ ସୁସଂଗଠିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ।

୧୬ରେ ଭାଇରାଲ ମିଡିଆ ଗ୍ରୁପ୍‌ର 'ଗରବା କି ଗୁଞ୍ଜ'

ସମ୍ବଲପୁର, ୧୪।୧୦(ସମିସ): ଭାଇରାଲ ମିଡିଆ ଗ୍ରୁପ୍ ଆନୁକୂଲ୍ୟରେ ଆସନ୍ତା ୧୬ ତାରିଖରେ 'ଗରବା କି ଗୁଞ୍ଜ' (ସିଜିନ୍-୨)

ଆୟୋଜନ ହେବାକୁ ଯାଉଛି। ରିଙ୍ଗରୋଡ୍ ସ୍ଥିତ ଗୁଡେଶ୍ୱର ମନ୍ଦିର ସମ୍ମୁଖ ପ୍ରାଙ୍ଗଣରେ ଏହି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସ୍ୱତନ୍ତ୍ର ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ତଥା ସେଲିବ୍ରେଟି ଅତିଥି ଭାବରେ ଟେଲିଭିଜନର ଲୋକପ୍ରିୟ ଧାରାବାହିକରେ 'ରାଧା' ଚରିତ୍ରରେ ଅଭିନୟ କରି ଘରେ ଘରେ ପରିଚିତ ଥିବା ପ୍ରସିଦ୍ଧ ଅଭିନେତ୍ରୀ ମଲିକା ସିଂହ ଯୋଗଦେବେ। ୟେସ ବ୍ରଦର୍ସ ବ୍ୟାଣ୍ଡ ତାଳରେ ଦର୍ଶକମାନେ ଏହି ଗରବା ଉତ୍ସବର ଭରପୂର ଆନନ୍ଦ ଉଠାଇବାର ସୁଯୋଗ ପାଇପାରିବେ। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରବେଶ ଶୁଳ୍କ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସାଂସ୍କୃତିକ ଉତ୍ସବ ତଥା ଗରବା ପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆୟୋଜକ ଶୀତଲ ଶର୍ମା, ରିତିକ ଦୀକ୍ଷିତ ଏବଂ ତନିଶା ଯୋଶୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

ଡା. ରମଣୀରଞ୍ଜନ ହୋତାଙ୍କ ଦେହାନ୍ତ

ସମ୍ବଲପୁର, ୧୪।୧୦ (ସମିସ) : ସମ୍ବଲପୁର ସହର ଚର୍ଚ୍ଚ ଛକସ୍ଥିତ ବ୍ରିଜଧାମ ବାସିନ୍ଦା ଛାତି ଓ ଯକ୍ଷ୍ମା ରୋଗ ବିଶେଷଜ୍ଞ ଡା. ରମଣୀରଞ୍ଜନ ହୋତା (୮୫)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କ ପଛରେ ପତ୍ନୀ ସାବିତ୍ରୀ, ବିବାହିତ ଝିଅ ସ୍ମିତା ଓ ସ୍ନିଗ୍ଧା ଏବଂ ପୁଅ ଶୁଭେନ୍ଦୁ ତଥା ପରିବାରବର୍ଗ ଅଛନ୍ତି। ଗୁରୁବାର ସମ୍ବଲପୁର ରାଜଘାଟରେ ତାଙ୍କ ଶେଷକୃତ୍ୟ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ହୀରାକୁଦ ବୁଡ଼ି ଅଞ୍ଚଳର ତିହୁରା ଗ୍ରାମର ମୂଳବାସିନ୍ଦା ଡା. ହୋତା ଲରମ୍ଭା ହାଇସ୍କୁଲ, ଗଙ୍ଗାଧର ମେହେର କଲେଜ ଏବଂ ବୁର୍ଲା ମେଡିକାଲ କଲେଜରେ ଶିକ୍ଷାଲାଭ କରିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ କଳାହାଣ୍ଡି ଜିଲ୍ଲାର ଉଦିତନାରାୟଣପୁର ଡାକ୍ତରଖାନାରେ ସରକାରୀ ଚାକିରି ଆରମ୍ଭ କରିଥିଲେ।

ରାଉରକେଲା ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ହେବ ଅଧିକ ସୁଦୃଢ଼

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ୨.୧୧ କୋଟି ଟଙ୍କା ନିବେଶ

ସମ୍ବଲପୁର, ୧୪।୧୦(ସମିସ)

ରାଉରକେଲା ସହର ସହ ଏହାର ଆଖପାଖ ଅଞ୍ଚଳରେ ଘରୋଇ ଉପଭୋକ୍ତା, ଶିଳ୍ପ ଓ ଖଣି କ୍ଷେତ୍ରକୁ ଅଧିକ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଲକ୍ଷ୍ୟରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରାୟ ୨.୧୧ କୋଟି ଟଙ୍କା ବ୍ୟୟରେ ୯ଟି ବିଦ୍ୟୁତ୍ ଭିତ୍ତିଭୂମି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସହ କାର୍ଯ୍ୟକ୍ଷମ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ସର୍ବାଧିକ ୧.୪ କୋଟି ଟଙ୍କା ବ୍ୟୟରେ ଯୋଡ଼ାଟେନ୍ସାବରସୁଆଁ ଖଣି ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମିକୁ ଆଧୁନିକୀକରଣ କରାଯାଇଛି। ଏଥିରେ ପୁରୁଣା ୩୩ କେଭି ଓଭରହେଡ୍ ଲାଇନ୍‌ର ପରିବର୍ତ୍ତନ, ପୋଲ୍ ଓ କଣ୍ଡକ୍ଟରର ଉନ୍ନତୀକରଣ, ଏକ ଶିଳ୍ପ ସୁଡ଼ଙ୍ଗ ଦେଇ ୧୧ କେଭି ଅଣ୍ଡରଗ୍ରାଉଣ୍ଡ କେବଲ୍ ସ୍ଥାପନ ଏବଂ ବରସୁଆଁ ପାୱାର ଷ୍ଟେସନ୍‌କୁ ଟେନ୍ସା ପାୱାର ସବ୍‌ଷ୍ଟେସନ୍ ସହ ବିକଳ୍ପ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାରେ ସଂଯୋଗ କରାଯାଇଛି। ପ୍ରାୟ ୬୦ ବର୍ଷ ପୁରୁଣା ଲାଇନ୍‌ର ଦୁର୍ବଳ ଅବସ୍ଥା ଏବଂ ଶିଳ୍ପ ଓ ଖଣି କ୍ଷେତ୍ରରେ ବଢ଼ୁଥିବା ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟ କରାଯାଇଛି। ସେଲ୍‌ଫ ମାଇନ୍ସ ଏବଂ ଅନ୍ୟ ସହଯୋଗୀ ସଂସ୍ଥାଙ୍କ ସମନ୍ୱୟରେ ଜଙ୍ଗଲ ଅନୁମତି ସମ୍ବନ୍ଧୀୟ ସମସ୍ୟାର ସମାଧାନ କରି ପ୍ରକଳ୍ପଟି ସମ୍ପନ୍ନ ହୋଇଛି। ସେହିପରି ବାସନ୍ତୀ କଲୋନୀରେ ୩୧.୧ ଲକ୍ଷ ଟଙ୍କାର ବ୍ୟୟରେ ୬ଟି ପ୍ରକଳ୍ପ ଅଧୀନରେ ପ୍ରାୟ ୭.୫ ସର୍କିଟ୍ କିଲୋମିଟର ଖୋଲା ଲୋ-ଟେନ୍ସନ୍ ତାରକୁ ଏବି କେବଲ୍‌ରେ ପରିବର୍ତ୍ତନ କରାଯାଇଛି। ଏହି ଉନ୍ନତୀକରଣ କାର୍ଯ୍ୟ ଦ୍ୱାରା ପ୍ରାୟ ୧, ୪୩୦ ଜଣ ଉପଭୋକ୍ତା ଉପକୃତ ହେବେ। ଏହା ସ୍ଥାନୀୟ ବିଦ୍ୟୁତ୍ ନେଟୱର୍କକୁ ଅଧିକ ସୁଦୃଢ଼ କରିବା ସହ ବାହ୍ୟ କ୍ଷତିର ଆଶଙ୍କା ହ୍ରାସ ଓ ଜନସୁରକ୍ଷାରେ ସହାୟକ ହେବ। ରାଉରକେଲାରେ ପ୍ରାୟ ୨୫ ଲକ୍ଷ ବ୍ୟୟରେ ୧୧ କେ.ଭି. ଶକ୍ତିନଗର ଅଣ୍ଡରଗ୍ରାଉଣ୍ଡ ଫିଡର୍ ନିର୍ମାଣ ଏବଂ ଜାମସେରା ଓ ଝିରପାଣି ଫିଡର୍ ମଧ୍ୟରେ ବିକଳ୍ପ ସଂଯୋଗ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବିଦ୍ୟୁତ୍ ତ୍ରୁଟି କିମ୍ବା ରକ୍ଷଣାବେକ୍ଷଣ ସମୟରେ ବିକଳ୍ପ ମାର୍ଗରେ ଯୋଗାଣ ଜାରି ରଖିବା ସମ୍ଭବ ହେବ। ଶକ୍ତିନଗର, ଝିରପାଣି, ଜାମସେରା, ଜଗଦା ଓ ଆଖପାଖ ଅଞ୍ଚଳର ପ୍ରାୟ ୩, ୦୦୦ ଉପଭୋକ୍ତା ଏହାଦ୍ୱାରା ଉପକୃତ ହେବେ। ଏହାବ୍ୟତୀତ, ରାଉରକେଲାର କଳିଙ୍ଗ ବିହାରରେ ପ୍ରାୟ ୧୫ ଲକ୍ଷ ବ୍ୟୟରେ ୧.୭ କିଲୋମିଟର ଏବି କେବଲ୍ ସ୍ଥାପନ କରାଯାଇଛି। କୋ-ଅପରେଟିଭ୍ କଲୋନୀର ପ୍ରାୟ ୭୫୦ ଉପଭୋକ୍ତା ଏହାର ସୁଫଳ ପାଇବେ। ଏହି ବିକାଶ ସମ୍ପର୍କରେ ଟିପିଡବ୍ଲୁଓଡିଏଲର ସିଇଓ ପ୍ରବୀଣ ବର୍ମା କହିଛନ୍ତି, ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା ବୃଦ୍ଧି ଓ ଉପଭୋକ୍ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମର ନେଟୱର୍କ ଆଧୁନିକୀକରଣ ପ୍ରୟାସର ମୁଖ୍ୟ ଲକ୍ଷ୍ୟ।

ଏମ୍‌ସ ଇଣ୍ଟରନ୍ୟାସନାଲ ସ୍କୁଲ ଓ ଫାଉଣ୍ଡେସନ ପକ୍ଷରୁ ଚାରାରୋପଣ

ସମ୍ବଲପୁର, ୧୪।୧୦(ସମିସ): ବୁଧବାର ଏମ୍‌ସ ଇଣ୍ଟରନେସନାଲ ସ୍କୁଲ ତରଫରୁ କୁଲୁଣ୍ଡା ଗ୍ରାମରେ ବୃକ୍ଷରୋପଣ କରାଯାଇଛି। ଏଥିରେ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀମନ୍ତ ପାତ୍ର, ଏଡ୍‌ମିନିଷ୍ଟ୍ରେଟିଭ ମ୍ୟାନେଜର ସି ରାମ ବାବୁ, ଶିକ୍ଷକଶିକ୍ଷୟିତ୍ରୀ, କୁଲୁଣ୍ଡା ଗ୍ରାମର ନବଜ୍ୟୋତି କ୍ଲବ ସଦସ୍ୟ, ଛାତ୍ରଛାତ୍ରୀ ସାମିଲ ହୋଇ ପ୍ରାୟ ୧୦୦ରୁ ଅଧିକ ଗଛ ଲଗାଇଥିଲେ। ବିଭିନ୍ନ ଫଳ ପ୍ରଜାତି ଚାରା ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏମ୍‌ସ ଫାଉଣ୍ଡେସନ ପକ୍ଷରୁ ଆଗକୁ ଏଭଳି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ କରି ଲୋକଙ୍କ ସଚେତନା କରାଯିବା ନେଇ କୁହାଯାଇଛି।

ଦୁର୍ଘଟଣା ପୀଡ଼ିତଙ୍କୁ ଡାକ୍ତରଖାନା ନେଲେ ସାମ୍ବାଦିକ

ସମ୍ବଲପୁର, ୧୪।୧୦ (ସମିସ) : କେବଳ ସମ୍ବାଦ ସଂଗ୍ରହ ଏବଂ ଜନସାଧାରଣଙ୍କ ପାଖରେ ସମ୍ବାଦ ପହଞ୍ଚାଇବା ସାମ୍ବାଦିକର କାର୍ଯ୍ୟ ନୁହେଁ, ବରଂ ତାହା ସହିତ ସେମାନେ ସମ୍ବେଦନଶୀଳ ଓ ସେବା ମନୋବୃତ୍ତି ରଖନ୍ତି। ଆଜି ଅପରାହ୍ଣରେ ଏକ ମୋଟର ସାଇକେଲ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇ ସାମ୍ବାଦିକ ଗୌତମ ମିଶ୍ର ଉଦାହରଣ ସାଜିଛନ୍ତି। ସୂଚନା ଅନୁଯାୟୀ, ଚର୍ଚ୍ଚ ଛକରେ ଅପରାହ୍ଣ ୩ଟା ସମୟରେ ଗୋଟିଏ ବାଇକ୍‌ରେ ଜଣେ ଯୁବକ ଓଭର୍‌ଟେକ କରୁଥିବା ସମୟରେ ତାଙ୍କ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ସାମ୍ବାଦିକ ଗୌତମ ମିଶ୍ର ସେହି ରାସ୍ତା ଦେଇ ଯାଉଥିବାବେଳେ ଘଟଣାସ୍ଥଳର ସ୍ଥିତି ଜାଣି ତୁରନ୍ତ ଗୁରୁତର ଆହତଙ୍କୁ ଉଦ୍ଧାରକରି ସଦର ହସ୍ପିଟାଲରେ ପହଞ୍ଚାଇଥିଲେ। ତାଙ୍କର ଏହି ମାନବିକ କାର୍ଯ୍ୟ ପାଇଁ ସବୁ ମହଲରେ ତାଙ୍କୁ ସାଧୁବାଦ ଜଣାଉଛନ୍ତି।

ଡିମିରିମୁଣ୍ଡା ପଞ୍ଚାୟତରେ ମଦ ବନ୍ଦ ଦାବି

କୁଚିଣ୍ଡା, ୧୪।୧୦(ସମିସ): କୁଚିଣ୍ଡା ଉପଖଣ୍ଡ ଅଧୀନ ଡିମିରିମୁଣ୍ଡା ପଞ୍ଚାୟତର ବିଭିନ୍ନ ଗାଁରେ ବେଆଇନ ମଦ କାରବାର ବିରୋଧରେ ମହିଳାମାନେ ତାତିଛନ୍ତି। କୁଚିଣ୍ଡା ଉପଖଣ୍ଡ ଡିମିରିମୁଣ୍ଡା ପଞ୍ଚାୟତର ଡିମିରିମୁଣ୍ଡା, ଲେପେକାନୀ ଏବଂ ବାମଣ୍ଡାଗଡ଼ରେ ବ୍ୟାପକ ଭାବରେ ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ପରିସ୍ଥିତି ଅତି ଗମ୍ଭୀର ହେବାରୁ ମହିଳାମାନେ ଏକଜୁଟ୍ ହୋଇ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ମଦ ଦୋକାନଗୁଡ଼ିକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

ଖଡ଼ିଆଳରେ ଚାଲିଛି ନବରାତ୍ର ଦୁର୍ଗାପୂଜା

ଖଡ଼ିଆଳ, ୧୪।୧୦ (ସମିସ): ନବରାତ୍ର ଅବସରରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ବିଭିନ୍ନ ପୂଜାମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଚାଲିଛି। ସହରର ରାଜାପଡ଼ା ଓ ପଟ୍ଟନାୟକପଡ଼ାରେ ନବରାତ୍ର ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ନବରାତ୍ରର ଚତୁର୍ଥ ଦିନରେ ମା' ଚନ୍ଦ୍ରଘଣ୍ଟା ରୂପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପଟ୍ଟନାୟକପଡ଼ା ଦୁର୍ଗାପୂଜାର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି। ଆଲୋକସଜ୍ଜା ଓ ଆକର୍ଷଣୀୟ ତୋରଣ ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରିଛି। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ମା'ଙ୍କ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଥିରେ ସାମିଲ ହେଉଛନ୍ତି ବୋଲି ପୂଜା କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ମା'ଙ୍କ ଆରାଧନା ଓ ଭକ୍ତିମୟ ପରିବେଶ ମଧ୍ୟରେ ଖଡ଼ିଆଳ ସହରରେ ନବରାତ୍ର ଦୁର୍ଗାପୂଜା ଉତ୍ସବ ଜାରି ରହିଛି।

ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

କର୍ଲାମୁଣ୍ଡା, ୧୪।୧୦ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲି କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ବୁଧବାର ଭଟାପଲା ସରକାରୀଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି) ସଭାପତି ଜୟକୃଷ୍ଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସାମନ୍ତରାୟ, ସିଆରସିସି ସୁନୀଲ କୁମାର ସାହୁ ଏବଂ ଉଜ୍ଜ୍ୱଳ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବୋରପଦର ଉଚ୍ଚ ପ୍ରାଥମିକବିଦ୍ୟାଳୟ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ସାହୁ ସଂଯୋଜନା କରିଥିବାବେଳେ ରେଙ୍ଗାଲି କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ। ସେହିପରି ରେଗଡ଼ା କ୍ଲଷ୍ଟରର ରେଗଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଈଶ୍ୱର ମହାକୁର, ଯୁଗଳ ଚୌଧୁରୀ, ବଂଶୀଧର ପ୍ରଧାନ, ସମ୍ବିତ କୁମାର ରଥ ଶର୍ମାଙ୍କ ସମେତ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

କାଉଡୋଲା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

କୋକସରା, ୧୪।୧୦(ସମିସ): କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ କାଉଡୋଲା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ମେଳା ବାଞ୍ଜିବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଉତ୍ସାହର ସହ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସଭାରେ କାଉଡୋଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଏବିଇଓ ଶ୍ରିମନ୍ତ ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷକ ଶେଖର ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ଓ ଲକ୍ଷ୍ୟ ସାଧନ ପାଇଁ ଅତିଥି ମାନେ ପ୍ରେରଣା ଦେଇଥିଲେ। ଉଦ୍‌ଯାପନୀ ସଭାରେ କାଉଡୋଲା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟଶଙ୍କର ପାଠୀ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ନିର୍ମଳ ପୂର୍ଣ୍ଣଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧିର କୁମାର ପଣ୍ଡା ମୁଖ୍ୟବକ୍ତା, ବାଞ୍ଜିବାହାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାଏକ, ସାମ୍ବାଦିକ ଚକ୍ରଧର ବେଶ୍ରା, ଶିକ୍ଷକ ଘନଶ୍ୟାମ ବେହେରା ଏବଂ କାଉଡୋଲା ସିଆରସିସି ମନୋରଞ୍ଜନ ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ଏହି କ୍ରମରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ନିଳାମ୍ବର ଦାସ ଓ ଶିକ୍ଷୟିତ୍ରୀ ଯଶୋଧାରା ବାଗ ମଞ୍ଚ ପରିଚାଳନା କରିଥିଲେ।

ଗଙ୍ଗାଦେବୀ ଠାକୁରାଣୀଙ୍କ ପୂଜକଙ୍କ ପରଲୋକ

ଭବାନୀପାଟଣା, ୧୪।୧୦ (ସମିସ): ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ପରିସରରେ ଥିବା ନଗର ଦେବୀ ଗଙ୍ଗାଦେବୀ ଠାକୁରାଣୀଙ୍କ ପୂଜକ ସ୍ୱପ୍ନେଶ୍ୱର ପୂଜାରୀଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଛି। ଗତ କିଛିଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ତାରିଣୀ ମନ୍ଦିର ନିକଟସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁତୁରା ଉଦ୍ଧବ ପୂଜାରୀ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସ୍ୱପ୍ନେଶ୍ୱର ଗଙ୍ଗାଦେବୀ ଠାକୁରାଣୀଙ୍କ ପୂଜକ ପରିବାର ସଦସ୍ୟ ଭାବରେ ଠାକୁରାଣୀଙ୍କ ସେବା କରିବା ସହ ଭବାନୀଶଙ୍କର ମନ୍ଦିରରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଣେ ସେବାକାରୀ ଭକ୍ତ ଭାବରେ ସେବା କରୁଥିଲେ। ତାଙ୍କରି ଶବାଧାରରେ ଭବାନୀଶଙ୍କର ମନ୍ଦିରର ବହୁ ସେବାକାରୀ ଯୋଗ ଦେଇଥିଲେ। ମନ୍ଦିରର ପୂଜକ ମନୋଜ ମୁନି, ସେବାକାରୀ ଅରୁଣ କୁମାର ଦାସ, ଭବାନୀ ସିଂ, ଦୁର୍ଗା ମାଧବ ପଣ୍ଡା, ଗୋପୀନାଥ ମୁନି, ସତ୍ୟ ନାରାୟଣ ମହାପାତ୍ର, ମନୋଜ ମିଶ୍ର ପ୍ରମୁଖ ସ୍ୱର୍ଗତ ସ୍ୱପେଶ୍ୱର ପୂଜାରୀଙ୍କ ସ୍ମୃତିଚାରଣ କରିଥିଲେ।

ନୂଆପଡ଼ା ନ୍ୟାସନାଲ କଲେଜ ଛାତ୍ର ସଂସଦ ନିର୍ବାଚନ

ରାସ୍ତା ଅବରୋଧ ବେଳେ ପୁଲିସ ଓ କଂଗ୍ରେସ କର୍ମୀ ହାତାହାତି

ନୂଆପଡ଼ା, ୧୪।୧୦(ସମିସ)

ଛାତ୍ର ସଂସଦ ନିର୍ବାଚନକୁ ନେଇ ନୂଆପଡ଼ା ନ୍ୟାସନାଲ କଲେଜ କ୍ୟାମ୍ପସ ବାହାରେ ଚାପା ଉତ୍ତେଜନା ଲାଗି ରହିଛି। ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଚାପ ପକାଇବା ସହ ଛାତ୍ରମାନଙ୍କୁ ଅପହରଣ କରାଯାଉଛି ବୋଲି ଜିଲ୍ଲା କଂଗ୍ରେସ ପ୍ରତିବାଦ କରି କ୍ୟାମ୍ପସ ବାହାରେ ଜାତୀୟ ରାଜପଥ ଅବରୋଧ କରିବା ସମୟରେ ପୁଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଠେଲାପେଲା, ଧସ୍ତାଧସ୍ତି ହୋଇ ହାତାହାତି ମଧ୍ୟ ହୋଇଥିଲା। ସେହି ସମୟରେ ଜିଲା କଂଗ୍ରେସ ଉପ ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଭରତ ଲାଇ ରାଉତଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇ ୨ ଘଣ୍ଟା ପରେ ଛାଡ଼ି ଦେଇଥିଲା।

ସୂଚନା ଅନୁଯାୟୀ, ମଙ୍ଗଳବାର ମଧ୍ୟାହ୍ନରେ ଜ୍ଞାନଜ୍ୟୋତି କାଞ୍ଚନବେନ ରସିକଲାଲ ବିଦ୍ୟାଳୟର ଏକ ବସ୍‌ରେ ନ୍ୟାସନାଲ କଲେଜ କ୍ୟାମ୍ପସ ବାହାରୁ କିଛି ଛାତ୍ରଙ୍କୁ ବସାଇ କୁଆଡେ ନେଇଯାଇଛି। ଅପହରଣ ହୋଇଥିବା ଛାତ୍ରମାନଙ୍କୁ କେଉଁଠି ରଖା ଯାଇଛି, ସେମାନେ ସୁରକ୍ଷିତ ଅଛନ୍ତି କି ନାହିଁ ତାହାର ତଦନ୍ତ କରାଯାଇ ସେମାନଙ୍କୁ ଫେରାଇ ଅଣାଯାଉ ବୋଲି ମଙ୍ଗଳବାର ସନ୍ଧ୍ୟାରେ କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। କଲେଜ କର୍ତ୍ତୃପକ୍ଷ, ପୁଲିସ କିମ୍ବା ଜିଲ୍ଲା ପ୍ରଶାସନ କେହି ନଶୁଣିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ପୁଣି ଧାରଣାରେ ବସି କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଥିଲେ। ପ୍ରାୟ ୧୦ଟା ସମୟରେ ଉପ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲ୍ଲାପାଳ ସୁର୍ମି ସୋରେନଙ୍କୁ ଅପହରଣ ହୋଇଥିବା ଛାତ୍ରଙ୍କୁ ଫେରାଇ ଆଣନ୍ତୁ ନ ହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବୁ ବୋଲି କଂଗ୍ରେସ ଚେତାବନୀ ଦେଇଥିଲା। ଉପ ଜିଲ୍ଲାପାଳ ସ୍ୱର୍ମୀ ସୋରେନ ଫେରାଇ ଅଣାଯିବ

ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଛାତ୍ରଙ୍କୁ ଆଣିଲେ ନାହିଁ କିମ୍ବା କୌଣସି ଉତ୍ତର ନ ମିଳିବାରୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ଉତ୍ତ୍ୟକ୍ତ ହୋଇ କଲେଜ ସମ୍ମୁଖରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ପାଇଁ ପ୍ରସ୍ତୁତ ହେଉଥିଲେ। ସେହି ସମୟରେ ପୁଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଠେଲାପେଲା, ଧସ୍ତାଧସ୍ତି ହେବା ସହ ହାତାହାତି ମଧ୍ୟ ହୋଇଛନ୍ତି। ଏହି ସମୟରେ ଜିଲ୍ଲାଉପ ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ରାଉତଙ୍କୁ ପୁଲିସ ଘୋଷାଡି ଘୋଷାଡ଼ି ଥାନାକୁ ନେଇ କିଛି ସମୟ ଅଟକ ରଖି ପୁଣି ଛାଡି ଦେଇଥିଲେ। ଏହି ସମୟରେ ଜିଲ୍ଲା କଂଗ୍ରେସ ସଭାପତି ଅଙ୍କିତ ସିଂଘାଇ, ପ୍ରଦେଶ କଂଗ୍ରେସ ସମ୍ପାଦକ କମଳଚରଣ ତାଣ୍ଡି, ଯୁବ କଂଗ୍ରେସ ଜିଲ୍ଲା ସଭାପତି ଅମିତ କୁମାର ଅହିର, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ଶାହରୁଖ ଖାନ, ଜିଲ୍ଲା କଂଗ୍ରେସ ଯୁବ ସାଧାରଣ ସମ୍ପାଦକ ସୁଧୀର ମିଶ୍ର, ନୂଆପଡ଼ା ବ୍ଲକ ସଭାପତି ସୌରଭ କୁମାର, ଖରିଆରରୋଡ୍ ନଗର ସଭାପତି ପବନ ଶର୍ମା, ନୂଆପଡ଼ା ନଗର ସଭାପତି ମହେଶ ନିଆଲ, ନରେନ୍ଦ୍ର ବାଗ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

■ କଳାହାଣ୍ଡି ପାଲଟିଛି ଅପରାଧ ପ୍ରବଣ ଜିଲ୍ଲା

ପ୍ରଶାସନର କୋହଳ ଯୋଗୁଁ ଅପରାଧୀଙ୍କ ମନରୁ ଭୟ ତୁଟୁଛି

ଭବାନୀପାଟଣା, ୧୪।୧୦ (ସମିସ): ଆତିଥ୍ୟ ଓ ଶ୍ରଦ୍ଧା ଭକ୍ତି ଉଚ୍ଚକୋଟୀର ମୈତ୍ରୀଭାବ ପାଇଁ କଳାହାଣ୍ଡି ଜିଲ୍ଲା ସବୁବେଳେ ଚର୍ଚ୍ଚାରେ ରହି ଆସିଛି। କିନ୍ତୁ ଆଜି ସେହି କଳାହାଣ୍ଡିର ଅସ୍ତିତ୍ୱରେ ପରିବର୍ତ୍ତନ ଦେଖାଯାଇଛି। ନ୍ୟାୟସମ୍ମତ କାର୍ଯ୍ୟର ଢିଲାପଣ ଓ ପ୍ରଶାସନର କୋହଳ ଆଭିମୁଖ୍ୟ ପାଇଁ ଅପରାଧୀଙ୍କମନରୁ ଭୟ ତୁଟି ଯାଉଛି। କଳାହାଣ୍ଡି ଜିଲ୍ଲାରେ ଗତ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଅପରାଧ ଓ ଅପରାଧ ନିୟନ୍ତ୍ରଣ ବାହାରେ ହୋଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ସୂଚନା ଅଧିକାର ଆଇନ ତଥ୍ୟରୁ ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାରେ ୨୦ଟି ଥାନା ରହିଛି। ସେଥିମଧ୍ୟରୁ ସାଇବର ଓ ବିଦ୍ୟୁତ ଥାନାକୁ ଛାଡି ଜିଲ୍ଲାର ୧୮ଟି ଥାନାରେ ଗତ ୨୮ ମାସ ତଥା ୨୦୨୪/୨୫, ୨୦୨୫/୨୬ ଓ ଏପ୍ରିଲରୁ ଜୁଲାଇ ୩୧ ଯାଏଁ ୭୨ ଟି ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଏହି ମାମଲାରେ ୧୦୦ଜଣ ଗିରଫ ହୋଇଛନ୍ତି। ସାମାନ୍ୟ ବାଦବିବାଦକୁ ନେଇ ପୂର୍ବଶତ୍ରୁତା ପର୍ଯ୍ୟନ୍ତ କାରଣରୁ ଘଟୁଥିବା ହତ୍ୟାକାଣ୍ଡ ଯୋଗୁଁ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ଚୋରି ମାମଲା ୬୮୦ଟି ରୁଜୁ ହୋଇଥିବାବେଳେ ଏହି ମାମଲାରେ ୧୪୫ ଜଣ ଗିରଫ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ଥାନାରେ ପ୍ରାୟ ସମୟରେ ହେଉଥିବା ଚୋରି ଯୋଗୁଁ ସାଧାରଣ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ହେଉ କି ସାଧାରଣଜନତାଙ୍କ ସୁରକ୍ଷା ପ୍ରତି ପୁଲିସର ଅଙ୍ଗୀକାରବଦ୍ଧତା କେତେ ତାହା ଅପରାଧ ବୃଦ୍ଧିରୁ ଅନୁମାନ କରିହେଉଛି। ଅନ୍ୟପକ୍ଷରେ ଜିଲ୍ଲାରେ ଦୁଷ୍କର୍ମ ମାମଲା ୨୩୪ଟି ରୁଜୁ ହୋଇଥିବାବେଳେ ଏହି ମାମଲାରେ ୧୯୬ ଜଣ ଗିରଫ ହୋଇଛନ୍ତି। ଫଳରେ ଜିଲ୍ଲାରେ ମହିଳା ଓ ଶିଶୁ କନ୍ୟାମାନଙ୍କ ସୁରକ୍ଷା ବ୍ୟବସ୍ଥାରେ ପୁଲିସର ପାରିବାପଣ ଜଳଜଳ ଦେଖିବାକୁ ମିଳିଛି। ସେହିପରି ଜିଲ୍ଲାରେ ସାଇବର ମାମଲା ୧୯୮ଟି ରୁଜୁ ହୋଇଥିବାବେଳେ ଏହି ମାମଲାରେ ୪୨ ଜଣ ଗିରଫ ହୋଇଛନ୍ତି। ଜିଲ୍ଲାରେ ଉପରୋକ୍ତ ଏହି ୪ଟି ଅପରାଧିକ ମାମଲା୧୧୮୪ଟି ରୁଜୁ ହୋଇଥିବାବେଳେ ଏହି ସମସ୍ତ ମାମଲାରେ ପୁଲିସ ପକ୍ଷରୁ ୪୮୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲେ ହେଁ, ଅପରାଧପରେ ଅପରାଧ ଘଟି ଚାଲୁଛି। ପୁଲିସ ଗଣମାଧ୍ୟମକୁ ମଧ୍ୟ ବିଶ୍ୱାସ ନେଉନାହିଁ। କୌଣସି ଗୁରୁତ୍ୱର ମାମଲା ସମ୍ପର୍କରେ ଜାଣିବା ପାଇଁ ଥାନାକୁ ଫୋନ୍‌କଲେ ଉତ୍ତର ମିଳୁନାହିଁ। ପୁଲିସ ନିଜ କାର୍ଯ୍ୟ ସମ୍ପାଦନାରେ ସଫଳ ହେଲେ ଅପରାଧ ହାର ହ୍ରାସ ପାଇବ, ନଚେତ୍ ଶାରୀରିକ, ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଅସହାୟ ଏବଂ ପୀଡ଼ିତାମାନେ ଅଧିକ ନିଜକୁ ଅସହାୟମନେ କରିବେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

ଭଟାପାଣି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସିନାପାଲି, ୧୪।୧୦ (ସମିସ): ସିନାପାଲି ବ୍ଲକ ଅଧୀନ ଭଟ୍ଟାପାଣି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କଳିଙ୍ଗ ଉଚ୍ଚବିଦ୍ୟାଳୟ ଭାଟାପାଣିଠାରେ ଅନୁଷ୍ଠିତ ହୋଇଛି। ଏଥିରେ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏ ଅବସରରେ ସିଆରସିସି ତରୁଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ଜଗଦୀଶ ମାଝୀ ଓ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଟୋପଚନ ମାଝୀ, ମହାତ୍ମା ଗିରି, ନିରାକାର ସାହୁ, ବ୍ୟୋମକେଶ ସାହୁ, କ୍ଷୀରସିନ୍ଧୁ ମାଝୀ, ଯୁଗମନ ମାଝୀ ଯୋଗଦେଇ ଥିଲେ। ଜନ୍ମେଜୟ ଦଣ୍ଡସେନା ସ୍ୱାଗତ କରିଥିବା ବେଳେ ଅନ୍ତର୍ଯ୍ୟାମୀ ତାଣ୍ଡି ଧନ୍ୟବାଦ ଦେଇଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ସିଆରସିସି ତରୁଣ କୁମାର ମେହେର ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବରେ ନଙ୍ଗଲବୋଡ଼ ଅଞ୍ଚଳରେ ଶାନ୍ତି ଶୃଙ୍ଖଳାର ମଙ୍ଗ ଧରିଥିବା ସିଆରପିଏଫ ମୁଖ୍ୟ ସୟଦ ମଞ୍ଜୁର ଅଲ୍ଲୀ ଓ ମୁଖ୍ୟ ବକ୍ତା ଭାବରେ ଏବିଇଓ ଖଗେଶ୍ୱର ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରବିପ୍ରସାଦ ଭୋଇ, ରାଜେନ୍ଦ୍ର ନାରାୟଣ ପଣ୍ଡା, ଖଗେଶ୍ୱର ମାଝୀ, ନିରାକାର ସାହୁ, ନେପାଳ ଚନ୍ଦ୍ର ମାଝୀ, ଉପସ୍ଥିତ ଥିଲେ।

୧୭ରେ ବୁଢ଼ାରଜାଙ୍କ ଦଶହରା

କେସିଙ୍ଗା, ୧୪।୧୦ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଅଧିଷ୍ଠାତ୍ରୀ ଦେବତା ପ୍ରଭୁ ବୁଢ଼ାଡଙ୍ଗର ବୁଢ଼ାରଜାଙ୍କ ଦଶହରା ୧୭ ତାରିଖ ପାଳନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଘୋଷଣା କରାଯାଇ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ଶନିବାର ସକାଳ ୭ଟାରେ ଝାପି ଅବରୋହଣ ୭.୩୦ ମିନିଟ୍ ସମୟରେ ଦେବତା ମାନଙ୍କୁ ଆବାହନ ସକାଳ ୯ ଘଣ୍ଟା ସମୟରେ ସାନପଡ଼ା ଧରଣୀ ଗୁଡ଼ି ନିକଟରେ ପ୍ରଭୁ ବୁଢ଼ାରଜା, ମାଁ ଦୁଆରସନୀ ଏବଂ ଜେନାବୁଢ଼ାଙ୍କ ସର୍ବସାଧାରଣଙ୍କୁ ଦର୍ଶନ କାର୍ଯ୍ୟକ୍ରମ ରହିଛି। ସେହିପରି ସନ୍ଧ୍ୟା ୬.୩୦ ମିନିଟ୍ ରେ ବୁଢ଼ା ଡଙ୍ଗର ବୁଢ଼ାରଜା ମନ୍ଦିରରେ ଠାକୁର ଙ୍କୁ ପୂଜାର୍ଚ୍ଚନା ଏବଂ ଦୁଃଖ ଜଣାଣ କାର୍ଯ୍ୟକ୍ରମ ରହିଛି।

ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଜୁନାଗଡ଼, ୧୪।୧୦(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ବାଇକ୍ ସହ ଠିଆ ହୋଇଥିବା ଜଣେ ବୃଦ୍ଧଙ୍କୁ ଏକ ଦ୍ରୁତଗାମୀ କେଟିଏମ୍ ବାଇକ୍ ଜୋରରେ ଧକ୍କା ଦେବାଫଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ଚାରବାହାଲ ଗ୍ରାମର ଭୀମ ସାହୁ (୬୮) ବୋଲି ଜଣାପଡ଼ିଛି। ଧକ୍କା ଦେଇଥିବା ବାଇକ୍ ଚାଳକ କୋକସରା ବ୍ଲକ ସୁନାମାଲ ଗ୍ରାମର ଜଳନ୍ଧର ହଂସ ବୋଲି ଜଣାପଡ଼ିଛି। ଭୀମ ସାହୁ ଚାରବାହାଲ ଠାରେ ରାସ୍ତା କଡ଼ରେ ଠିଆ ହୋଇଥିବାବେଳେ ଜଳନ୍ଧର କେଟିଏମ୍ ବାଇକ୍ ଯୋଗେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ଜୁନାଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଭୀମ ସାହୁଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଜଳନ୍ଧର ହଂସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ମୃତକଙ୍କ ପରିବାର ପକ୍ଷରୁ କୋକସରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଓ ସୃଜନଶୀଳତାକୁ ଗୁରୁତ୍ୱ

ଗୋଲାମୁଣ୍ଡା, ୧୪।୧୦(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ମହାଲିଙ୍ଗ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନ କେନ୍ଦ୍ର, ମହାଲିଙ୍ଗପକ୍ଷରୁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଆୟୋଜିତ ହୋଇଛି। ଏହି ମହୋତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପ୍ରସ୍ଫୁଟନ ଏବଂ ଶିକ୍ଷାପ୍ରତି ଆଗ୍ରହ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ରାଜେଶ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସାମଗ୍ରିକ ବିକାଶରେ ଏଭଳି ମହୋତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷକ ସଂଘର ସଭାପତି ରାଜେଶ ସାହୁ, ମହାଲିଙ୍ଗ ସିଆରସିସି ମାର୍କଣ୍ଡ ଜାନୀ, ବଡ଼ଚେରଗାଁର ପୂର୍ବତନ ସିଆରସିସି ଅମିତ ଜାଲ, ମହାଲିଙ୍ଗର ପୂର୍ବତନ ସିଆରସିସି ଭୀଷ୍ମ ସାହୁ ଏବଂ ପ୍ରଧାନଶିକ୍ଷକ ଗିରିଧାରୀ ହରିଜନ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ସୁଦର୍ଶନ ପୁଟେଲ, ମୁକୁନ୍ଦ ଦୀପଙ୍କ ସମେତ ମହାଲିଙ୍ଗ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

'ବିକାଶ'ଠୁ ବହୁ ଦୂରରେ ପୋଡ଼ାପାଇ ଗାଁ

ଥୁଆମୂଳ ରାମପୁର, ୧୪।୧୦(ସମିସ)

ଚଳିତବର୍ଷ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିଛି। ହେଲେ ଆଜି ବି ଓଡ଼ିଶାରେ ଏନେକ ଗ୍ରାମ ଅଛି ଯେଉଁଠି ବିକାଶର କିରଣ ପହଞ୍ଚି ପାରିନାହିଁ। ଯାତାୟାତ ପାଇଁ ଭରସା କେବଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ସଂକୀର୍ଣ୍ଣ ପାଦଚଲା ରାସ୍ତା। ଶିକ୍ଷାଠାରୁ ସ୍ୱାସ୍ଥ୍ୟ, ପାନୀୟଜଳ ଠାରୁ

୫୫ ପରିବାରଙ୍କ ଭରସା ଜଙ୍ଗଲ ମଧ୍ୟରେ ସଂକୀର୍ଣ୍ଣ ରାସ୍ତା

ଭିତ୍ତିଭୂମି ଅଭାବରୁ ଦୁର୍ଦ୍ଦଶାରେ ଗ୍ରାମବାସୀ

ଆବାସ ଯୋଜନା ସବୁଠି ଅବ୍ୟବସ୍ଥାର ଚିତ୍ର। ଜୀବିକା ପାଇଁ କେହି ଜଙ୍ଗଲରୁ ସିଆଳିପତ୍ର ସଂଗ୍ରହ କରୁଛନ୍ତି ତ ଆଉ କେହି ପରିବାର ପ୍ରତିପୋଷଣ ପାଇଁ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିକାଶର ଅନେକ ପ୍ରତିଶ୍ରୁତି ସତ୍ତ୍ୱେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅଧୀନ ଦୁର୍ଗମ କେରପାଇ ପଞ୍ଚାୟତର ପୋଡ଼ାପାଇ ଗ୍ରାମବାସୀ। ପ୍ରାୟ ୫୫ଟି ଆଦିବାସୀ ପରିବାର ବସବାସ କରୁଥିବା ଏହି ଗାଁର ବିକାଶ ଚିତ୍ର ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

କେରପାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୬ କିଲୋମିଟର ଦୂରରେ ରହିଛି ପୋଡ଼ାପାଇ ଗାଁ। ଅନ୍ୟପକ୍ଷରେ, କେରପାଇଠାରୁ ମେଲରଫାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କଠାରୁ ଗାଁଟିର ଦୂରତା ପ୍ରାୟ ୨ କିଲୋମିଟର। ହେଲେ ଏହି ଦୂରତା ଅତିକ୍ରମ କରିବା ଗ୍ରାମବାସୀଙ୍କ ପାଇଁ ସହଜ ନୁହେଁ। କୁଟ୍ରୁମାଳି ପାହାଡ଼ର ପାଦଦେଶରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ସଂକୀର୍ଣ୍ଣ ପାଦଚଲା ରାସ୍ତା ଦେଇ ଗାଁକୁ ଯିବାକୁ ପଡ଼େ। ବର୍ଷାଦିନେ ଏହି ରାସ୍ତା ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼େ। ପାହାଡ଼ରୁ ମାଟି ଧୋଇ ଆସି ଗାଁ ଦାଣ୍ଡରେ ଜମା ହେଉଥିବା ବେଳେ ନାଳ ଓ ଝରଣାରେ ଜଳସ୍ତର ବଢ଼ିଲେ ଯାତାୟାତ ଆହୁରି କଷ୍ଟକର ହୋଇଯାଏ। ଗ୍ରାମରେ ଶିକ୍ଷାର ବ୍ୟବସ୍ଥା ମଧ୍ୟ ଚିନ୍ତାଜନକ। ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଥିବା ପ୍ରାଥମିକ ବିଦ୍ୟାଳୟଟି ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଗତି କରୁଛି। ବିଦ୍ୟାଳୟରେ ପାନୀୟଜଳର ବ୍ୟବସ୍ଥା ନାହିଁ କି ସୁରକ୍ଷା ପାଚେରି ନାହିଁ। ମାତ୍ର ଜଣେ ଶିକ୍ଷକଙ୍କ ଦ୍ୱାରା ଚାଲିଛି ପାଠପଢ଼ା। ପୋଡ଼ାପାଇ ଗାଁ କାଟେଲେଖା ଅଙ୍ଗନବାଡ଼ି କେନ୍ଦ୍ର ଅଧୀନରେ ରହିଥିବାବେଳେ ଏହାର ଦୂରତା ପ୍ରାୟ ୬ କିଲୋମିଟର ବୋଲି ଜଣାପଡ଼ିଛି। ଏହା ଫଳରେ ଛୋଟ ପିଲା, ଗର୍ଭବତୀ ମହିଳା ଓ ପ୍ରସୂତି ମା'ମାନଙ୍କୁ ଆବଶ୍ୟକୀୟ ସେବା ପାଇବାରେ ଅସୁବିଧା ହେଉଥିବା ଆଶଙ୍କା ରହିଛି। ଗାଁରେ ନିୟମିତ ରୋଜଗାରର ସୁଯୋଗ ନଥିବାରୁ ଅଧିକାଂଶ ପରିବାର ଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। ବିଶେଷକରି ମହିଳାମାନେ କୁଟ୍ରୁମାଳି ପାହାଡ଼ ପାଦଦେଶର ଜଙ୍ଗଲରୁ ସିଆଳି ପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ଅନ୍ୟପକ୍ଷରେ, ଗ୍ରାମରେ କାମଧନ୍ଦାର ସୁଯୋଗ ନ ଥିବାରୁ ପରିବାର ପ୍ରତିପୋଷଣ ପାଇଁ ୩୫ରୁ ଅଧିକ ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଜଣାପଡ଼ିଛି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଗାଁକୁ ଆସି ବିକାଶର ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ନିର୍ବାଚନ ସରିଗଲେ ସେହି ପ୍ରତିଶ୍ରୁତିର ଆଉ କୌଣସି ଖୋଜଖବର ରହୁ ନ ଥିବା ସେମାନେ କହିଛନ୍ତି। ଏପରିକି ଭୋଟ ଦେବା ପାଇଁ ଗ୍ରାମବାସୀଙ୍କୁ ପ୍ରାୟ ୫ କିଲୋମିଟର ଦୂର ମେଲରଫା ମତଦାନ କେନ୍ଦ୍ରକୁ ଯିବାକୁ ପଡ଼େ। ପ୍ରଶାସନ ଓ ଜନପ୍ରତିନିଧିମାନେ ଗାଁର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ରାସ୍ତା ନିର୍ମାଣ ସହ ଶିକ୍ଷା, ପାନୀୟଜଳ, ଆବାସ ଓ ଜୀବିକା ସମସ୍ୟାର ସମାଧାନ ଦିଗରେ ଠୋସ୍ ପଦକ୍ଷେପ ନେବାକୁ ଦାବି ହେଉଛି।

ଜାତୀୟସ୍ତରରେ ନାଁ ରଖିବାକୁ ଦିବ୍ୟାଙ୍ଗ ଖେଳାଳିଙ୍କ ସଂକଳ୍ପ

କୋମନା, ୧୪।୧୦ (ସମିସ): ନୂଆପଡ଼ା ଜିଲ୍ଲାର କୋନବିରା ଗ୍ରାମସ୍ଥିତ ଜଗନ୍ନାଥ ହାଇସ୍କୁଲ୍ ଖେଳପଡ଼ିଆରେ 'ଜନ ସଂଘର୍ଷ ଦିବ୍ୟାଙ୍ଗ କ୍ରିକେଟ୍ ଆସୋସିଏାନ୍, ନୂଆପଡ଼ା' ତରଫରୁ ଏକ ପ୍ରେରଣାଦାୟୀ କ୍ରିକେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ସମସ୍ତ ଦିବ୍ୟାଙ୍ଗ ଖେଳାଳିମାନଙ୍କୁ ନେଇ ଦୁଇଟି ଦଳ ଗଠନ କରାଯାଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା। ଖେଳାଳିମାନଙ୍କର ଏହି ଉତ୍ସାହ ଏବଂ ପ୍ରତିଭା ଦର୍ଶକମାନଙ୍କ ମଧ୍ୟରେ ବେଶ୍ ପ୍ରଶଂସା ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ କୋଚ୍ କପିଲ୍ ଦେବ୍ ରାଉତଙ୍କ ମାର୍ଗଦର୍ଶନରେ ଖେଳ ପରିଚାଳିତ ହୋଇଥିବାବେଳେ କ୍ୟାପଟେନ୍ କୈବଲ୍ୟ ବାଗ ଏବଂ ଭାଇସ୍ କ୍ୟାପଟେନ୍ ଗୋରୁ ବାଗ ନିଜର ଦଳକୁ ନେତୃତ୍ୱ ଦେଇଥିଲେ। ଖେଳାଳିମାନେ ହେଲେ ଈଶ୍ୱର ମାଝୀ, ଉଗ୍ରସେନ ଛତ୍ରିଆ, ପ୍ରେମାନନ୍ଦ ରାଉତ, ସୁଦର୍ଶନ ଶବର, ଧୁରନ୍ଧର ରଣା, ଶିବରାମ ବାଗ, ଲୋକନାଥ ନାଗ, ଲଳିତ ଶୁଣାଣି, କିଶୋର ଅଦା। ଜୟଦେବ ରାଉତ ଏବଂ ଆସୋସିଏସନର ଅନ୍ୟାନ୍ୟ ସଦସ୍ୟ ସହଯୋଗ କରୁଛନ୍ତି।

ସମ୍ପାଦକୀୟ

ଯଦି ବାକ୍ ସ୍ୱାଧୀନତା ପ୍ରତ୍ୟାହାର କରି ନିଆଯାଏ, ତେବେ ଜନତା କେବଳ ବଳି ପାଇଁ ଉଦ୍ଦିଷ୍ଟ ପଶୁ ସମାନ ବୋଲି ଧରାଯିବ ।

-ଜର୍ଜ ୱାଶିଂଟନ୍

THE SAKALA

ଶୃଙ୍ଖଳା ବନାମ ଅଧିକାର

ଗଣତନ୍ତ୍ରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି । ଶାସନ/ପ୍ରଶାସନର ତ୍ରୁଟିପୂର୍ଣ୍ଣ ନୀତି, ନିଷ୍ପତ୍ତି କିମ୍ବା କୌଣସି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଗଣତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଯେତେବେଳେ ଏଭଳି ପ୍ରତିବାଦକୁ ଆଇନଶୃଙ୍ଖଳା ଭଙ୍ଗ ଆଳରେ ଭଣ୍ଡୁର କରିବାକୁ ଉଦ୍ୟମ ହୁଏ, ସେତେବେଳେ ଶୃଙ୍ଖଳା ବନାମ ଅଧିକାରର ଲକ୍ଷ୍ମଣରେଖା ଭଳି ପ୍ରଶ୍ନ ଉଠେ । ଏଭଳି ପ୍ରଶ୍ନ ଏବେ ଦିଲ୍ଲୀର ଯନ୍ତରମନ୍ତର ପ୍ରସଙ୍ଗରେ ଉଠିଛି । ଯନ୍ତରମନ୍ତରରେ ଆନ୍ଦୋଳନ ଅନୁମତିକୁ ସ୍ଥାନୀୟ ପୁଲିସ ପ୍ରଶାସନ ପ୍ରତ୍ୟାହାର କରି ନେବା ପରେ ବିବାଦ ଉଠିଛି । ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିବାରୁ କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଦୁଇଜଣ ଆଗଧାଡ଼ିର ନେତାଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣା ପ୍ରତିବାଦର ସ୍ୱରକୁ ଆହୁରି ତୀବ୍ର କରିଛି । ଅହିଂସ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ଗିରଫ କରିବା ବେଆଇନ ଏବଂ ମନମୁଖି ଶାସନର ପରିଚାୟକ ବୋଲି ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ପ୍ରତିବାଦର ବୈଧତା ଓ ପୁଲିସ କାର୍ଯ୍ୟାନୁଷ୍ଠାନର ଯଥାର୍ଥତା ସମ୍ପର୍କରେ କିଞ୍ଚିତ ଆଲୋଚନା ଆବଶ୍ୟକ ।

ଭାରତୀୟ ସମ୍ବିଧାନର ଧାରା ୧୯(୧)(କ) ନାଗରିକଙ୍କୁ ମତପ୍ରକାଶର ସ୍ୱାଧୀନତା ଦେଇଥିବା ବେଳେ ଧାରା ୧୯(୧)(ଖ) ଶାନ୍ତିପୂର୍ଣ୍ଣ ଓ ଅହିଂସ ସମାବେଶର ଅଧିକାର ସୁନିଶ୍ଚିତ କରିଛି । ତେବେ ଏହି ଅଧିକାର ଅସୀମ ନୁହେଁ । ଜନଶୃଙ୍ଖଳା, ରାଷ୍ଟ୍ରର ସୁରକ୍ଷା ଓ ଜନସମୁଦାୟଙ୍କ ଅଧିକାରର ସୁରକ୍ଷା ପାଇଁ ଆଇନ ଅନୁଯାୟୀ ଯୁକ୍ତିଯୁକ୍ତ କଟକଣା ଲାଗୁ କରାଯାଇପାରେ । କିନ୍ତୁ କଟକଣା ଲଗାଇବାର କ୍ଷମତାକୁ ଅସନ୍ତୋଷର ସ୍ୱର ଦମନ କରିବାର ଅସ୍ତ୍ରରେ ପରିଣତ କରିବା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିପନ୍ଥୀ । ପୁଲିସର ପ୍ରଥମ ଦାୟିତ୍ୱ ହେଉଛି ଲୋକଙ୍କ ଧନ ଓ ଜୀବନର ସୁରକ୍ଷା । କୌଣସି ଆନ୍ଦୋଳନ/ବିକ୍ଷୋଭ ହିଂସା ସୃଷ୍ଟି କରିବାର ଆଶଙ୍କା ଥିଲେ କିମ୍ବା ସ୍ୱାଭାବିକ ଜନଜୀବନ ବାଧାପ୍ରାପ୍ତ ଅନୁମାନ କରାଯାଉଥିଲେ ପୁଲିସପ୍ରଶାସନ ପ୍ରତିକାରମୂଳକ ପଦକ୍ଷେପ ନେଇପାରେ । କିନ୍ତୁ କେବଳ ଅନୁମାନ, ରାଜନୈତିକ ଚାପ କିମ୍ବା ପ୍ରଶାସନର ଅସୁବିଧା ଅଭିଯୋଗରେ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଅଟକାଇବା ଗ୍ରହଣୀୟ ନୁହେଁ ।

ପ୍ରତିବାଦକାରୀଙ୍କ ଦାବି ଶାସନ ପ୍ରଶାସନ ପାଇଁ ସବୁବେଳେ ଅପ୍ରିୟ ଓ ଅଗ୍ରାହ୍ୟ ହେବା ସ୍ୱାଭାବିକ । କିନ୍ତୁ ଏହି ଆଧାରରେ ଅହିଂସ ଆନ୍ଦୋଳନ/ପ୍ରତିବାଦକୁ ଆଇନଶୃଙ୍ଖଳା ପାଇଁ ବିପଦ ବୋଲି ଧରା ଯାଇପାରିବ ନାହିଁ । ଶାସକଙ୍କ ପ୍ରତି ସମାଲୋଚନାକୁ ନିରୁତ୍ସାହିତ କରିବା ବଦଳରେ ସମ୍ଭାବ୍ୟ ହିଂସାକୁ ପ୍ରତିହତ କରିବା ଆଇନ ଶାସନର ମୂଳ ଉଦ୍ଦେଶ୍ୟ । ସେହିପରି ସମ୍ଭାବ୍ୟ ହିଂସା ସୃଷ୍ଟିକାରୀ ପ୍ରତିବାଦକୁ ଅନୁମତି ନ ଦେବା, ମୂଳରୁ ଅଟକାଇବା ବା ପ୍ରତିହତ କରିବା ପାଇଁ ପୁଲିସ୍‌କୁ ଆଇନ କେତେକ ବଳ ଦେଇଛି । ସଭା ଉପରେ କଟକଣା, ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯାତାୟାତ ନିୟନ୍ତ୍ରଣ କିମ୍ବା ଆଇନସମ୍ମତ ଭାବେ ଅଟକ ରଖିବା ଭଳି ବ୍ୟବସ୍ଥା ଆଇନରେ ରହିଛି । କିନ୍ତୁ ସ୍ଥିତି ଓ ପରିସ୍ଥିତି ଅନୁଯାୟୀ ଆଇନଗତ ଆଧାର, ଆବଶ୍ୟକତା ଓ ପ୍ରତିଷେଧକମୂଳକ ପଦକ୍ଷେପର ଯଥାର୍ଥତା ରହିବା ଦରକାର । ଅତୀତରେ ବିଭିନ୍ନ ମାମଲାରେ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ମୌଳିକ ଅଧିକାର ଉପରେ କଟକଣା ଯୁକ୍ତିଯୁକ୍ତ ଓ ଆଇନସମ୍ମତ ହେବା ଆବଶ୍ୟକ । ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧାଜ୍ଞା ଜାରି କରିବା, ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କୁ ବିନାକାରଣରେ ଅଟକ ରଖିବା କିମ୍ବା ଅତ୍ୟଧିକ ବଳ ପ୍ରୟୋଗ କରିବା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରେ । ଯେଉଁଠି ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ, ସେଠାରେ ଦମନମୂଳକ ପଦକ୍ଷେପ ଅନାବଶ୍ୟକ ଉତ୍ତେଜନା ସୃଷ୍ଟି କରିପାରେ ।

ପୁଲିସ ପ୍ରଶାସନ ଭୁଲିଯିବା ଉଚିତ ନୁହେଁ ଯେ ଗଣତାନ୍ତ୍ରିକ ଶାସନରେ ସେ ରାଜନୈତିକ ଦଳର ସୁରକ୍ଷା ବାହିନୀ ନୁହେଁ, ବରଂ ଆଇନର ରକ୍ଷକ । ଶାସକ ଦଳର କାର୍ଯ୍ୟକ୍ରମକୁ ଅନୁମତି ଦେଇ ବିରୋଧୀ ଦଳର କାର୍ଯ୍ୟକ୍ରମରେ କଟକଣା ଜାରି କରିବା କିମ୍ବା ଗୋଟିଏ ଗୋଷ୍ଠୀ ପ୍ରତି ନରମ ଓ ଅନ୍ୟ ଗୋଷ୍ଠୀ ପ୍ରତି କଠୋର ଆଚରଣ କରିବା ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରେ । ପୁଲିସର କାର୍ଯ୍ୟାନୁଷ୍ଠାନରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ରହିବା ଜରୁରୀ । ଗିରଫର କାରଣ ସ୍ପଷ୍ଟ କରିବା, ଆଇନ ଅନୁଯାୟୀ ଅଟକ ବ୍ୟକ୍ତିଙ୍କ ଅଧିକାର ସୁରକ୍ଷା କରିବା, ବଳ ପ୍ରୟୋଗର ଆବଶ୍ୟକତା ଓ ମାତ୍ରାର ଯାଞ୍ଚ କରିବା ଏବଂ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ପ୍ରଶାସନର କର୍ତ୍ତବ୍ୟ । ଭୁଲ୍ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ଅଧିକାରୀଙ୍କୁ ଉତ୍ତରଦାୟୀ କରାଗଲେ ହିଁ ଆଇନ ପ୍ରତି ଜନସାଧାରଣଙ୍କ ଆସ୍ଥା ବଢ଼ିବ ।

ବିକ୍ଷୋଭ/ଆନ୍ଦୋଳନର ମାର୍ଗ ନିର୍ଦ୍ଧାରଣ, ଯାତାୟାତ ପାଇଁ ବିକଳ୍ପ ବ୍ୟବସ୍ଥା ଏବଂ ସମ୍ବେଦନଶୀଳ ସ୍ଥାନରେ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା କରାଗଲେ ଅଧିକାଂଶ ସମସ୍ୟାର ସମାଧାନ ହୋଇପାରିବ । ନିଷେଧାଜ୍ଞା କିମ୍ବା ବଳ ପ୍ରୟୋଗକୁ ପ୍ରଥମ ପଦକ୍ଷେପ ନକରି ଶେଷ ବିକଳ୍ପ ଭାବେ ବିଚାର କରିବା ଉଚିତ । ସରକାର ମଧ୍ୟ ବୁଝିବା ଆବଶ୍ୟକ ଯେ ପ୍ରତିବାଦ ହେଉଛି ଜନମତର ଏକ ମାଧ୍ୟମ । ଅସନ୍ତୋଷର କାରଣକୁ ଦୂର କରିବା ପରିବର୍ତ୍ତେ ପ୍ରତିବାଦକୁ ଦମନ କଲେ ସମସ୍ୟାର ସମାଧାନ ହୁଏ ନାହିଁ; ବରଂ ଅସନ୍ତୋଷ ଆହୁରି ଗଭୀର ହୁଏ । ଜନସାଧାରଣଙ୍କ କଥା ଶୁଣିବା, ଦାବିର ଯୁକ୍ତିଯୁକ୍ତତା ବିଚାର କରିବା ଏବଂ ଆବଶ୍ୟକ ସଂସ୍କାର ଆଣିବା ଏକ ଉତ୍ତରଦାୟୀ ସରକାରର ପରିଚୟ । ଆଇନଶୃଙ୍ଖଳା ଓ ନାଗରିକ ସ୍ୱାଧୀନତା ପରସ୍ପରର ବିରୋଧୀ ନୁହନ୍ତି । ଉଭୟର ସୁରକ୍ଷା ହିଁ ଏକ ସୁସ୍ଥ ଗଣତନ୍ତ୍ରର ଲକ୍ଷ୍ୟ । ଶାନ୍ତିର ଅର୍ଥ ନୀରବତା ନୁହେଁ ଏବଂ ଶୃଙ୍ଖଳାର ଅର୍ଥ ଭିନ୍ନମତର ଅନୁପସ୍ଥିତି ନୁହେଁ । ଯେଉଁ ଗଣତନ୍ତ୍ରରେ ନାଗରିକ ନିର୍ଭୟରେ ନିଜ ମତ ପ୍ରକାଶ କରିପାରନ୍ତି ଏବଂ ପୁଲିସ ନିରପେକ୍ଷ ଭାବେ ଆଇନର ସୁରକ୍ଷା କରେ, ସେହି ଗଣତନ୍ତ୍ର ହିଁ ପ୍ରକୃତ ଅର୍ଥରେ ସୁଦୃଢ଼ ।

ପୁନଶ୍ଚ ନିର୍ବାଚନ: ଛାତ୍ରଛାତ୍ରୀମାନଙ୍କୁ ପଦେ

ଡ. ଶଚୀନ୍ଦ୍ର ରାଉଳ

ବିଗତ ୮ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନକୁ ବାତିଲ କରାଯିବା ଫଳରେ ଯଦି ରାଜନୈତିକ ପ୍ରଚ୍ଛଦପଟରେ ଉନ୍ନତମାନର ରାଜନେତା ତିଆରି କରିବାରେ ବାଧା ସୃଷ୍ଟି ହୋଇଛି, ଯଦି ଛାତ୍ରଛାତ୍ରୀମାନଙ୍କର ରାଜନୈତିକ ସଚେତନତାର ଅବକ୍ଷୟ ଘଟିଛି, ଯଦି ଯେଉଁସବୁ କାରଣ ପାଇଁ ଛାତ୍ରସଂସଦ ନିର୍ବାଚନ ବାତିଲ ହୋଇଥିଲା, ସେସବୁ ପରିସ୍ଥିତିର ସୁଧାର ଘଟିଛି; ତେବେ ସରକାର ମହୋଦୟ ପୁନଶ୍ଚ ଛାତ୍ରସଂସଦ ନିର୍ବାଚନ କରାଇବାରେ ଯଥାର୍ଥତା ଅଛି । ଏବେ କ୍ୟାମ୍ପସମାନଙ୍କରେ ଯେଉଁ ଉଦ୍ଦୀପନା, ଉତ୍ସାହ ଓ ଆନନ୍ଦ ଛାତ୍ରଛାତ୍ରୀଙ୍କ ମହଲରେ ପ୍ରକାଶ ପାଉଛି, ତାହା ସୂଚାଇ ଦେଉଛି ଯେ ନିର୍ବାଚନ ହେବ ହିଁ ହେବ ପରିଣାମ ଯାହା ହେଉ ପଛେ । ଏହି ପରିପ୍ରେକ୍ଷୀରେ ମହାନ ଦାର୍ଶନିକ ଓ ବିଜ୍ଞାନୀ ଆରିଷ୍ଟୋଟଲ ରାଜନୈତିକ ବ୍ୟବସ୍ଥା ଉପରେ ଯାହା ମତ ରଖିଥିଲେ, ତାହା ପ୍ରଣିଧାନସାପେକ୍ଷ ।

ତାଙ୍କ ମତରେ ଉତ୍ତମ ରାଜନୈତିକ ବ୍ୟବସ୍ଥା ତିନିପ୍ରକାର ହୋଇପାରେ - (୧) ମନାର୍କି (ରାଜତନ୍ତ୍ର), (୨) ଆରିଷ୍ଟୋକ୍ରାସି (ଆଭିଜାତ ତନ୍ତ୍ର) ଓ (୩) ଟାଇମୋକ୍ରାସି (ସାମ୍ବିଧାନିକ ପ୍ରଜାତନ୍ତ୍ର) । ତିନୋଟିଯାକ ବ୍ୟବସ୍ଥାର ଖରାପ ବା ନକାରାତ୍ମକ ବ୍ୟବସ୍ଥା ରହିଛି । ତାହା ହେଲା (୧) ଟାଇରାନି (ଏକଛତ୍ରବାଦ), (୨) ଅଲିଗର୍କି (ଅଳ୍ପତନ୍ତ୍ର) ଓ (୩) ଡେମୋକ୍ରାସି (ଗଣତନ୍ତ୍ର) । ରାଜା ପ୍ରଜାବତ୍ସଳ ହୋଇପାରେ ବା ଏକଛତ୍ରବାଦୀ ହୋଇପାରେ । ଅଳ୍ପ କିଛି ଆଭିଜାତ୍ୟସମ୍ପନ୍ନ ଲୋକ ପ୍ରଜାମାନଙ୍କୁ ସୁଶାସନ ଦେଇପାରନ୍ତି ବା ସ୍ୱାର୍ଥକୈନ୍ଦ୍ରିକ ହୋଇ ଅନ୍ୟମାନଙ୍କୁ ଲୁଟି ପାରନ୍ତି । ସବୁଲୋକ ଏକ ସାମ୍ବିଧାନିକ ବ୍ୟବସ୍ଥାରେ ପରସ୍ପରକୁ ଭଲ ପାଇବା ଓ ସମ୍ମାନବୋଧ ଭିତରେ ନ୍ୟାୟସଙ୍ଗତ ଭାବରେ ସମସ୍ତଙ୍କର ସମ୍ପତ୍ତି ଆବଶ୍ୟକତାକୁ ନିର୍ଦ୍ଧାରଣ କରିପାରନ୍ତି ବା ଭଲମନ୍ଦ ବିଚାର ନକରି ବହୁମତ ନିୟମରେ ସମସ୍ତଙ୍କୁ ସୁହାଇଲା ପରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିପାରନ୍ତି । ତେବେ ଆରିଷ୍ଟୋଟଲ୍‌ଙ୍କ ସିଦ୍ଧାନ୍ତ ହେଉଛି ଏହି ତିନୋଟି ରାଜନୈତିକ ବ୍ୟବସ୍ଥାରେ ମୋନାର୍କି ସବୁଠୁ ଉତ୍ତମ, ଆରିଷ୍ଟୋକ୍ରାସି ମଧ୍ୟମ ଓ ଟିମୋକ୍ରାସି ବା ଡେମୋକ୍ରାସି ନିମ୍ନ । ତାଙ୍କ ମତରେ ଜଣେ ପ୍ରଜାବତ୍ସଳ ରାଜା ଯେ କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାଠାରୁ ଉର୍ଦ୍ଧ୍ୱରେ ।

ସମୟ ଥିଲା ସବୁଠୁ ଭଲ ଛାତ୍ରଛାତ୍ରୀମାନେ ନେତୃତ୍ୱର ଡୋର ବେକରେ ପିନ୍ଧୁଥିଲେ । ସେମାନେ ସରକାରୀ ଚାକିରିଆ ହେଉଥିଲେ, ରାଜ୍ୟର ମୁଖ୍ୟମନ୍ତ୍ରୀ ବି ହେଉଥିଲେ । ଆଉ କିଛି ଛାତ୍ରଛାତ୍ରୀ ଅତି ନିମ୍ନମାନର ରାଜନୀତି କରିବା ପାଇଁ ଅଧ୍ୟୟନ କରୁଥିଲେ । ସାମ୍ପ୍ରତିକ ପରିସ୍ଥିତିରେ, ଯେମିତି ଜଗତୀକରଣ, କୃତ୍ରିମ ବୁଦ୍ଧିମତ୍ତା, ଶିଳ୍ପାୟନ ସାଙ୍ଗକୁ ପରିବେଶ ସୁରକ୍ଷା ଓ ପୋଷଣୀୟତା ପ୍ରଭୃତି ଜ୍ଞାନର ଆବଶ୍ୟକତା ପଡ଼ିଲାଣି । ସେ ଛାତ୍ରନେତା ହୁଅନ୍ତୁ ବା ରାଜନେତା ହୁଅନ୍ତୁ, ପ୍ରଥମେ ଜଣେ ଜ୍ଞାନୀ ଲୋକ ହେବା ଦରକାର । ପ୍ଲାଟୋ କିନ୍ତୁ ଖାଲି ସାଧାରଣ ଜ୍ଞାନ କଥା କହୁ ନଥିଲେ । ତାଙ୍କ ମତରେ ଜଣେ ଶାସକ 'ଫିଲସଫର କିଙ୍ଗ୍' ବା 'ଆତ୍ମଜ୍ଞାନୀ' ହେବା ଦରକାର । ଯିଏ ଜୀବନ କ'ଣ, ବ୍ୟକ୍ତି ଓ ସମାଜ ମଧ୍ୟରେ ସମ୍ପର୍କ କ'ଣ ବା ମଣିଷ ଜୀବନର ମହତ୍ତ୍ୱ କିପରି ପ୍ରତିପାଦିତ ହୁଏ ଜାଣି ନାହିଁ, ସେ ଶାସକ ହୋଇପାରିବ ନାହିଁ । ଶାସକ ବା ରାଜା ହେବାକୁ ହେଲେ ଆଗ ଦାର୍ଶନିକ ହେବା ଦରକାର । ଏହି ମୂଳଦୁଆ ଯଦି ଛାତ୍ରଜୀବନରୁ ପଡ଼ିନାହିଁ, ତେବେ ସେ ଶାସକ ବା ରାଜା ହୋଇ ପାରିବ ନାହିଁ ।

ମୂଳ କଥା ହେଉଛି ମୁଁ କାହା ପାଇଁ ଓ କିପରି ବଞ୍ଚିବି? ବ୍ୟକ୍ତି ପାଇଁ ନା ଜାତି ପାଇଁ? ବ୍ୟକ୍ତି ସୁଦୃଢ଼ ହେବା ଦରକାର । କିନ୍ତୁ ବ୍ୟକ୍ତିସର୍ବସ୍ୱ ହେବା ଜୀବନର ଲକ୍ଷ୍ୟ ନୁହଁ । ବ୍ୟକ୍ତିସର୍ବସ୍ୱ ବ୍ୟକ୍ତିତ୍ୱ ଛାତ୍ରନେତା ବା ରାଜନେତା ହୋଇପାରିବ ନାହିଁ । ନିଜକୁ ପ୍ରଶ୍ନ କରିବା କଥା, ମୁଁ କେତେଦୂର ଜାତୀୟତାବାଦୀ? ମୁଁ ଯାହା ମୋ ପାଇଁ କରୁଛି ତାହା ଜାତିର କ୍ଷତି କରୁ ନାହିଁ ତ? ସକ୍ରେଟିସ୍ ହେମଲକ୍ ଫୁଲର ରସ ପିଇ ପ୍ରାଣତ୍ୟାଗ କଲେ । ତାଙ୍କ ବିରୁଦ୍ଧରେ ଯେଉଁ ତିନୋଟି ମିଥ୍ୟା ଅଭିଯୋଗ ଉତ୍ଥାପନ କରାଯାଇଥିଲା, ତନ୍ମଧ୍ୟରୁ ସେ ଏଥେନ୍ସର ଯୁବକଯୁବତୀମାନଙ୍କୁ ବିପଥଗାମୀ କରୁଥିବା ଅନ୍ୟତମ । ତାଙ୍କ ମତରେ ବୟସ୍କମାନେ ତିଆରି ହୋଇ ସାରିଛନ୍ତି । ସେମାନଙ୍କର ମାନସିକତାକୁ ବଦଳାଇବା ସହଜ ନୁହେଁ । ତେଣୁ ସେ ଯୁବାମାନଙ୍କ ସହିତ କଥା ହୁଅନ୍ତି । ପ୍ରଶ୍ନ ମାଧ୍ୟମରେ ଆଲୋଚନା କରନ୍ତି । ସେମାନଙ୍କ ମନରେ ସତ୍ୟ ଓ ନ୍ୟାୟର ବୀଜ ବପନ କରନ୍ତି । ଆଜି ଯେଉଁ ଯୁବକଯୁବତୀମାନେ କ୍ଷଣିକ ଉଦ୍ଦୀପନାରେ ବିଭୋର, ସେମାନେ ନିଜକୁ ପ୍ରଶ୍ନ କରିବା କଥା, ଏପରି ମହାନ୍ କର୍ତ୍ତବ୍ୟ ପାଇଁ ମୁଁ ନିଜକୁ ଠିକ୍ ଭାବରେ ପ୍ରସ୍ତୁତ କରିଛି ତ?

ଯୁବଶକ୍ତି ବା ଛାତ୍ରଶକ୍ତି ଏକ ମହାନ ଶକ୍ତି । ବର୍ତ୍ତମାନର ଛାତ୍ରଛାତ୍ରୀମାନେ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗୋଟିଏ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ କାହିଁକି, ସାମଗ୍ରିକ ବିଶ୍ୱର ଢେଉକୁ ଆକଳନ କରି ପାରୁଛନ୍ତି । ତେଣୁ ତାଙ୍କର ଅସୀମ ଶକ୍ତି କ୍ଷୁଦ୍ର ଦଳକୈନ୍ଦ୍ରିକ ରାଜନୀତି ଦ୍ୱାରା ବିଭାଜିତ ନ ହେଉ । ସେମାନେ ରାଜନୈତିକ ଦଳର ପୃଷ୍ଠପୋଷକତାରେ ପରିଚାଳିତ ନ ହୋଇ ନିଜର ସ୍ୱାଧୀନ ବୁଦ୍ଧିମତ୍ତାର ପରିଚୟ ଦିଅନ୍ତୁ । ରାଜନୈତିକ ଦଳ ଛାତ୍ରଶକ୍ତିଠାରୁ ଉର୍ଦ୍ଧ୍ୱରେ ନୁହେଁ । ସେମାନେ ଛାତ୍ରଶକ୍ତିଠାରୁ ଦୁର୍ବଳ ବୋଲି ଛାତ୍ରମାନଙ୍କୁ ଆପଣେଇବା ପାଇଁ ଛାତ୍ରଶକ୍ତିକୁ ବିଭାଜନ କରି ଛାତ୍ରଏକତାକୁ ନଷ୍ଟଭ୍ରଷ୍ଟ କରୁଛନ୍ତି । ଛାତ୍ରଶକ୍ତି ନିଜସ୍ୱ ବୁଦ୍ଧିରେ ନିର୍ବାଚନ ଲଢ଼ି ନିର୍ବାଚିତ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୈତିକ ଦଳମାନଙ୍କର ଶାସନର ଦୋଷତ୍ରୁଟିକୁ ବିରୋଧ କରି ଏକ ତ୍ରୁଟିଶୂନ୍ୟ ସରକାର ଗଠନରେ ସାହାଯ୍ୟ କରିପାରନ୍ତେ । ଛାତ୍ରଛାତ୍ରୀମାନେ ରାଜନେତାମାନଙ୍କର ହାତବାରିଶ ନ ହୋଇ ସେମାନଙ୍କର ସମାଲୋଚକ ହୋଇପାରିଲେ ଛାତ୍ର ନିର୍ବାଚନର ଯଥାର୍ଥତା ପ୍ରତିପାଦିତ ହୁଅନ୍ତା ।

ଛାତ୍ରଶକ୍ତି ସରକାରଙ୍କୁ ଗାଦିଚ୍ୟୁତ କରିପାରେ । ଏହାର ଉଦାହରଣ ଓଡ଼ିଶାରେ ଅଛି । ୧୯୬୪ର ଛାତ୍ର ଆନ୍ଦୋଳନ ବିରେନ ମିତ୍ରଙ୍କ ସରକାରଙ୍କୁ ଗାଦିଚ୍ୟୁତ କରିଥିଲା । 'ଆସାମ ଗଣ ସଂଗ୍ରାମ ପରିଷଦ' ଏକ ଛାତ୍ର ସଂଗଠନର ରାଜନୈତିକ ଦଳ ଥିଲା । 'ଅଲ୍ ଆସାମ ଷ୍ଟୁଡେଣ୍ଟସ୍‌ୟୁନିଅନ୍' ୧୯୭୯ରୁ ୧୯୮୫ ପର୍ଯ୍ୟନ୍ତ ଦୀର୍ଘ ଛଅବର୍ଷ ବେଆଇନ ପ୍ରବାସନ ବିରୁଦ୍ଧରେ ସଂଗ୍ରାମ କରି ୧୯୮୫ରେ ନିର୍ବାଚନ ଜିତି ସରକାର ଗଠନ କରିବା ସମ୍ଭବ ହୋଇଥିଲା । ଛାତ୍ର ଏକତା ବିନା ଏହା ସମ୍ଭବ ହୋଇ ନଥା'ନ୍ତା । ଛାତ୍ରଛାତ୍ରୀମାନେ ନିର୍ବାଚନ ଜିତିବା ପରେ ଭାବିବା ଦରକାର ଯେ ସେମାନେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କର ନେତା ବା ନେତ୍ରୀ । ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଭବିଷ୍ୟତରେ ସରକାରଙ୍କୁ ଦିଗ୍‌ଦର୍ଶନ ଦେବାର ସ୍ୱପ୍ନ ଦେଖନ୍ତୁ । ନିଷ୍ପାପ, ନିଷ୍କପଟ, ନିଷ୍କଳଙ୍କ ଛାତ୍ରଛାତ୍ରୀମାନେ ସେମାନଙ୍କର ଅସୀମ ଶକ୍ତିକୁ ସ୍ୱାର୍ଥାନ୍ୱେଷୀ ରାଜନୈତିକ ଦଳମାନଙ୍କ ପ୍ରରୋଚନାରେ ପଡ଼ି ଜଳାଞ୍ଜଳି ଦିଅନ୍ତୁ ନାହିଁ । ଅସ୍ଥିରତା, ଗଣ୍ଡଗୋଳ, ସାଇନ୍ ଡାଏ ପ୍ରଭୃତିକୁ ଲକ୍ଷ୍ୟ କରି ନିଜର ସ୍ୱାଧୀନ ଚିନ୍ତାବ୍ୟକ୍ତ କରନ୍ତୁ ।

ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ଛାତ୍ର ଆଗ ନିଜର ପାରଦର୍ଶିତାକୁ ପ୍ରତିଷ୍ଠା କରି, ନିଜେ ପ୍ରତିଷ୍ଠିତ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ସାମାଜିକ ବା ରାଜନୈତିକ ଜୀବନରେ ଅବତୀର୍ଣ୍ଣ ହେବା କଥା । ଆଗ ଅନୁଭୂତି, ତା' ପରେ ପ୍ରଗତି ବା ପ୍ରତିଷ୍ଠା । ଅନେକ ଗୁଣୀ ଓ ଦୂରଦର୍ଶୀ ବ୍ୟକ୍ତି ରାଜନୀତିରେ ଅବତୀର୍ଣ୍ଣ କଲେ ପରିସ୍ଥିତିର ପରିବର୍ତ୍ତନ ନିଶ୍ଚିତ ଘଟନ୍ତା । ଛାତ୍ରଛାତ୍ରୀମାନେ ସଙ୍କୀର୍ଣ୍ଣ ରାଜନୀତିଠାରୁ ଦୂରରେ ରହି ନିଜକୁ ସୁଦୃଢ଼ କରି ଦେଶମାତୃକାର ସେବା କରିବା ପାଇଁ ସ୍ୱପ୍ନ ଦେଖନ୍ତୁ ।

(ଅବସରପ୍ରାପ୍ତ ପ୍ରାଧ୍ୟାପକ)

ଭୁବନେଶ୍ୱର, ମୋ: ୯୪୩୭୬୦୪୦୭୭

ସମୃଦ୍ଧ ଆମେରିକାରେ ଭୋକିଲା ଶୈଶବ

ପ୍ରଜେଶ ନନ୍ଦିନୀ ଦାଶ

ବିପୁଳ ପ୍ରାକୃତିକ ସମ୍ପଦ, ବିଶାଳ ଭୂଖଣ୍ଡ, ଉନ୍ନତ ଅର୍ଥନୀତି, ଅନୁକୂଳ ଭୌଗୋଳିକ ସ୍ଥିତି ଓ ବୈଶ୍ୱିକ ପ୍ରଭାବ ଯୁକ୍ତରାଷ୍ଟ୍ର ଆମେରିକାକୁ ପୃଥିବୀର ସର୍ବଶକ୍ତିମାନ ଓ ସମୃଦ୍ଧ ଦେଶ ରୂପେ ଗଢ଼ିତୋଳିଛି । ଅନୁରୂପ ଏହି ଦେଶର ନାଗରିକମାନେ ବିଶ୍ୱର ଧନାଢ୍ୟ, ଅତ୍ୟାଧୁନିକ ରୂପେ ପରିଗଣିତ ହୋଇଆସୁଛନ୍ତି । ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି ସହିତ ସାଧାରଣ ନାଗରିକଙ୍କ ଜୀବନମାନ ବିକାଶ ପାଇଁ ବହୁବିଧ ପଦକ୍ଷେପ ନିଆଯାଇଥିଲା । ସାମାଜିକ ସୁରକ୍ଷା, ପେନ୍‌ସନ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ସହାୟତା ଯୋଜନାକୁ ସୁବ୍ୟବସ୍ଥିତ ଓ ବିକଶିତ କରିବାକୁ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ ହୋଇଥିଲା । ଫଳସ୍ୱରୂପ ଆଜି ବିଶ୍ୱଦୃଷ୍ଟିରେ ଆମେରିକା ଓ ଆମେରିକାବାସୀ ପୃଥିବୀରେ ସବୁଠାରୁ ବିତ୍ତଶାଳୀ ।

ବିଡ଼ମ୍ବନା ହେଉଛି ଆମେରିକାର ଏହି ବାହ୍ୟ ସମୃଦ୍ଧି ଓ ଆଭ୍ୟନ୍ତରୀୟ ସାମାଜିକ ବାସ୍ତବତା ଭିତରେ ଅବଶିଷ୍ଟ ବିଶ୍ୱର ଏକ ଭ୍ରମ ଧାରଣା ରହିଯାଇଛି । ଆମ ସମାଜରେ ମଧ୍ୟ ଏକ ଭୁଲ ଧାରଣ ପ୍ରଚଳିତ ଅଛି ଯେ ଆମେରିକାର କୃଷ୍ଣକାୟମାନେ ଗରୀବ; ଶ୍ୱେତାଙ୍ଗମାନେ ଧନୀ । କିନ୍ତୁ ଏହା ଆଦୌ ସତ୍ୟ ନୁହେଁ । ବାସ୍ତବରେ ସେଠାରେ ଉଭୟ କୃଷ୍ଣକାୟ ଓ ଶ୍ୱେତାଙ୍ଗ ସଂପ୍ରଦାୟର ଅନେକ ନାଗରିକ ନିମ୍ନଆୟ ବର୍ଗର ପରିସୀମା ଭିତରେ ରହିଛନ୍ତି । ଆଜି ମଧ୍ୟ ଆମେରିକାରେ ଏମିତି ଅନେକ ପରିବାର ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କୁ ଘରେ ପ୍ରତିଦିନ ଖାଦ୍ୟ ଯୋଗାଇପାରନ୍ତି ନାହିଁ । କେତେକ ପିଲାଙ୍କ ପାଇଁ ସ୍କୁଲରେ ମିଳୁଥିବା ଭୋଜନ ହିଁ ସେହିଦିନର ଏକମାତ୍ର ଖାଦ୍ୟ ସମ୍ବଳ ।

ଦ୍ୱିତୀୟବିଶ୍ୱଯୁଦ୍ଧ ପରେଆମେରିକାରେଯେଉଁସବୁ ସାମାଜିକ ସଂସ୍କାର ଆରମ୍ଭ ହୋଇଥିଲା ସେଥିମଧ୍ୟରୁ ଅନ୍ୟତମ ଥିଲା ନିମ୍ନ ଆୟବର୍ଗର ପିଲାମାନଙ୍କୁ ସେଠାକାର ସରକାରୀ ବିଦ୍ୟାଳୟମାନଙ୍କରେ ମାଗଣା ଭୋଜନ ବ୍ୟବସ୍ଥା(ଭାରତରେ ପ୍ରଚଳିତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଅନୁରୂପ) । ଏହାର ମୂଳ ଉଦ୍ଦେଶ୍ୟ ଥିଲା ପରିବାରର ଆର୍ଥିକ ଅବସ୍ଥା ଯେପରି ଶିଶୁର ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ପ୍ରଭାବିତ ନ କରେ । ଏହାବ୍ୟତୀତ ଦେଶର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ଅତିରିକ୍ତ ଖାଦ୍ୟଶସ୍ୟର ଯଥୋଚିତ ବ୍ୟବହାର ପାଇଁ ୧୯୪୭ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ହ୍ୟାରି ଟ୍ରୁମ୍ୟାନ 'ନ୍ୟାଶ୍‌ନାଲ୍ ସ୍କୁଲ ଲଞ୍ଚ ଆକ୍ଟ' ନାମକ ଆଇନ ପ୍ରଣୟନ କରିଥିଲେ ।

ପ୍ରାୟ ୪୫ ବର୍ଷ ଆମେରିକାରେ ରହିବା ସତ୍ତ୍ୱେ ଏହି ନିଷ୍ଠୁର ବାସ୍ତବତା ଉପରେ ମୋର ମଧ୍ୟ ସ୍ପଷ୍ଟ ଧାରଣ ନଥିଲା । ଏହାର ପ୍ରଧାନ କାରଣ ଥିଲା ଆମର କର୍ମଜୀବନରେ ଆମେସବୁ ସ୍କୁଲ ବ୍ୟବସ୍ଥାଠାରୁ ବହୁ ଦୂରରେ ରହିଛୁ । ତେଣୁ ସ୍କୁଲରେ ମିଳୁଥିବା ମାଗଣାଭୋଜନ କିମ୍ବା ନିମ୍ନ ଆୟବର୍ଗର ପରିବାରମାନଙ୍କର ଖାଦ୍ୟାଭାବ ସମସ୍ୟା ବିଷୟରେ ମୁଁ ଅବଗତ ନ ଥିଲି । ଗୋଟିଏ ଘଟଣା ମୋର ଧାରଣାକୁ ସଂପୂର୍ଣ୍ଣ ବଦଳାଇ ଦେଲା -

ଗୋଟିଏ ବର୍ଷ ଖ୍ରୀଷ୍ଟମାସ ସମୟରେ ମୁଁ ଓ ମୋର ଜଣେ ବାନ୍ଧବୀ ଉପହାର ନେବାକୁ ତିନୋଟି ଗରିବ ପରିବାରକୁ ଚୟନ କଲୁ । ସେହି ପରିବାରଗୁଡ଼ିକର ନାମ ଓ ଠିକଣା ଆମକୁ ସ୍ଥାନୀୟ ଚର୍ଚ୍ଚ କର୍ତ୍ତୃପକ୍ଷ ଆଗରୁ ଜଣାଇ ଦେଇଥିଲେ । ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଏକ ବଡ଼ ପ୍ୟାକେଟରେ ରଖି ଜଣଙ୍କ ଘରକୁ ଗଲୁ । ଘରଟି ଥିଲା ବହୁତ ପୁରୁଣା । ଆସବାବପତ୍ରରୁ ଘରପରିବାର ଯେ ଅତ୍ୟନ୍ତ ଗରୀବ ସେକଥା ଠଉରାଇ ହେଉଥିଲା । ସେଇ ପରିବାରରେ ଦୁଇଟି ଛୋଟପିଲା ଅଛନ୍ତି ଜାଣି ମୁଁ ଏକ ଗ୍ୟାଲନ ଚକୋଲେଟ ସ୍ୱାଦଯୁକ୍ତ କ୍ଷୀରବୋତଲ ସେ ପ୍ୟାକେଟ୍‌ରେ ରଖିଥିଲି । ସେମାନେ ଆମକୁ ଆନ୍ତରିକତା ସହିତ ସ୍ୱାଗତ କଲେ । ଏତେବଡ଼ ପ୍ୟାକେଟ ଦେଖି ପିଲାମାନେ ଖୁବ୍ ଖୁସି ହୋଇ ଆନନ୍ଦରେ ଖୋଲିବାକୁ ଲାଗିଲେ । ହଠାତ୍ ପାଞ୍ଚବର୍ଷର ଶ୍ୱେତାଙ୍ଗୀ ଝିଅଟିଏ ପ୍ୟାକେଟ ଭିତରକୁ ଉଙ୍କି ମାରି ଆନନ୍ଦରେ ଚିତ୍କାର କରି ଉଠିଲା । 'ଓଃ ମାଆ, ସେମାନେ ଆମ ପାଇଁ ଚକେଲେଟ୍ ମିଲ୍କ ଆଣିଛନ୍ତି' କହି ସେ ତା'ମାଆକୁ କୁଣ୍ଢାଇ ପକାଇଲା ।

ପରେ ଜାଣିବାକୁ ପାଇଲି ସେମାନଙ୍କର ରେଫ୍ରିଜରେଟର ନଥିଲା । ତେଣୁ ଏକାସାଙ୍ଗରେ ଗୋଟେ ଗ୍ୟାଲେନ ମିଲ୍କର ବଡ଼ବୋତଲ ସେମାନେ କେବେ କିଣନ୍ତି ନାହିଁ । ତାହା ସେମାନଙ୍କର ସାଧାରଣ ଖାଦ୍ୟ ନୁହେଁ, ଏକ ଉପହାର । ସେମାନେ ସ୍କୁଲରେ ମାଗଣା ଭୋଜନ ସହିତ ମାତ୍ର ଗୋଟେ ଗ୍ଲାସ କ୍ଷୀର ପିଇବାକୁ ପାଉଥିଲେ । ଛୁଟିଦିନମାନଙ୍କରେ ସ୍କୁଲ ବନ୍ଦ ଥିଲେ ସେମାନେ କିଛି ଶସ୍ତା ଖାଦ୍ୟ ଖାଇ ଭୋକ ମେଣ୍ଟାନ୍ତି । ଏମିତି ପରିବାର ଆମେରିକାରେ ଅଛନ୍ତି ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।

ଆହୁରି ମଧ୍ୟ ଜାଣିବାକୁ ପାଇଲି ଯେ, ସେମାନଙ୍କ ସହିତ ଆହୁରି ଅନେକ ପରିବାର ରିହାତି ପାଇବା ସତ୍ତ୍ୱେ ଅନେକ ସମୟରେ ମଧ୍ୟାହ୍ନ ଭୋଜନ ପଇସା ବର୍ଷ ଶେଷରେ ସ୍କୁଲକୁ ଫେରାଇ ପାରନ୍ତି ନାହିଁ । କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ, ପ୍ରଧାନତଃ କାଫେଟୋରିଆର କର୍ମଚାରୀମାନେ ସେ ପିଲାମାନଙ୍କୁ ଉପାସରେ ରହିବାକୁ ନ ଦେଇ ଗୋଟିଏ ବାକି ଖାତା କରି ହିସାବ ଲେଖି ରଖନ୍ତି । ପ୍ରତି ପନ୍ଦରଦିନରେ ଅଭିଭାବକମାନଙ୍କ ପାଖକୁ ଚିଠିଯାଏ ଲଞ୍ଚ ବାବଦରେ ପାଉଣା ଫେରାଇ ଦେବାକୁ । ହେଲେ ଅନେକ ସମୟରେ ସେମାନେ ସେ ପାଉଣା ଫେରାଇ ପାରନ୍ତି ନାହିଁ । କେତୋଟି ପରିବାରରେ ଦୁଇ/ତିନୋଟି ପିଲାଙ୍କ ନାମରେ ଏପରି ବାକି ଖାତା ଗଢ଼ିଚାଲେ । କିନ୍ତୁ କେତେକ ସ୍ଥାନରେ ବଡ଼ ପିଲାମାନେ ମାଗଣା ଖାଦ୍ୟ ଖାଇବାକୁ ଲଜ୍ଜା ବୋଧ କରି ଓପାସ ରହିଯାଆନ୍ତି ।

ଅନେକ କ୍ଷେତ୍ରରେ ଏ ପିଲାମାନେ ଏକକ ଅଭିଭାବକ, ବିଶେଷତଃ ମାଆମାନଙ୍କ ତତ୍ତ୍ୱାବଧାନରେ ବଢ଼ିଥା'ନ୍ତି । ବିବାହ ବିଚ୍ଛେଦ, ଦାମ୍ପତ୍ୟ କଳହ, ଘରୋଇ ହିଂସା ଓ ମହିଳା ନିର୍ଯାତନା, ପରିବାର ମୁରବିଙ୍କ ଅକାଳ ମୃତ୍ୟୁ, ବିବାହ ବିନା ସନ୍ତାନ ଜନ୍ମ, ନିଶା ଦ୍ରବ୍ୟର କୁପ୍ରଭାବ ଯୋଗୁଁ ପିଲାମାନେ ଘୋର ଆର୍ଥିକ ଅନଟନରେ ଜୀବନ ଜିଇଁବାକୁ ବାଧ୍ୟ ହୁଅନ୍ତି । ଆମେରିକାର ବାହ୍ୟ ଚାକଚକ୍ୟ, ଭୋଗବିଳାସ ପଛରେ ଲୁଚି ରହିଛି ଏଭଳି ଅନେକ ନିଷ୍ଠୁର ଦୁନିଆ ଯେଉଁଠାରେ ଏକ ଗ୍ୟାଲନ୍ କ୍ଷୀର ମଧ୍ୟ ଆଶୀର୍ବାଦ ପରି ଲାଗେ ଏବଂ ମଧ୍ୟାହ୍ନ ଭୋଜନରେ ହିଁ ଅନେକ ଶୈଶବ ବଞ୍ଚିବାକୁ ବିବଶ ହୁଏ ।

୧୬୧୩, ଡାଇମଣ୍ଡ ଡ୍ରାଇଭ୍, ଫ୍ରାଙ୍କଲିନ୍ ଟିଏନ୍-୩୭୦୬୪(ଆମେରିକା)

ମୋ: ୬୧୫-୭୮୮୫୬୨୩

ବିଶ୍ୱ-ବେଦନା-ସଂଭୂତ ଅତୀନ୍ଦ୍ରିୟ ସାନ୍ତ୍ୱନା: ଶାନ୍ତନୁ ଆଚାର୍ଯ୍ୟ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସମକାଳୀନ ସମାଜର ବୀଭତ୍ସତାକୁ ଅନାସକ୍ତ ଭାବରେ ବର୍ଣ୍ଣନା କରିବା ଯଦି କଥାଶିଳ୍ପୀର ଏକମାତ୍ର ଲକ୍ଷ୍ୟ ହୁଅନ୍ତା, ତା' ହେଲେ ମଣିଷ ପାଇଁ ଉତ୍ତରିତ ଚେତନାର ଦ୍ୱାର ଅବରୁଦ୍ଧ ହୋଇ ରହିଯାଆନ୍ତା ଚିରକାଳ । ସାହିତ୍ୟର ଏହି ସର୍ବମୂଳ ଓ ଚିର କଲ୍ୟାଣକର ସତ୍ୟ ପ୍ରତି ସଦା ଉନ୍ମୁଖ ଓ ଦୃଢ଼ ଆସ୍ଥାଶୀଳ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଗଳ୍ପ ଉପନ୍ୟାସ ସେ ଦୃଷ୍ଟିରୁ ବିଗତ ଓ ଚଳିତ ଶତାବ୍ଦୀ ନିମିତ୍ତ ଏକ ଶ୍ରେଷ୍ଠ ଆହ୍ୱାନ - ଅସାମାନ୍ୟ ସାନ୍ତ୍ୱନା - ଏକ ହୃଦୟସ୍ପର୍ଶୀ ପ୍ରଚ୍ଛନ୍ନ ପ୍ରାର୍ଥନା - ଆଉ ମଣିଷ ପ୍ରତି ଗଭୀରରୁ ଗଭୀରତର ସମ୍ବେଦନା ।

ଶାନ୍ତନୁ-କଥା-ଜଗତ ଏକ ବିଚିତ୍ର ବିସ୍ମୟ । ସମାଜକୁ ଆକଣ୍ଠ ଗ୍ରାସ କରିଥିବା ରାଜନୈତିକ ବର୍ବରତା, ଦୁର୍ନୀତିର ଦୌରାତ୍ମ୍ୟ, ଆଦିମ କ୍ଷୁଧାର ଲେଲିହାନ ଶିଖା, ଘୃଣା ଓ ହିଂସାର ଆତଙ୍କ, ସାମ୍ପ୍ରଦାୟିକ ଉତ୍ତେଜନାର କୁତ୍ସିତ ରୂପ, ମାନବୀୟ ସହାନୁଭୂତିର ଶୋଚନୀୟ ଅବକ୍ଷୟ - ଏସବୁକୁ ଅବିକଳ ଉପସ୍ଥାପନ କରିବାରେ ତାଙ୍କ ସାମର୍ଥ୍ୟ ପ୍ରଶ୍ନାତୀତ । ପ୍ରାଚ୍ୟ-ପାଶ୍ଚାତ୍ୟ ଜଗତର ବିଭିନ୍ନ ଦର୍ଶନ, କଳା ଓ ସାହିତ୍ୟ ଜଗତର ନାନାବିଧ ମତବାଦ, ଧର୍ମଗ୍ରନ୍ଥଗୁଡ଼ିକର ଅନ୍ତର୍ନିହିତ ତତ୍ତ୍ୱ, ଇତିହାସର ଉଦ୍‌ଘାଟିତ ଓ ଅନୁଦ୍‌ଘାଟିତ ଅସଂଖ୍ୟ ଉପାଦାନ, ମନସ୍ତତ୍ତ୍ୱର ଜଟିଳ ବୃତ୍ତ, ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନର ଚମତ୍କାରିତା, ଆଧ୍ୟାତ୍ମିକ ଜଗତର ନିଗୂଢ଼ ରହସ୍ୟ ସହିତ ତାଙ୍କର ଆତ୍ମିକ ସମ୍ପୃକ୍ତି ଅଚିନ୍ତନୀୟ । ଓଡ଼ିଆ କଥା ସାହିତ୍ୟରେ ନବଚେତନାର ପ୍ରବର୍ତ୍ତକ ଭାବେ ଶ୍ରେଷ୍ଠ ସମ୍ମାନ ଅର୍ପିତ ହୋଇଛି ତାଙ୍କ ପ୍ରତି । କିନ୍ତୁ ଯାହା ନୈରାଶ୍ୟଜନକ ନିଷ୍ଠୁର ବାସ୍ତବତା ତାହା ହିଁ ପ୍ରଦର୍ଶନ କରିଦେବା ପାଇଁ ସେ କ'ଣ ଲେଖନୀ ଧାରଣ କରିଥିଲେ? ପୁଣି କ'ଣ ଦାର୍ଶନିକ ପ୍ରଜ୍ଞାର ପରିପ୍ରକାଶ ନିମିତ୍ତ ସେ ପଦାର୍ପଣ କରିଛନ୍ତି ଏହି ଉଜୁଡ଼ି ଯାଉଥିବା ପୃଥିବୀରେ?

ତାଙ୍କ ପ୍ରତିଭାର ପରିସୀମାକୁ ଏତିକିରେ ନିର୍ଦ୍ଧାରିତ କରିଦେବା ଏକ ଅବିଚାର ହେବ ନିଶ୍ଚୟ । ସ୍ୱରଚିତ ଉପନ୍ୟାସଗୁଡ଼ିକରେ ସେ ଯେଉଁ କଳଙ୍କିତ କାଳର ଚିତ୍ରାୟନ କରିଛନ୍ତି ତାହାର ପଶ୍ଚାତଭାଗରେ ଅବଦମିତ ରହିଛି ବ୍ୟାକୁଳ-ବକ୍ଷ-ବିଦାରକ ଆର୍ତ୍ତନାଦ । ଧ୍ୱସ୍ତବିଧ୍ୱସ୍ତ ଧରିତ୍ରୀର ଅନ୍ତର୍ଦାହ, ବିଦୀର୍ଣ୍ଣ ହୋଇଯାଉଥିବା ମାନବତାର ମର୍ମଭେଦୀ କରୁଣ କ୍ରନ୍ଦନ ପାଠକର କଳିଜାକୁ କ'ଣ ଖଣ୍ଡବିଖଣ୍ଡିତ କରି ଦେଉନାହିଁ? ଶାନ୍ତନୁ ଆଚାର୍ଯ୍ୟଙ୍କ ଏହି ଅନ୍ତଃରୂପ ଦର୍ଶନ କରିପାରିଲେ ହିଁ ତାଙ୍କ ସମ୍ବେଦନଶୀଳ ଶିଳ୍ପୀପ୍ରାଣର କାରୁଣ୍ୟକୁ ବୁଝିହୁଏ । ତେଣୁ ସେ ମଣିଷର ଦୁଃସହ ଦୁଃଖ ଓ ବେଦନା ପାଇଁ ଅଶ୍ରୁ ବିସର୍ଜନ ନ କରି ରହିପାରିଥା'ନ୍ତେ କିପରି? ପୁଣି ଯେଉଁ ଭାଷାରେ ଲେଖକ ନିର୍ମମ ବାସ୍ତବତାକୁ ବର୍ଣ୍ଣନା କରିଛନ୍ତି, ତାହାରି ଭିତରେ ସକଳ ଛଦ୍ମତା, ଅନ୍ୟାୟ, ଅତ୍ୟାଚାର, ଶୋଷଣ, ପୀଡ଼ନ, ପ୍ରତାରଣାର ପ୍ରଦୂଷଣ ବିରୁଦ୍ଧରେ ପ୍ରତିବାଦର ଅଗ୍ନିକଣା ସଂଯୋଗ କରି ଦେଇଛନ୍ତି । ପାଉଁଶ ତଳର ନିଆଁ ଭଳି ତାହା ଆଜି ମଧ୍ୟ ପ୍ରଜ୍ୱଳିତ, ପରିବ୍ୟାପ୍ତ ।

ଉଚ୍ଚକୋଟୀର ଶିଳ୍ପୀ ସିଏ, ଯିଏ ମାନବତାର ହତ୍ୟା ଦେଖି ନିଜେ ରକ୍ତାକ୍ତ ହୁଏ । ତେଣୁ ଅମାନୁଷିକତା ବିରୁଦ୍ଧରେ ତାଙ୍କର ସ୍ୱର ଅତି ତୀକ୍ଷ୍ଣ । ମାତ୍ର ଏହାରି ମଧ୍ୟରେ କଥାସାହିତ୍ୟର କଳା ଓ କାରିଗରୀକୁ ଅକ୍ଷୁଣ୍ଣ ରଖିବାକୁ ଆଉ ଏ ପୃଥିବୀର ପୁନର୍ସଜ୍ଜା ପାଇଁ ସେ ପ୍ରସ୍ତୁତ କରିଦେଇଛନ୍ତି ସୁପ୍ରଶସ୍ତ ପଥ । ଭବିଷ୍ୟତରେ ମନୁଷ୍ୟ ଜାତିର ବାସ୍ତବ ନେତୃତ୍ୱର ବ୍ୟକ୍ତିତ୍ୱ ନିର୍ମାଣ କରିବାର ଯେଉଁ ଐଶ୍ୱରୀୟ ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ, ସେଥିରୁ ଗୋଟିଏ ମୁହୂର୍ତ୍ତ ବି ବିସ୍ମୃତ ହୋଇଯାଇ ନ ପାରନ୍ତି ଶାନ୍ତନୁ ଆଚାର୍ଯ୍ୟଙ୍କ ପରି କଥାଶିଳ୍ପୀ । 'ନର କିନ୍ନର' ଠାରୁ ଆରମ୍ଭକରି 'ଶତାବ୍ଦୀର ନଚିକେତା', 'ଶକୁନ୍ତଳା', 'ଦକ୍ଷିଣାବର୍ତ୍ତ', 'ଅନୁ ହଜିଯିବା ପରେ' ଆଦି ଯେକୌଣସି ଉପନ୍ୟାସ ଅଥବା 'ମନମର୍ମର', 'ଦୁର୍ବାର', 'ଅରଣ୍ୟର ଚୂଳ', 'ଅଦିନ ବଉଳ', 'କରଞ୍ଜିଆ ଡାଏରୀ', 'ସର୍ପଯାନ' ପ୍ରଭୃତି ଗଳ୍ପ ସଂକଳନରେ ତାଙ୍କ ସାମାଜିକ ଅଙ୍ଗୀକାରବଦ୍ଧତାର ପ୍ରତିଫଳନ ସେହି କାରଣରୁ ହୋଇପାରିଛି ଅତ୍ୟନ୍ତ ପ୍ରଭାବଶାଳୀ । 'ପରକୀୟା' ଶୀର୍ଷକ ଗଳ୍ପଟି ପାଠ କରିଦେବା ମାତ୍ରକେ ସ୍ୱକୀୟା-ପରକୀୟା ପ୍ରୀତିର ଗତାନୁଗତିକ ପୂର୍ବବର୍ତ୍ତୀ ଧାରଣା ଧୂଳିସାତ ହୋଇଯିବ କ୍ଷଣକରେ । ପାଠକ-ମାନସ ଆଧୁନିକ ଚେତନାରେ ହୋଇଉଠିବ ଉଦ୍ଭାସିତ । ଯେଉଁମାନେ ଅସହାୟ, ଅଭାବଗ୍ରସ୍ତ ସେମାନଙ୍କ ସକାଶେ ଯିଏ ହୋଇପାରେ ସମର୍ପିତ, ମୁକ୍ତହସ୍ତ, ତାହାର ସଂପ୍ରୀତି ହିଁ ପରକୀୟା ପ୍ରୀତିର ମାନ୍ୟତା ଲାଭ ସକାଶେ ଉପଯୁକ୍ତ ।

ଶାନ୍ତନୁ ଆଚାର୍ଯ୍ୟ ଏପରି କେବଳ ଲେଖୁଥିଲେ ନା ବାସ୍ତବ ସମସ୍ୟା ବେଳେ ଅନ୍ୟମାନଙ୍କ ପ୍ରତି ଅନୁରୂପ ଆତ୍ମୀୟତା ପ୍ରକଟ କରିଛନ୍ତି? ତାଙ୍କ ସହଧର୍ମିଣୀ ତଥା ସ୍ୱନାମଧନ୍ୟ ସାହିତ୍ୟସାଧିକା ଉଚ୍ଚକୋଟୀର ଅନୁବାଦିକା ଶ୍ରୀମତୀ ନିରୁପମା ଆଚାର୍ଯ୍ୟ ଉଲ୍ଲେଖ କରିଛନ୍ତି ଶାନ୍ତନୁ ଆଚାର୍ଯ୍ୟ ସାହିତ୍ୟ ସାଧନା ପାଇଁ ପୁରସ୍କାର ଭାବରେ ପାଇଥିବା ଅର୍ଥକୁ ଖବରକାଗଜରେ ପ୍ରକାଶିତ ଏକ ସମ୍ବାଦ ପଢ଼ି ଜଣେ ଅସହାୟ ଛାତ୍ରକୁ କିପରି ପ୍ରଦାନ କରିଛନ୍ତି । 'ଚଳନ୍ତି ଠାକୁର' ଗଳ୍ପରେ ମିସ୍କୁନ ଭଳି ନିଷ୍ପାପ ଶିଶୁକଣ୍ଠ ମାଧ୍ୟମରେ ତେଣୁ ଉଦ୍‌ଘୋଷିତ ହୋଇଯାଏ 'ଆଇ ଆମ ନଟ ଏ ଡେଡ ଗଡ଼ ।'

ମହାପୁରୁଷମାନେ ପ୍ରତିଟି ଯୁଗରେ ଚଳନ୍ତିଠାକୁର । ଆଉ ଏହି ପବିତ୍ର ପ୍ରତ୍ୟୟ ଯେଉଁ ଶିଳ୍ପୀ ଆମ ଭିତରେ ପ୍ରୋଥିତ କରିଦେବାରେ ନେଇପାରନ୍ତି ଅଗ୍ରଣୀ ଭୂମିକା ସିଏ ମଧ୍ୟ ଆମ ସାହିତ୍ୟ ଜଗତର ଦ୍ୱିତୀୟ ଈଶ୍ୱର । ଅବିବେକୀ ସମାଜ ମଧ୍ୟରେ ଶାନ୍ତନୁ କୁମାର ଆଚାର୍ଯ୍ୟ ଚଳନ୍ତିଠାକୁରଙ୍କ ମଙ୍ଗଳମୟ ଆଶୀର୍ବାଦ । 'ଜେଜେ ମଲାପରେ' ବି ତାଙ୍କ ସୂକ୍ଷ୍ମ ଅସ୍ତିତ୍ୱ ସହ ସଂଯୋଗସୂତ୍ର ସେ ହିଁ ସ୍ଥାପନ କରିଦେଇ ପାରନ୍ତି । ବାସ୍ତବରେ ତାଙ୍କ ଜୀବନ ଆଉ ଏକ ଉପନ୍ୟାସ । ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ପରିବେଶକୁ ଭାରାକ୍ରାନ୍ତ କରି ରଖିଥିବା ଅବ୍ୟକ୍ତ ବେଦନା ମଧ୍ୟରୁ ଉତଥିତ ସେ ଏକ ଅଲୌକିକ ଅତୀନ୍ଦ୍ରିୟ ସାନ୍ତ୍ୱନା ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ପୁଲିସ ହେପାଜତରେ ଅଭିଯୁକ୍ତର ମୃତ୍ୟୁ ଘଟଣା

୩ କର୍ମଚାରୀଙ୍କ ଜାମିନ ହାଇକୋର୍ଟରେ ଖାରଜ

କଟକ,୧୪।୧୦(ସମିସ): ୨୦୧୭ ମସିହାର ଜଣେ ଅଭିଯୁକ୍ତଙ୍କ ହାଜତ ମୃତ୍ୟୁ ମାମଲାରେ ସମ୍ପୃକ୍ତ ତିନିଜଣ ପୁଲିସ କର୍ମଚାରୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଦେବେନ୍ଦ୍ର କୁମାର ପାଇକ, କୃଷ୍ଣଚନ୍ଦ୍ର ବେହେରା ଓ ଶିବପ୍ରସାଦ ସାହୁଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ରାୟ ଶୁଣାଇଛନ୍ତି। ୨୦୧୭ ଜାନୁଆରୀ ୩୦ ତାରିଖରେ କୋରାପୁଟ ଜିଲ୍ଲା ଜୟପୁର ଥାନାର ୧୪ଟି ମାମଲାରେ ଜଡ଼ିତ ଜଣେ ଅଭିଯୁକ୍ତ ଆକାଶ ମହୁରିଆକୁ ଗିରଫ କରିବା ପାଇଁ ପୁଲିସ ଟିମ୍ ଯାଇଥିଲା। ପୁଲିସ ପକ୍ଷରୁ ଦାବି କରାଯାଇଥିଲା ଯେ ମୋଟରସାଇକଲରେ ଖସିଯିବା ବେଳେ କେନାଲ ରୋଡରେ ପଡ଼ିଯିବାରୁ ଆକାଶ ଗୁରୁତର ଆହତ ହୋଇଥିଲା ଏବଂ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଥିଲା। ପ୍ରାରମ୍ଭରେ ଏହାକୁ ଏକ ଦୁର୍ଘଟଣା ଦର୍ଶାଇ ମାମଲା ବନ୍ଦ କରାଯାଇଥିବା ବେଳେ, ମୃତକଙ୍କ ମା' ଓଡ଼ିଶା ମାନବାଧିକାର ଆୟୋଗ ଏବଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହା ଏକ ପୁଲିସ ହେପାଜତରେ ହତ୍ୟା ବୋଲି ଅଭିଯୋଗ କରିଥିଲେ। ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ହୋଇଥିଲା। ଅଭିଯୁକ୍ତ ପୁଲିସ କନଷ୍ଟେବଲ ଦେବେନ୍ଦ୍ର କୁମାର ପାଇକ, ଏଏସ୍ଆଇ. କୃଷ୍ଣଚନ୍ଦ୍ର ବେହେରା ଓ ଏସଆଇ ଶିବପ୍ରସାଦ ସାହୁ ୨୦୨୫ ଅଗଷ୍ଟ ୨୯ ତାରିଖରୁ ଗିରଫ ହୋଇ ଜେଲରେ ଅଛନ୍ତି। ସାକ୍ଷୀଙ୍କ ବୟାନ, ଡାକ୍ତରୀ ପ୍ରମାଣ ଏବଂ ମାମଲାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅଭିଯୁକ୍ତଙ୍କୁ ଏହି ପର୍ଯ୍ୟାୟରେ ଜାମିନ ଦେବାକୁ ମନା କରିଦେଇଛନ୍ତି। ମୁଖ୍ୟ ସାକ୍ଷୀଙ୍କ ଜେରା ପରେ ସେମାନେ ନିମ୍ନ ଅଦାଲତରେ ପୁଣି ଜାମିନ ପାଇଁ ଆବେଦନ କରିପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ଓଡ଼ିଶା ବିରୋଧୀ ଆଇନରୁ ଧ୍ୟାନ ହଟାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ: ବିଜେଡି

ଭୁବନେଶ୍ୱର,୧୪।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଏକ ସାଧାରଣ ସଭାରେ ସଂଶୋଧିତ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନକୁ ସମର୍ଥନ ଓ ବିଜେଡି ଉଦ୍ଦେଶ୍ୟରେ କିଛି ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ଓଡ଼ିଶାର ଲୋକଙ୍କ ସାମ୍ବିଧାନିକ ଅଧିକାର ଓ ଆର୍ଥିକ ସ୍ୱାର୍ଥ ପାଇଁ ଠିଆ ହେବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ଖଣି ମାଲିକଙ୍କ ସପକ୍ଷରେ ଯୁକ୍ତି ବାଢିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବୁଧବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏବଂ ଅମ୍ରିତା ମିଶ୍ର କହିଛନ୍ତି ଯେ ରାଜନୈତିକ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ଦଳୀୟ ହାଇକମାଣ୍ଡଙ୍କ ନିକଟରେ ନିଜକୁ ସମର୍ପିତ କରିବା ସହ ରାଜ୍ୟ ସ୍ୱାର୍ଥ ବିରୋଧରେ ଯାଇଛନ୍ତି । ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ବାରମ୍ବାର ପତ୍ର ମାଧ୍ୟମରେ ବିଧାନସଭାର ବିଶେଷ ଅଧିବେଶନ ଡକାଇବା ଏବଂ ସଂଶୋଧିତ ଆଇନକୁ ବିରୋଧ କରି ଏକ ପ୍ରସ୍ତାବ ପାସ୍ କରିବା ପାଇଁ ଅନୁରୋଧକୁ ମୁଖ୍ୟମନ୍ତ୍ରୀ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛନ୍ତି । ଓଡ଼ିଶା ପାଇଁ ଏହି କଳା ଆଇନ ପ୍ରତ୍ୟାହାର ପାଇଁ ଦାବି କରିବା ବା ଓଡ଼ିଶାର ଅଧିକାର ସୁରକ୍ଷା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ବିଜେଡି ଉପରେ ଆକ୍ଷେପ କରିବାରେ ନିଜର ଶକ୍ତି ଖର୍ଚ୍ଚ କରୁଛନ୍ତି । ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଭବିଷ୍ୟତ ଅପେକ୍ଷା ମୁଖ୍ୟମନ୍ତ୍ରୀ ନିଜର ଚୌକି ବଞ୍ଚାଇବା ଓ ରାଜନୈତିକ ସୁବିଧାକୁ ପ୍ରାଥମିକତା ଦେଉଥିବା ସ୍ପଷ୍ଟ ଅନୁମେୟ ହେଉଛି। ବିଜେଡି ଲଗାତାର ଭାବେ କହିଆସିଛି ଯେ କୌଣସି ଆଇନକୁ ସଂଘୀୟ ଢାଞ୍ଚା ଏବଂ ନିଜ ପ୍ରାକୃତିକ ସମ୍ପଦ ଉପରେ ଓଡ଼ିଶା ଜନତାଙ୍କ ଅଧିକାରକୁ ଲଂଘନ କରିବାକୁ ଅନୁମତି ଦିଆଯାଇ ପାରିବ ନାହିଁ। ସେହିପରି ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ପାଇଁ ଏହାର ପରିଣାମ ଭୟଙ୍କର। ଏହି ସଂଶୋଧନ ଆଇନ ରାଜ୍ୟ ଆଦାୟ କରିବାକୁ ଥିବା ବକେୟା ୧ ଲକ୍ଷ କୋଟି ଟଙ୍କା ଆଉ ଆଦାୟ କରିପାରିବ ନାହିଁ ଓ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ କ୍ଷତି ଘଟାଇବ ବୋଲି ଆକଳନ କରାଯାଉଛି। ଓଡ଼ିଶାର ଲୋକେ ରାଜ୍ୟର ଖଣିଜ ଓ ଜମିର ପ୍ରକୃତ ମାଲିକ। ବିଜୁ ଜନତା ଦଳ ଏହି ଅଧିକାରକୁ ଦୁର୍ବଳ କରିବାର ଯେକୌଣସି ପ୍ରୟାସକୁ ପ୍ରତିରୋଧ କରିବା ଜାରି ରଖିବ । ଆମେ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ କରୁଛୁ ଯେ ସେ ବିରୋଧୀ ଦଳକୁ ଆକ୍ଷେପ କରିବା ବନ୍ଦ କରନ୍ତୁ ଏବଂ ରାଜ୍ୟକୁ କ୍ଷତି ପହଞ୍ଚାଉଥିବା କେନ୍ଦ୍ରୀୟ ଆଇନ ସହିତ ନୁହେଁ, ଜନତା ସହିତ ଠିଆ ହୁଅନ୍ତୁ ବୋଲି ବିଜେଡି କହିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବଜାରରେ ଦରବୃଦ୍ଧି...

କହିଛନ୍ତି ଯେ ଏହା ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ହୋଇଛି। ବୁଧବାର କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ବର୍ଷ ବର୍ଷ ଧରି ୧୧.୩୯%କୁ ବୃଦ୍ଧି ପାଇଛି, ଯାହା ଅଗଷ୍ଟରେ ୯.୯୨% ଥିଲା। ଏହା ଇନ୍ଧନ ଏବଂ ବିଦ୍ୟୁତ୍, ଖାଦ୍ୟ ସାମଗ୍ରୀ ଏବଂ ଉତ୍ପାଦିତ ଉତ୍ପାଦର ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁଁ ହୋଇଥିଲା। ଏହାଛଡା ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ୪ ବର୍ଷ ପରେ ପାଇକାରୀ ମୁଦ୍ରାସ୍ଫୀତି ୧୦% ଅତିକ୍ରମ କରିଛି। ଶେଷ ଥର ପାଇଁ ପାଇକାରୀ ମୁଦ୍ରାସ୍ଫୀତି ୨୦୨୨ ସେପ୍ଟେମ୍ବରରେ ୧୦.୭୦% ରେକର୍ଡ କରାଯାଇଥିଲା। ଏହାର ଅର୍ଥ ହେଉଛି ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ଚାରି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅନ୍ୟପକ୍ଷରେ, ଏହା ଲଗାତାର ଦ୍ୱିତୀୟ ମାସ ଯେଉଁଥିରେ ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଏହା ପୂର୍ବରୁ, ୨୦୨୫ ନଭେମ୍ବରରୁ ୨୦୨୬ ଜୁନ୍ ପର୍ଯ୍ୟନ୍ତ ପାଇକାରୀ ମୁଦ୍ରାସ୍ଫୀତି ସ୍ଥିର ଭାବରେ ବୃଦ୍ଧି ପାଉଥିଲା।

ଡବଲ ଇଞ୍ଜିନ୍ ସରକାରରେ...

ବୋଲି ଶ୍ରୀ ପଟ୍ଟନାୟକ କଟାକ୍ଷ କରିଛନ୍ତି। ଏହି ସମୟରେ ସାଧାରଣ ଲୋକଙ୍କ ସହ ରହି ଏ ଅପାରଗ ସରକାରର ମୁଖା ଖୋଲି ଦେବାକୁ ଶ୍ରୀ ପଟ୍ଟନାୟକ ଦଳର କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପଦଯାତ୍ରାରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶରେ ହଜାର ହଜାର ଲୋକ ଅଂଶଗ୍ରହଣ କରିଥିବା ବେଳେ ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

ଛାତ୍ର ସଂସଦ...

ପରିପ୍ରେକ୍ଷୀରେ ଆସନ୍ତାକାଲି ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ ହେବ, ସେନେଇ କଲେଜ କର୍ତ୍ତୃପକ୍ଷ ତଥା ପ୍ରଶାସନ ଚିନ୍ତାରେ ପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟବ୍ୟାପୀ ନିର୍ବାଚନରେ ୬୬୦୦ରୁ ଅଧିକ ପ୍ରାର୍ଥୀ ଭାଗ୍ୟ ପରୀକ୍ଷା କରୁଛନ୍ତି। କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତାକାଲି ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଭୋଟ୍ ଶେଷ ହେବା ପରେ ଅପରାହ୍ନ ୨ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧୬ ତାରିଖ ସକାଳ ୧୧ଟାରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ସମାରୋହ ହେବ। ଏହି ଦିନକୁ 'ରିଜର୍ଭ ଡେ ବା ପ୍ରେସିଡେନ୍ସିଆଲ ହଲିଡ଼େ ଭାବେ ରଖାଯାଇଛି। ଅପରପକ୍ଷେ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜଗୁଡ଼ିକରେ ଛାତ୍ର ଅଶାନ୍ତି ଲାଗି ରହିଛି। ପ୍ରାର୍ଥୀଙ୍କୁ ଅପହରଣଠାରୁ ଆରମ୍ଭ କରି ଛୁରାମାଡ ପର୍ଯ୍ୟନ୍ତ ସଂଗୀନ ଚିତ୍ର ସାମ୍ନାକୁ ଆସିଥିବା ବେଳେ କେତେକ ସ୍ଥାନରେ କଲେଜ ଅଧକ୍ଷଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦିଆଯାଇଛି। ଏପଟେ ଏବିଭିପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସରକାରୀ କଳ ପୂରା ଦମରେ ଲାଗିପଡ଼ିଛନ୍ତି ବୋଲି ବିରୋଧୀ ଛାତ୍ର ସଂଗଠନ ଅଭିଯୋଗ କରିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଏବଂ କଲେଜ କ୍ୟାମ୍ପସରେ ପୁଲିସ ମୁତୟନ କରାଯାଇଛି। ସେହିପରି ସମସ୍ତ ଅଣଛାତ୍ର ଏବଂ ଛାତ୍ରନେତାମାନଙ୍କୁ କଲେଜ କ୍ୟାମ୍ପସ ବାରଣ କରାଯାଇଛି। ଆସନ୍ତାକାଲି ବିନା ଗଣ୍ଡଗୋଳରେ ମତଦାନ ଏବଂ ଫଳାଫଳ ଘୋଷଣା ପୁଲିସ ପାଇଁ ଆହ୍ୱାନ ପାଲଟିବ ବୋଲି ମତପ୍ରକାଶ ପାଇଛି।

୧୪ ଜିଲ୍ଲା ପାଇଁ...

୧୪ଟି ଜିଲ୍ଲା ଅନୁଗୋଳ, ବରଗଡ଼, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡରେ ପ୍ରତିଷ୍ଠା କରାଯିବ। ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର, ଗଞ୍ଜାମ ଓ ଭଦ୍ରକ ଆଦି ସ୍ଥାନରେ ଟେକ୍ସଟାଇଲ୍ ପାର୍କ୍ ପ୍ରତିଷ୍ଠା କରାଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମାଧ୍ୟମରେ ଯୁବବର୍ଗଙ୍କୁ ଅଟୋମେସନ୍, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ୍ ସେବା ଭଳି ଆଧୁନିକ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ସହିତ ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସେବା ଭଳି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ଶୁଭାରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏହି ସମାରୋହରେ ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ବିଧାୟକ ଆକାଶ ଦାସ ନାୟକ, ହିମାଂଶୁ ଶେଖର ସାହୁ, ଅମର ନାୟକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜେଏସ୍ଏଲ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଇମ୍ପାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ପ୍ରଦାନ କରିଥିଲେ।

ପ୍ରେମୀଯୁଗଳଙ୍କୁ ମୃତ୍ୟୁ...

କରିଥିଲେ। ପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଏକ ସିମେଣ୍ଟ ଭର୍ତ୍ତି ନୀଳ ଡ୍ରମ୍‌ରେ ଲୁଚାଇ ରଖିଥିଲେ। ପରଦିନ ଘରୁ ଏହି ଡ୍ରମ୍ ମିଳିବା ପରେ ଘଟଣାଟି ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା।

AFFIDAVIT

I ,Sushila Kumar Mishra age about 61 years, S/O-Brajaraj Mishra, At-Chhatipur, Ps-Khurdha, Tahsil-Khurda, Dist-Khordha, Odisha-7502060, Declare this affidavit no-1022/2026 Dated-11.09.2026 That onwards I shall be known as **SUSILA MISRA** for all future Purpose.

AFFIDAVIT

I, Chandrakanti Panda, age-71yrs, W/o- Banchhanidhi Panda, Resident of At-Panada,Po-Balanga, Ps-Soro, Dist- Balasore, Odisha,756045 declared by affidavit before the Prasanti Sahoo, Notary (Public), Balasore. Affidavit No.1925, dtd-12/10/2026 that, present aadhar card my name mentioned Chandrakanti Panda, But for all purposes I am also know SASMITA PANDA, which is my correct name. Hence this affidavit that, said my self SASMITA PANDA and CHANDRAKANTI PANDA is one and same person for all purposes.

AFFIDAVIT

By virtue of an affidavit (SL No. 6481, dtd- 09.10.2026) sworn before The Executive Magistrate, Cuttack. I, **Rena Mohanty** (new name), W/o- Debendranath Mohanty, Address: At- Balisahi, PO/PS- Madhupatna, Dist- Cuttack, PIN-753010, Odisha declare that I have changed my name from **Reba Mohanty** (old name) to **Rena Mohanty** (new name). Henceforth, I shall be known as **Rena Mohanty** (new name) for all purposes.

Rena Mohanty

AFFIDAVIT

By virtue of affidavit sworn before Executive Magistrate Puri, dated 11.08.2026 I Prakash Chandra Rout of Nuapatna Lane Markandeswar Sahi, Po. Puri, P.S.- Puri Town, Dist-Puri, PIN-752001 declare that I have changed the name of my daughter's name from Puja Rout to Elina Rout. Henceforth she shall be known as **Elina Rout** for all purposes.

Prakash Chandra Rout

AFFIDAVIT

I, Ajay Kumar Mishra age about 67 years S/o- Nilamani Mishra , At-Tareni Vihar. Ward No-9, Po-Kapaleswar, Ps-Choudwar, Dist-Cuttack, ODISHA, Declare this affidavit No-46806, Dated-30.07.2026 that onwards I shall be known as **AJAYA KUMAR MISHRA** for all future purposes .

AFFIDAVIT

I, HIFZUR RAHMAN KHAN age about 32 years S/O - FAZLE RAHMAN KHAN, AT/PO - PIRA MOHALLA, SAYEDPUR,PS-BINJHARPUR,DIST-JAJPUR, ODISHA,PIN-755004, Declare this affidavit No-1023/2026 Dated - 12.10.2026 that onwards I shall be known as **HIFZUR REHMAN KHAN** for all future purposes .

AFFIDAVIT

By virtue of an affidavit sworn before Executive Magistrate, Baripada, Mayurbhanj , dated 12-10-2026 I, Rukmani Tudu, age 53years, W/o Late Bijoy Kumar Dhal, At/Po- Fania, Ps- Suliapada, Dist- Mayurbhanj-757084 declare that my actual and correct name is Rukmani Tudu which is mentioned in my Aadhaar Card. But in the school register OAV Bhaliasole of my son Dhananjay Dhal my name has been wrongly mentioned as Rukmani Dhal instead of Rukmani Tudu. Henceforth, I shall be known as **Rukmani Tudu** for all purposes.

(Rukmani Tudu)

AFFIDAVIT

I, Amar Parwaz, s/o- Shaikh Sanawar Ali, resident of Village - Bareghar, PO/ PS - Krushnanandapur, Pin - 754135, Dist - Jagatsinghapur, Odisha declaredby this affidavit No - 88AA 122296, dated on - 04.08.2026, that now onwards I Shall be known as **AMIR PARWEZ** for all future purposes.

AFFIDAVIT

I,Waseema Khatun, W/o- Shaikh Sanawar Ali, resident of Village - Bareghar, PO/PS - Krushnanandapur, Pin - 754135, Dist - Jagatsinghapur, Odisha declare by this affidavit No - 88AA 122296,dated on -04.08.2026, that now onwards I Shall be known as **WASIMA KHATUN** for all future purposes.

Notice (for Minor)

By virtue of an affidavit sworn before Executive Magistrate, Tihidi, dated 14.10.2026, I, Subash Rout, At- Upardumuka, P.O- Shyamsundarpur, P.S- Pirahat, Dist- Bhadrak, Odisha-756119 declare that I have changed the name of my daughter from Adyasha Rout to Rani Rout. Henceforth, she shall be known as **Rani Rout** for all purposes.

Subash Rout

Notice

By virtue of an affidavit sworn before the Executive Magistrate, Bhubaneswar on Dated 13th October 2026. I, Bharati Naik, Address Village-Bhanda, P.S-Baria Tahasil-Champua, Dist.- Kendujhar, Pin-758044, Odisha, declare that I have changed my name from Dibya Panigrani to Bharati Naik. Henceforth, I shall be known as **Bharati Naik** for all purposes.

(Bharati Naik)

AFFIDAVIT

By virtue of an affidavit (CF No. 03, dtd- 12.10.2026) sworn before The Executive Magistrate, Padampur. I, **Umabati Suna** (new name), W/o- Surendra Suna, permanent resident of AT: Panchabhaya, PO: Sargibahal, PS: Padampur, Dist: Bargarh, State: Odisha, PIN: 768049 declare that I have changed my name from **Uma Suna** (old name) to **Umabati Suna** (new name). Henceforth, I shall be known as **Umabati Suna** (new name) for all purposes.

Umabati Suna

IN THE HIGH COURT OF DELHI AT NEW DELHI
(ORDINARY ORIGINAL CIVIL JURISDICTION)
(Under Order V Rule 20 r/w Section 151 CPC)
I.A. 24764/2026 in CS (COMM) 35/2022

Kajaria Ceramics Limited ....Plaintiff(S)
Vs
GoDaddy.com LLC & Ors. ....Defendant(S)

To,
D. Mr. Mahendra Tanty
S/o Mr. Mayank Tanty
Address: Gualapada, PO Lamatibahal, Brajrajnagar Jharsuguda, Odisha-768216
Ph: 91-8409847672 **Defendant No.5D**

WHEREAS the above named plaintiff has instituted the captioned suit against you, the above named Defendant No. 5D, and whereas it has been shown to the satisfaction of this Court that it is not possible to serve you, the above named Defendant No. 5D, in the ordinary way, therefore, this notice is given by way of publication directing you, the above named Defendant No. 5D, to make appearance before **Joint Registrar (Judicial) of this Court on 7th day of December, 2026 at 11:00 A.M.**

Take further notice that in default of appearance of you, the above named Defendant No. 5D, on the date(s) fixed in the captioned suit, the suit will be heard and determined ex parte in the absence of you, the above named Defendant No.5D.

Given under my hand and the seal of this Court, this 30th Day of September, 2026.

SEAL **Assistant Registrar (IPD)**
For Registrar General
RB

25001/1317/2627 **GOVERNMENT OF ODISHA** Email:- rwd.bonai@yahoo.com
OFFICE OF THE EXECUTIVE ENGINEER
RURAL WORKS DIVISION, BONAI

Letter No. 3906 Date 13.10.2026

CANCELLATION OF TENDER

Tender invited by this Office vide Bid Identification No. **ONLINE-EEBNI-07** of 2026-27, Letter No- 3081 Dtd- 24.08.2026, is hereby cancelled due to an unusual pattern in the bidding process, wherein the all the bidders have quoted an identical rate of **0.00%** i.e being equal to the corresponding estimated rate Put to Tender Cost. is hereby cancelled.

Superintending Engineer
Rural Works Division, Banai

OIPR-25001/25200/1/26-27/0011

PANCHAYAT SAMITI, MOHANA, DIST-GAJAPATI (ODISHA) PIN-761015

19001/297/2627

Adv No-04/2026-27 **Dt: 14.10.2026**

Tender Call Notice

Sealed tenders (Percentage rate) are invited for 02 no of works from the interested "B"/"A" Class Contractors registered with the Govt. for execution of civil, works under Panchayat Samiti, Mohana, Dist- Gajapati. The details notification is available at official website www.gajapati.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Mohana, Gajapati,. Proposal(s) complete in all respect should reach the undersigned on or before **3.00PM of 29.10.2026** through Regd/Speed post and the same will be opened on **11.00AM of 30.10.2026**. The undersigned reserves the right to reject any or all the tender(s) without assigning any reason thereof.

Block Development Officer, Mohana
Gajapati

OIPR-19001/19382/1/26-27/0003

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଏତଦ୍‌ଦ୍ୱାରା ସୂଚିତ କରାଯାଉଅଛି ଯେ ସେମାନେ ନିଜର ଋଣ ଖାତାର ବକେୟା ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଋଣଗ୍ରହୀତାମାନେ ଋଣ ସୁବିଧା ଅଧିନରେ ଥିବା ବକେୟା ରାଶି ପରିଶୋଧ କରିନଥିବାରୁ, ଆମେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରର ନିଲାମ ପ୍ରକ୍ରିୟା ଆୟୋଜନ କରିବୁ। ସେମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ଡାକ ମାଧ୍ୟମରେ ନୋଟିସ୍ ପଠାଯାଇଛି ଏବଂ ତେଣୁ ସେମାନଙ୍କୁ ପରାମର୍ଶ ଦିଆଯାଉଅଛି ଯେ, ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଫେରସ୍ତ ପାଇବା ପାଇଁ **ତା.୩୧.୧୦.୨୦୨୬ରିଖ** କିମ୍ବା ତା' ପୂର୍ବରୁ ବକେୟା ଋଣ ଏବଂ ଅନ୍ୟାନ୍ୟ ଦେୟ ପରିଶୋଧ କରନ୍ତୁ। ଯଦି ସେମାନେ ଋଣ ପୈଠ କରିବାରେ ବିଫଳ ହୁଅନ୍ତି, ତେବେ ବ୍ୟାଙ୍କ ନିଜର ସମ୍ପୂର୍ଣ୍ଣ ଅଧିକାରରେ, ଉକ୍ତ ବନ୍ଧକ ସୁନା ଅଳାଙ୍କରଗୁଡିକୁ ଋଣଗ୍ରହୀତାଙ୍କ ଖର୍ଚ୍ଚରେ **ତା.୧୭.୧୧.୨୦୨୬ରିଖ ଅପରାହ୍ନ ୩.୦୦ ଘଟିକା** ସମୟରେ କିମ୍ବା ତତ୍‌ପରବର୍ତ୍ତୀ ଅନ୍ୟ କୌଣସି ସୁବିଧାଜନକ ତାରିଖରେ ବ୍ୟାଙ୍କ ପରିସର ମଧ୍ୟରେ ସର୍ବସାଧାରଣରେ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। ଏଥିପାଇଁ ପରବର୍ତ୍ତୀ ସମୟରେ କୌଣସି ସୂଚନା ଦିଆଯିବ ନାହିଁ।

ଖୋର୍ଦ୍ଧା ଶାଖା, ପ୍ଲଟ୍ ନଂ.: ୩୨୩/୧୦୦୦, ନିଉ ବସ୍ ଷ୍ଟାଣ୍ଡ ସମ୍ମୁଖ, ପଲ୍ଲାହାଟ, ପଲ୍ଲାହାଟ ପୋଷ୍ଟ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୬, ଫୋନ: ୮୯୨୫୯୫୨୨୯୧

କ୍ର.ନଂ.	ଋଣ ତାରିଖ	ଋଣ ଆକାଉଣ୍ଟ ନଂ.	ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା
୧.	୨୨.୧୨.୨୦୨୫	୨୨୯୧୦୩୨୫୭୦୦୦୮୭୮	ଶ୍ରୀମତୀ ସୁଶିଲ କୁମାର ବାରିକ, ପିତା: କୁଳମଣି ବାରିକ, ସା: ବଣିଆଟାଙ୍ଗି, ପୋ.: ବାଜପୁର, ଖୋର୍ଦ୍ଧା-୭୫୨୦୬୦
୨.	୦୫.୧୨.୨୦୨୪	୨୨୯୧୦୩୭୦୮୦୦୦୧୮୭	ଶ୍ରୀମତୀ ସୁଶିଲ କୁମାର ବାରିକ, ପିତା: କୁଳମଣି ବାରିକ, ସା: ବଣିଆଟାଙ୍ଗି, ପୋ.: ବାଜପୁର, ଖୋର୍ଦ୍ଧା-୭୫୨୦୬୦

ସ୍ଥାନ : ଖୋର୍ଦ୍ଧା, ତାରିଖ : ୧୪.୧୦.୨୦୨୬ — ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଯାଜପୁର ରୋଡ୍ ଶାଖା, ଗୋପବନ୍ଧୁ ଛକ, ଶ୍ରୀରାମ ମାର୍କେଟ, ଯାଜପୁର ରୋଡ୍, ତହସିଲ: ସୁକିନ୍ଦା, ଯାଜପୁର, ପିନ୍-୭୫୫୦୧୯, ଫୋନ: ୮୯୨୫୯୫୧୨୮୬

କ୍ର.ନଂ.	ଋଣ ତାରିଖ	ଋଣ ଆକାଉଣ୍ଟ ନଂ.	ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା
୧.	୨୦.୧୨.୨୦୨୫	୧୨୮୬୦୩୨୫୭୦୦୦୪୩୯	ଶ୍ରୀ ଅରବିନ୍ଦ ଲାହା, ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯
୨.	୨୨.୧୦.୨୦୧୫	୧୨୮୬୦୩୩୫୧୫୦୦୦୦୧	ଶ୍ରୀ ଅରବିନ୍ଦ ଲାହା, ପିତା: ଶ୍ରୀ ମହେନ୍ଦ୍ର ଲାହା, ସା: ଷ୍ଟେସନ୍ ବଜାର, ପୋ.: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯

ସ୍ଥାନ : ଯାଜପୁର ରୋଡ, ତାରିଖ : ୧୪.୧୦.୨୦୨୬ — ପ୍ରବନ୍ଧକ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ନିଲାମର ନିୟମ ଏବଂ ସର୍ତ୍ତାବଳୀ:

୧. ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। ୨. ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ ଅଭିଯୋଗ/ଦାବି ନିଲାମ ପରେ ପ୍ରଶୟ ଦିଆଯିବ ନାହିଁ। ୩. ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୧୦,୦୦୦/- (ଦଶ ହଜାର ଟଙ୍କା)** କ୍ୟାସ/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। ୪. ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୫. ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। ୬. ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। ୭. ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ ମଧ୍ୟରେ** ଅଳଙ୍କାର ହସ୍ତାନ୍ତରିତ କରାଯିବ। ୮. ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶୟ ଦିଆଯିବ ନାହିଁ। ୯. ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। ୧୦. ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ।୧୧. ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। ୧୨. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ଅଳଙ୍କାର କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ୍/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। ୧୩. ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। ୧୪. ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। ୧୫. ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ **ସମ୍ପୃକ୍ତ ଶାଖାକୁ** ଯୋଗାଯୋଗ କରିପାରିବେ।

Odisha Lift Irrigation Corporation Ltd.
(A Govt. of Odisha Undertaking)
OFFICE OF THE EXECUTIVE ENGINEER L.I. DIVISION, BARAGADA
E-Procurement Notice – EE/OLIC/BGH-01/2026-27
E-mail - eeolicbgh@gmail.com, Ph- 06646-246126 32001/1042/2627

No. 1743 / Dated: 12.10.2026

1st Corrigendum E-Procurement Notice : EE/OLIC/BGH-02/ 2026-27

Due to certain problem changes of materials rate vide Ltr. No. 7732, dtd. 09.10.2026 of MD, OLIC Ltd., Bhubaneswar, the above e-Procurement notice could not be published in the website **http://www.tenderodisha.gov.in** in time. The critical dates are modified as under and published.

The details can be seen in the website **http://www.tenderodisha.gov.in.**

1.	Date & Time of availability of Bid Document in the portal	-	From 10.00 hrs dated 23.10.2026 to 17.00hrs dated 03.11.2026.
2.	Last date / Time for receipt of bids in the portal	-	17.00hrs. Dated- 03.11.2026.
3.	Last date and time of clarification up to	-	17.00 hrs. Dated-02.11.2026.
4.	Date of opening of bids	-	11.00 hrs. Dated-04.11.2026.

Other terms and conditions are remain unchanged.

OIPR-32001/32277/1/26-27/0003 **EXECUTIVE ENGINEER**

GOVERNMENT OF ODISHA e-mail: gephbhpt@gmail.com
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHABANIPATANA
Parmanandpur, Railway Station Road, Bhabanipatana, Dist. Kalahandi, PIN -766002

NATIONAL COMPETITIVE BIDDING THROUGH e-Procurement
Identification No. SEPHD-BHPT- 47 of 2026-27/ Dt. 12.10.2026

e-Procurement Notice 13001/2174/2627

01.	Name of the Work	:	1no Work.
02.	Type of Bid.	:	Single Bid System
03.	Estimated Cost	:	Rs. 28.79 Lakh
04.	Period of Completion	:	02 (Two) Calendar Months
05.	Date & Time of availability of bid document in the portal	:	From 11.00 AM of dt. 16.10.2026 to 5.00 PM of 26.10.2026
06.	Last date / time of receipt of bids in the portal	:	5.00 PM of 26.10.2026.
07.	Date & Time of opening of technical bids	:	At 11.30 AM of 27.10.2026
08.	Name and Address of the Officer Inviting Bid	:	Additional Chief Engineer, P.H. Division, Bhabanipatana, Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the web site http://tenders.ori.nic.in or www.tendersorissa.gov.in

Additional Chief Engineer,
P.H. Division, Bhabanipatana

OIPR-13001/13059/1/26-27/0011

GOVERNMENT OF ODISHA 1001/176/2627
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.), DHENKANAL DIVISION, DHENKANAL

No. 812 **INVITATION FOR BIDS (IFB)** **Date. 13.10.2026**

e procurement notice

Bid identification number / Tender call notice no – EE (A) D/D-02 of 2026-27

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 7.00 lakhs to 40.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from **15.10.2026 at 10.00 hours to 27.10.2026 at 05.30 PM**. The bid will be opened on **28.10.2026 at 04.30 PM** in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com
OIPR-1001/1446/1/26-27/0003

Executive Engineer (Agril.)
Dhenkanal Division, Dhenkanal

GOVERNMENT OF ODISHA 32001/1048/2627
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
BOUDH IRRIGATION DIVISION, BOUDH, PIN-762014
e-mail Id–eebidboudh@gmail.com

"e"-procurement Notice No. -09/2026-27
Bid Identification No. EE BOD-09/2026-27

The Executive Engineer, Boudh Irrigation Division, Boudh, on behalf of Governor of Odisha invites online **Percentage rate tenders** in **Double cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

Sl. No.	Particulars	Details
1	Name of the work	**02 (Two) Nos** 1) Construction of Slope Protection work at Krushnapali village in Laxminalla under Harabhanga Block. (Working RD 33km to 43km) 2) Extension of Rest Shed Building under Boudh Irrigation Division, Boudh
2	Approximate value of work	**Varies from Rs.75.63 Lakhs to Rs.83.70 Lakhs (Excluding GST)**
3	Class of Contractor	**'B' Class Contractors only**
4	Bid Identification No.	EEBOD-09/2026-27
5	Period of Completion	11 (Eleven) Calendar Months.
6	Tender documents available on website.	Can be downloaded from Website (http://www.tendersodisha.gov.in)
7	Bid documents available Date and Time.	**21.10.2026 at11.00 Hrs**
8	Bid clarification start date & Closing date.	**21.10.2026 to 09.11.2026 during office hours**
9	On Line Bid submission closing date and time.	**09.11.2026 at17.00 Hrs**
10	Date, Time and Venue of opening of bid online.	**10.11.2026 at 11.00 Hrs** office of the Executive Engineer, Boudh Irrigation Division, Boudh
11	Date / Time of Opening of Financial Bid	To be intimated after evaluation of Technical Bid.

Further details can be seen from the e-Procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

Executive Engineer
Boudh Irrigation Division, Boudh

OIPR-32001/32111/1/26-27/0005

ସକାଳ THE SAKALA

ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ଗ୍ରାମାଞ୍ଚଳ

ସୋହେଲା, ୧୪।୧୦(ସମିସ)

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ସାରଦୀୟ ନବରାତ୍ର ଦୁର୍ଗାପୂଜା ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ, ପ୍ରାଣ ପ୍ରତିଷ୍ଠା ସହିତ ମାଁ ଶୈଳପୁତ୍ରୀଙ୍କ ପୂଜା ଓ ଚଣ୍ଡୀହୋମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଦ୍ୱିତୀୟା ବିହିତ ପୂଜା ମାଁ ବ୍ରହ୍ମଚାରିଣୀଙ୍କ ପୂଜା ସହିତ ଚଣ୍ଡୀହୋମ ହୋଇଥିଲା। ସେଇପରି ୧୩ ତାରିଖ ତୃତୀୟା ବିହିତ ପୂଜା, ମାଁ ଚନ୍ଦ୍ରଘଣ୍ଟା ଦେବୀଙ୍କ ପୂଜା, ଚଣ୍ଡୀହୋମ, ୧୪ତାରିଖ ଚତୁର୍ଥୀ ବିହିତ ପୂଜା, ମାଁ କୁଷ୍ମାଣ୍ଡା ଦେବୀଙ୍କ ପୂଜା, ଚଣ୍ଡୀହୋମ ହୋଇଛି। ୧୫ତାରିଖ ପଞ୍ଚମୀ ବିହିତ ପୂଜା, ମାଁ ସ୍କନ୍ଦମାତାଙ୍କ ପୂଜା, ଚଣ୍ଡୀହୋମ ୧୬ତାରିଖ ଷଷ୍ଠୀ ବିହିତ ପୂଜା, ମାଁ କାତ୍ୟାୟନୀ ଦେବୀଙ୍କ ପୂଜା ଓ ଚଣ୍ଡୀହୋମ ୧୭ତାରିଖ ଷଷ୍ଠ୍ୟାଦି ବିହିତ ପୂଜା, ମାଁ କାଳରାତ୍ରି ଦେବୀଙ୍କ ପୂଜା, ଚଣ୍ଡୀହୋମ ୧୮ ତାରିଖ ମହା ସପ୍ତମୀ ପୂଜା, ଦେବୀଙ୍କ ମହା ସ୍ନାନ, ନବ ପତ୍ରିକା ପ୍ରବେଶ ପୂଜା, ମହା ଗୌରୀ ଦେବୀଙ୍କ ପୂଜା ଓ ଭାଇ ଜିଉଁନ୍ତିଆ ଓଷା ଅନୁଷ୍ଠିତ ହେବ। ସେହିପରି ୧୯ ତାରିଖ ଦିନ ମହା ଅଷ୍ଟମୀ ପୂଜା, ଚଣ୍ଡୀହୋମ, ସନ୍ଧିପୂଜା ହେବ। ୨୦ତାରିଖ ନବମୀ ଦିନ ମହା ନବମୀ ପୂଜା, ନବ କୁମାରୀ ପୂଜା ସହିତ ଚଣ୍ଡୀହୋମ ଅନୁଷ୍ଠିତ ହେବ। ୨୧ତାରିଖ

ବିଜୟା ଦଶମୀ ଦିନ ମହା ଦଶମୀ ପୂଜା ପରେ ଅପରାହ୍ନରେ ପୂର୍ଣ୍ଣାହୁତି ଅପରାଜିତା ପୂଜା, ଆରତୀ ପୁଷ୍ପାଞ୍ଜଳି, ଘଟ ବିସର୍ଜନ ସହିତ ନବରାତ୍ର ଦୁର୍ଗାପୂଜାର ସମାପନ ହେବ। ତେବେ ଦୁର୍ଗା ମନ୍ଦିର ପରିସରସ୍ଥ ଚେତନା ମଣ୍ଡପରେ ୧୧ତାରିଖରୁ ରାମଲୀଳା କାର୍ଯ୍ୟକ୍ରମ ଚାଲିଛି। ହଟଲି ମଣ୍ଡପରେ ଲୋକ ମହୋତ୍ସବ ଚାଲିଛି। ମହିଳାମାନଙ୍କ ପାଇଁ ହୁଳହୁଳି, ହୁମୋ ପ୍ରତିଯୋଗିତା ହେବ। ସ୍ଥାନୀୟ ମିନି ଷ୍ଟାଡିଅମରେ ୧୩ତାରିଖରୁ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅର୍କେଷ୍ଟ୍ରା, ଅପେରା, ନାଟକ, ଦଣ୍ଡନାଚ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେବ। ୨୧ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୨ ତାରିଖ ସକାଳେ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା ସୂଚନା ଦେଇଛନ୍ତି।

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ଶାରଦୀୟ ନବରାତ୍ର ଦୁର୍ଗାପୂଜାର ଅବସରରେ ଉତ୍ସବ ମୁଖର ହୋଇଉଠିଛି। ନୀତି ନିଷ୍ଠାର ସହିତ କଳସ ଅଧିବାସ ପରେ ଅଙ୍କୁରା ରୋପଣ, ସୂର୍ଯ୍ୟ ପୂଜା, ପାର୍ଶ୍ୱ ଦେବତାଙ୍କ ପୂଜା ପରେ ଦୁର୍ଗା ଦେବୀଙ୍କ ପୂଜା କରାଯାଇଛି। ପ୍ରତିଦିନ ମାଙ୍କୁ ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା ପୂର୍ବକ ଚଣ୍ଡୀପାଠ ହବନ, ଆରତୀ, ପୁଷ୍ପାଞ୍ଜଳୀ ଆଦି ଅନୁଷ୍ଠିତ ହେଉଛି। ସନ୍ଧ୍ୟା ଆରତୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ପାରିଲକ୍ଷିତ ହେଉଛି। ପ୍ରତିଦିନ ପୂଜାମଣ୍ଡପରେ ମା'ଙ୍କୁ ବିଭିନ୍ନ ବେଶରେ ସୁସଜ୍ଜିତ କରାଯାଉଛି। ପୁରୋହିତଙ୍କ ବେଦମନ୍ତ୍ର ପାଠ, ଧୂପଦୀପର ମହମହ ବାସନାରେ ଏକ ଅପୂର୍ବ ଭକ୍ତିଭାବମୟ ପରିବେଶ ସୃଷ୍ଟି ହୋଇଛି। ବିଜେପୁର ଜମିଦାର ତଥା ବିଧାୟକ ସନତ ଗଡ଼ତିଆ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ବ୍ରହ୍ମା ଚଣ୍ଡୀପାଠକ କିଶୋର ଚନ୍ଦ୍ର ପୂଜାରୀ, ପୁସ୍ତକାଚାର୍ଯ୍ୟ ସୁରେନ୍ଦ୍ର ମହାପାତ୍ର ପୂଜାକର୍ମ ସମ୍ପାଦନ କରୁଛନ୍ତି। ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଏହି ଅବସରରେ ଅନୁଷ୍ଠିତ କବି ସମ୍ମିଳନୀରେ କବି ଦୁର୍ବାଦଳ ମେହେର, କ୍ରାନ୍ତି କବି ହରିଲାଲ ସାହୁ, ରାମ ପ୍ରସାଦ ବାଗ, ମୁନିରମ କୁମ୍ଭାର ପ୍ରମୁଖ ହାସ୍ୟକବିଗଣ ଯୋଗ ଦେଇଥିଲେ। ବଳରାମ ଡ୍ୟାନ୍ସ ଏକାଡେମୀର କଳାକାର ଯୋଗଦେଇ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ବିଶିଷ୍ଟ କୀର୍ତ୍ତନ ଗାୟିକା ଇତିଶ୍ରୀ କରଙ୍କ ଗୀତରେ ଶ୍ରଦ୍ଧାଳୁ ବିଭୋର ହୋଇଥିଲେ। ଉପସଭାପତି ସରୋଜ ସାହୁ, ସମ୍ପାଦକ ଜନାର୍ଦ୍ଦନ ପାଣିଗ୍ରାହୀ, କୋଷାଧକ୍ଷ ଗଙ୍ଗାଧର ପଧାନ, ଯୁଗ୍ମ ସମ୍ପାଦକ ପାଣ୍ଡବ ପଧାନ, ରଜନୀକାନ୍ତ ଗଡ଼ତୀୟା, କିଶୋର ଷଡ଼ଙ୍ଗୀ, ସୁବ୍ରତ ରଥ, ଚିନୁ ଲେଙ୍କା, ପ୍ରେମାନନ୍ଦ ମହାପାତ୍ର, ହୃଷୀକେଶ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

ବରଗଡ଼ ମାଷ୍ଟର ପ୍ଲାନ୍-୨୦୪୦ ନେଇ ସମୀକ୍ଷା

ବରଗଡ଼, ୧୪। ୧୦(ସମିସ): ବରଗଡ଼ ପୌରାଞ୍ଚଳ ଏବଂ ଏହାର ଆଖପାଖ ୨୧ଟି ଗ୍ରାମକୁ ନେଇ ଗଠିତ ନଗର ଯୋଜନା ଅଞ୍ଚଳର ଆଗାମୀ ବିକାଶ ପାଇଁ ପ୍ରସ୍ତୁତ ବରଗଡ଼ ମାଷ୍ଟର ପ୍ଲାନ ୨୦୪୦ ସମ୍ପର୍କରେ ଆଜି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡି.ଆର.ଡି.ଏ) ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମାଷ୍ଟର ପ୍ଲାନ ସମ୍ବନ୍ଧରେ ଜନସାଧାରଣଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆପତ୍ତି, ଅଭିଯୋଗ ଏବଂ ଗ୍ରହଣୀୟ ପ୍ରସ୍ତାବଗୁଡ଼ିକର ବିଚାର କରି ଏକ ସୁଦୃଢ଼ ତଥା ସୁସ୍ଥିର ସହରୀ ଯୋଜନା ପ୍ରସ୍ତୁତ କରିବା। ଆଗାମୀ ୧୫ ବର୍ଷର ଉନ୍ନତିକୁ ଆଖିଆଗରେ ରଖି ପ୍ରସ୍ତୁତ ଏହି ମାଷ୍ଟର ପ୍ଲାନରେ ରାସ୍ତାଘାଟର ସଂଯୋଗୀକରଣ, ଅଞ୍ଚଳ ଭିତ୍ତିକ ଜୋନିଂ, ଜଳନିଷ୍କାସନ ବ୍ୟବସ୍ଥା, ନାଗରିକ ସୁବିଧାସୁଯୋଗ, ପରିବେଶ ସନ୍ତୁଳନ ଏବଂ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦିଆଯାଇଛି। ବୈଠକରେ ନାଗରିକ ମଞ୍ଚ ଏବଂ ସ୍ଥାନୀୟ ବାସିନ୍ଦାଙ୍କଠାରୁ ମିଳିଥିବା ସମସ୍ତ ଦାବି ଓ ଅଭିଯୋଗର ପ୍ରଶାସନିକ ଏବଂ ବୈଷୟିକ ତଦାରଖ କରାଯାଇଛି। ଲୋକଙ୍କ ପରାମର୍ଶ ଏବଂ ଯୁକ୍ତିଯୁକ୍ତ ଦାବିଗୁଡ଼ିକୁ ଚୂଡ଼ାନ୍ତ ଚିଠା ପ୍ରସ୍ତାବରେ ସାମିଲ କରାଯିବା ପରେ ହିଁ ଏହାକୁ ସରକାରୀ ସ୍ୱୀକୃତି ଦିଆଯିବ। ଏହି ସମୀକ୍ଷା ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବରଗଡ଼ ପୌରପାଳିକା ଅଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ବରଗଡ଼ ବିଶେଷ ଯୋଜନା ପ୍ରାଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ବରଗଡ଼, ସାଂସଦଙ୍କ ପ୍ରତିନିଧି ଲିପ୍ସିତ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀଗଣ ଉପସ୍ଥିତ ଥିଲେ। ବୈଠକକୁ ସମ୍ବୋଧିତ କରି ଅଧିକାରୀ ଓ ଜନପ୍ରତିନିଧିମାନେ ପ୍ରକାଶ କରିଥିଲେ ଯେ ବରଗଡ଼ ମାଷ୍ଟର ପ୍ଲାନ ୨୦୪୦ ସହରୀ ଭିତ୍ତିଭୂମି ସହିତ ୨୧ଟି ପାର୍ଶ୍ୱବର୍ତ୍ତୀ ଗ୍ରାମର କୃଷି ଓ ଆର୍ଥ-ସାମାଜିକ ସ୍ଥିତି ମଧ୍ୟରେ ସନ୍ତୁଳନ ରକ୍ଷା କରିବ। ଦାଖଲ ହୋଇଥିବା ସମସ୍ତ ଆପତ୍ତିଗୁଡ଼ିକର କ୍ଷେତ୍ରସ୍ତରୀୟ ଯାଞ୍ଚ ଶୀଘ୍ର ଶେଷ କରି ଏକ ଜନକଲ୍ୟାଣକାରୀ ଓ ସୁଦୃଢ଼ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ବୈଷୟିକ ଦଳକୁ ନିର୍ଦ୍ଦେଶ ଦିଆଯାଇଛି।

ଗୌରପଡ଼ାରୁ ପାହାଡ଼ଶ୍ରୀଗିଡ଼ା ବିଜେଡିର ଜନସମ୍ପର୍କ ପଦଯାତ୍ରା

ବରଗଡ଼, ୧୪।୧୦(ସମିସ): ଅତାବିରା ବ୍ଲକର ଗୌରପଡ଼ାରୁ ପାହାଡ଼ଶ୍ରୀଗିଡ଼ା ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜନାର୍ଦ୍ଦନ ସିଂ ମଣ୍ଡପରେ ଏକ ସଭା ଆୟୋଜିତ ହୋଇଥିଲା। ଭେଡେନ ବ୍ଲକ ସଭାପତି ହରିଶଙ୍କର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲ୍ଲା ମହିଳା ସଭାନେତ୍ରୀ କଳ୍ପନା ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ ସୁବ୍ରତ ସିଂ, ଗୌରହରୀ ମିଶ୍ର, ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଜିଲ୍ଲା ପରିଷଦ ସଭ୍ୟ ମମତା ପଧାନ, ପଦ୍ମିନୀ ଗଡ଼ତିଆ, ରଞ୍ଜିତ ସାହୁ, ଶମ୍ଭୁ ସେଠ, ସତ୍ୟଜିତ ପୁରୋହିତ, ଏସ୍‌ଡିସିସି ସଭାପତି ନରେନ୍ଦ୍ର ପଧାନ, ଅତାବିରା ଏନ୍‌ଏସି ଅଧ୍ୟକ୍ଷ ବନମାଳୀ ବରିହା, ସଭାପତି ଯତୀନ ଦାଶ ଓ ଯୁବ ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ଉପସ୍ଥିତ ଥିଲେ। ପାହାଡ଼ଶ୍ରୀଗିଡ଼ା ଗ୍ରାମର ଯୁବ ନେତୃତ୍ୱ ପୂର୍ଣ୍ଣଚନ୍ଦ୍ର ସାହୁ, କେଦାର ମେହେର, ସତ୍ୟ ଶର୍ମା, ଜ୍ୟୋତି ମେହେର, ସରୋଜ ବାରିକ, ସୁଦାମା ମହାନନ୍ଦ, ପ୍ରମୋଦ କାଠର, ପ୍ରମୋଦ ନାୟକ, ସୁଶାନ୍ତ ବେହେରା ଓ କୁନୁ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ବହୁ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ।

ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଝାରବନ୍ଧ, ୧୪।୧୦(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ଥାନା ଅଞ୍ଚଳର ଝୋଝୋ ନାରା ଛକ ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଡଭା ଗ୍ରାମର ରାମେଶ୍ୱର ସାହୁ (୩୩)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଡଭା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ରାମେଶ୍ୱର କୌଣସି କାମରେ ନିଜ ପଲସର ମୋଟରସାଇକେଲ ଯୋଗେ ଡଭାରୁ ଖରିଆର ରୋଡ଼ ଅଭିମୁଖେ ଯାଉଥିଲେ। ଏହି ସମୟରେ ଝୋଝୋ ନାରା ଛକ ନିକଟରେ କୌଣସି କାରଣରୁ ସେ ମୋଟରସାଇକେଲର ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡଭା ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସମ୍ପର୍କରେ ଝାରବନ୍ଧ ଥାନାରେ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ବରଗଡ଼, ୧୪। ୧୦(ସମିସ): ରାଜ୍ୟର ଚାଷୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷେତ୍ରରେ ଅଗ୍ରଗତି ପାଇଁ ଆଜି ବରଗଡ଼ ଯଦୁମଣି ପ୍ରଧାନ ଅଡିଟୋରିୟମ୍‌ଠାରେ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ଏକ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ବିଶିଷ୍ଟ ଅତିଥି ଏବଂ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୋଭନ କୁମାର ନାୟକ ସଭାପତି ଭାବେ ଯୋଗଦେଇଥିଲେ। ସକାଳେ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ଏବଂ ବିଭାଗୀୟ ଭିଡିଓ ପ୍ରଦର୍ଶନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ସମାରୋହରେ ପ୍ରାଣୀ ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା। ସ୍ୱାଗତ ଭାଷଣ ଦେଇ ଉପ-ନିର୍ଦ୍ଦେଶକ ଡା. ସମୀର ନନ୍ଦ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା. ଶୋଭନ କୁମାର ନାୟକ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଜାନକୀ ବେହେରା, ଓମ୍‌ଫେଡ୍ ଜି.ଏମ୍. ଡା. ରଜନୀକାନ୍ତ ପଣ୍ଡା, ଉପନିର୍ଦ୍ଦେଶକ (ମତ୍ସ୍ୟ) କ୍ଷୀରୋଦ୍ର ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଉମେଶ କୁମାର ପଣ୍ଡା ଏବଂ ବରଗଡ଼ ପୌରପରିଷଦ ଅଧ୍ୟକ୍ଷା କଳ୍ପନା

ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ମୁଖ୍ୟ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଚାଷୀମାନଙ୍କୁ ସରକାରୀ ଯୋଜନାର ପୂର୍ଣ୍ଣ ସୁଯୋଗ ନେଇ ନିଜକୁ ଏବଂ ଅଞ୍ଚଳକୁ ସମୃଦ୍ଧ କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କମର୍ସିଆଲ୍ ଡାଏରୀ ଫାର୍ମ ଯୋଜନାରେ ବାରଗାଁର ସଫଳ ଚାଷୀ ଇଲାଚି ପଧାନଙ୍କୁ ୧୨, ୭୯, ୮୩୦ ଟଙ୍କାର ସରକାରୀ ଅନୁଦାନ (ସବ୍‌ସିଡି) ରାଶି ପ୍ରଦାନ କରାଯାଇଥିଲା। ଏଥିସହିତ ୩୦+୨ ଛେଳିପାଳନ, ମହିଷୀ ଉଦ୍ୟୋଗିତା, ବାୟୋଫ୍ଲୋକ୍ ଏବଂ ମତ୍ସ୍ୟ ପୋଖରୀ ଯୋଜନା ପାଇଁ ପଦ୍ମାସିନୀ ଭୁଏ, ପଦ୍ମିନୀ ମେଣ୍ଡୁଲୀ, ପ୍ରତିମା ପଧାନ ଏବଂ ନିମିଷ କୁମାର ମେହେରଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପଟେ କୁକୁଡ଼ା ପାଳନ, ମହିଷୀ ଉଦ୍ୟୋଗିତା, ଗାଈ ପାଳନ ଓ ମତ୍ସ୍ୟ ଚାଷରେ ସଫଳତା ହାସଲ କରିଥିବା ପଦ୍ମିନୀ ସାହୁ, ମନୋଜ କର୍ଣ୍ଣ, ପ୍ରମୋଦ ସାହୁ ଏବଂ ପଦ୍ମନାଭ ପଧାନଙ୍କ ଭଳି ସାଧନ କର୍ମୀ ଚାଷୀମାନଙ୍କୁ ସାଧାରଣରେ ଚାଷୀଙ୍କୁ ମାର୍ଗଦର୍ଶନ ଦେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳାରେ ବହୁସଂଖ୍ୟକ ଚାଷୀ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପ୍ରଦର୍ଶନୀ ବୁଲି ଦେଖିବା ସହ ଜ୍ଞାନ ଆହରଣ କରିଥିଲେଫ

ଟେମରୀ ହାଇସ୍କୁଲ ୧୯ ୯୫ ବ୍ୟାଚ୍‌ର ବନ୍ଧୁ ମିଳନ

ପାଇକମାଳ, ୧୪।୧୦(ସମିସ): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଦେବଦର୍ହାରରେ ଟେମରୀ ହାଇସ୍କୁଲର ୧୯ ୯୫ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ପୁରାତନ ସହପାଠୀମାନେ ଏକାଠି ହୋଇ ବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇବା ସହ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟିଥିଲେ। ଗତିକୃଷ୍ଣ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗୁରୁଶିଷ୍ୟ ପରମ୍ପରା, ଜୀବନ ଗଠନରେ ଶିକ୍ଷକଙ୍କ ଅବଦାନ ଏବଂ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଜୀବନକୁ ଦିଗ୍‌ଦର୍ଶନ ଦେଇଥିବା ପୂର୍ବତନ ଶିକ୍ଷକ ଦୈତାରୀ ସ୍ୱାଇଁ ଓ ସତ୍ୟନାରାୟଣ ତ୍ରିପାଠୀଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଙ୍କ ପ୍ରତି ଶିଷ୍ୟମାନଙ୍କ ଶ୍ରଦ୍ଧା ଓ କୃତଜ୍ଞତା ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଉତ୍ସବରେ ବାସନ୍ତୀ ଭୋଇ, ଜୟନ୍ତୀ ସାହୁ, କଳ୍ପନା ସେଠ, ତୁଳସୀ ସାହୁ, ମୌସୁମୀ ରାଏ, ଭଗବତୀ ବରିହା, ସମାରୁ ସାହୁ, ସୁମନୁ ବରିହା, କୈଳାସ ବରିହା, ମଦନ ବରିହା, ବୃନ୍ଦାବନ ବାଉଁଶ, ଉମାକାନ୍ତି ଭୋଇ, ହୃଦାନନ୍ଦ ରଣା, ଯଶୋବନ୍ତ ବନଛୁରୁ, ଭକ୍ତବନ୍ଧୁ ପାଣ୍ଡେ, ଶଶିଭୂଷଣ ମଲ୍ଲିକ, ଯୁବରାଜ ବାରିକ, ରାଜକିଶୋର ପ୍ରଧାନ, ହରେକୃଷ୍ଣ ପ୍ରଧାନ, ଚନ୍ଦ୍ରହାସ୍ୟ ପଟେଲ, ଚିନ୍ତାମଣି ଭୋଇ, ପ୍ରଫୁଲ୍ଲ ବେହେରା ଓ ଅଶୋକ ବେହେରାଙ୍କ ସମେତ ବହୁ ପୁରାତନ ସହପାଠୀ ଯୋଗ ଦେଇଥିଲେ। ଶେଷରେ ସନ୍ତୋଷ ସିଂ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ କବାଡ଼ି ଚାମ୍ପିଅନସିପ୍

ଝାରବନ୍ଧ, ୧୪।୧୦ (ସମିସ): ଝାରବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା କବାଡ଼ି ଚାମ୍ପିୟନସିପ୍-୨୦୨୬ ଆରମ୍ଭ ହୋଇଛି। ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ ତହସିଲଦାର ଅଲେଖ ଘୁଟା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନସିପ୍‌ର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ବରଗଡ଼ ଡିପିଇଓ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, ଛୋଟଅନକି ଗ୍ରାମପଞ୍ଚାୟତ ସମିତି ସଭ୍ୟ ସତ୍ୟମ ପ୍ରଧାନ, ବଳିଡିପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, ଝାରବନ୍ଧ ଏବିଇଓ ଦୟାନିଧି କୈବର୍ତ୍ତ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଦୀପ ଉପସ୍ଥିତ ଥିଲେ। ପାଠପଢ଼ା ସହ କ୍ରୀଡ଼ାରେ ଦକ୍ଷତା ହାସଲ କରିବା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ। କବାଡ଼ି ଭଳି ଖେଳ ଶାରୀରିକ ସକ୍ଷମତା ସହ ଉପସ୍ଥିତ ବୁଦ୍ଧି, ଧୈର୍ଯ୍ୟ, ଶୃଙ୍ଖଳା ଓ ଦଳଗତ ଭାବନାର ବିକାଶ କରିଥାଏ। ଜିଲ୍ଲାସ୍ତରୀୟ ଆୟୋଜନ ମାଧ୍ୟମରେ ଗ୍ରାମାଞ୍ଚଳର ପ୍ରତିଭାବାନ ଖେଳାଳିମାନେ ନିଜ ଦକ୍ଷତା ଦେଖାଇବାର ସୁଯୋଗ ପାଇପାରିବେ ବୋଲି ଅତିଥିମାନେ ମତ ରଖିଥିଲେ। ଶିକ୍ଷକ

ଟିକେଶ୍ୱର ପଟେଲ ଓ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ସଭା ପରିଚାଳନା କରିଥିଲେ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ବରପାଲି ଓ ଝାରବନ୍ଧ ଦଳ ମଧ୍ୟରେ ଖେଳାଯାଇଥିଲା। ଏହାପରେ ବିଭିନ୍ନ ଦଳ ମଧ୍ୟରେ ପର୍ଯ୍ୟାୟକ୍ରମେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନସିପ୍‌ର ପରବର୍ତ୍ତୀ ପର୍ଯ୍ୟାୟରେ ଆସନ୍ତାକାଲି ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଖେଳାଯିବ।

ବଡ଼ମାଳ ହାଇସ୍କୁଲକୁ ଇକୋ ଫ୍ରେଣ୍ଡଲି ଗଣେଶ ମହୋତ୍ସବ ଆୱାର୍ଡ଼

ଭଟଲି, ୧୪।୧୦(ସମିସ): ଗଣେଶ ମହୋତ୍ସବରେ ଶ୍ରେଷ୍ଠ ସାଜସଜ୍ଜା ପାଇଁ ଭଟଲି ବ୍ଲକ ଅଧୀନସ୍ଥ ସରକାରୀ ହାଇସ୍କୁଲ ବଡ଼ମାଳକୁ ଇମ୍ପେରିଅଲ କଲେଜ ପକ୍ଷରୁ ଗଣେଶ ମହୋତ୍ସବ ଆୱାର୍ଡ଼ ପ୍ରଦାନ କରାଯାଇଛି। ଇମ୍ପେରିଅଲ କଲେଜରେ ଫ୍ରେସର୍ ଡେ ପାଳନ ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟିଭି ସିରିଏଲ୍ ତାରକ ମେହେଟା କା ଉଲଟା ଚଷମାର ଅଭିନେତା କୁଶ ଶାହ(ଗୋଲୀ) ଓ ସମୟ ଶାହ (ଗୋଗୀ)ଅତିଥି ଭାବରେ ଯୋଗଦେଇ ବଡ଼ମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ ଖମାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପରିବେଶ ଅନୁକୂଳ ଗଣେଶ ମହୋତ୍ସବ ମାଧ୍ୟମରେ ସମଗ୍ର ମାନବ ସମାଜକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ପରିବେଶ ଉପଯୋଗୀ ଗଣେଶ ମହୋତ୍ସବରେ ଅଂଶ ଗ୍ରହଣ କରିଥିବା ଇକୋ କ୍ଲବ୍ ଶିକ୍ଷୟିତ୍ରୀ ସୁଧାରାଣୀ ପ୍ରଧାନ ଓ ଇକୋ କ୍ଲବ୍ ଛାତ୍ରୀଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀ ଖମାରୀ ଏକ ଫୁଲ ଚାରା ପ୍ରଦାନ କରିଥି ଶୁଭେଚ୍ଛା ଜଣାଇଥିଲେ। ପରିବେଶ ସଚେତନତାର ବାର୍ତ୍ତା ବହନ କରୁଥିବା ଇକୋ କ୍ଲବର ଏତାଦୃଶ ପରିବେଶ ଉପଯୋଗୀ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

ଅନୁ ସଚିବଙ୍କ ପିଏମଶ୍ରୀ ସ୍କୁଲ ପରିଦର୍ଶନ

ଝାରବନ୍ଧ, ୧୪।୧୦(ସମିସ): ମାଧ୍ୟମିକ ଶିକ୍ଷା ପରିଷଦର ଅନୁ ସଚିବ କଳ୍ପନା ହାଁସଦା ନୀଳଜୀପତ୍ରା ଏବଂ ଭଣ୍ଡାରପୁରୀ ପିଏମ୍‌ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ପୁଷ୍ପାଞ୍ଜଳି ଦାଶ ଏବଂ ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ତାଙ୍କ ସହ ଉପସ୍ଥିତ ଥିଲେ।"ପରିଦର୍ଶନ ସମୟରେ ଅଧିକାରୀମାନେ ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକରେ ଚାଲିଥିବା ବିଭିନ୍ନ ଶିକ୍ଷାମୂଳକ ପଦକ୍ଷେପର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ। ଏଥିସହ ବିଦ୍ୟାଳୟଗୁଡ଼ିକ ପିଏମ୍‌ଶ୍ରୀ ମାନ୍ୟତା ପାଇବା ପରେ ଶିକ୍ଷା ବ୍ୟବସ୍ଥାରେ ଆସିଥିବା ପରିବର୍ତ୍ତନ ଏବଂ ସ୍ଥାନୀୟ ଅଞ୍ଚଳ ଉପରେ ଏହାର ପ୍ରଭାବ ସମ୍ପର୍କରେ ମଧ୍ୟ ଆକଳନ କରିଥିଲେ। ଯୋଜନାର ସୁଫଳ ଛାତ୍ରଛାତ୍ରୀଙ୍କ ପାଖରେ କେତେଦୂର ପହଞ୍ଚିପାରୁଛି ଏବଂ ବିଦ୍ୟାଳୟର ଶିକ୍ଷାଦାନ ପରିବେଶରେ କିଭଳି ଉନ୍ନତି ଆସିଛି ସେ ସମ୍ପର୍କରେ ଅଧିକାରୀମାନେ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ମାଧ୍ୟମରେ ତୃଣମୂଳସ୍ତରରେ ଯୋଜନାର ଅଗ୍ରଗତି ଓ ଏହାର ପ୍ରଭାବ ଆକଳନ କରିବା ସହ ବିଦ୍ୟାଳୟ ଶିକ୍ଷାର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା।

ବରତୁଣ୍ଡାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପାଇକମାଳ, ୧୪।୧୦ (ସମିସ): ପାଇକମାଳ ବ୍ଲକ ବରତୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଦାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଧାନଶିକ୍ଷକ ସହଦେବ ମାଝୀ, ନିତ୍ୟାନନ୍ଦ ସୁନା ଓ ବିକ୍ରମ କେଶରୀ ପଟେଲ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ଏବିଇଓ ରାଧେଶ୍ୟାମ ମେହେର ଓ ବରତୁଣ୍ଡା ସରପଞ୍ଚ ରୀତା ସୁନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭାର ବିକାଶ ଦିଗରେ ଉତ୍ସାହିତ କରିଥିଲେ। ଏହି ଅବସରରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ଓ ସିଏମ୍, ଚିତ୍ରକଳା ଓ ଶିଳ୍ପକଳା ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର କୁନି କୁନି ପିଲାଙ୍କ ପାଇଁ ଚିତ୍ରାଙ୍କନ, ଗଳ୍ପ କଥନ, ଗଣିତ ଦୌଡ଼ ଓ ଗଣିତ କୁଇଜ୍ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ଉଗ୍ରସେନ ପ୍ରଧାନଙ୍କ ସଂଯୋଜନା ଏବଂ ପ୍ରଧାନଶିକ୍ଷକ ସହଦେବ ଦାଉଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ମାଧବ ପୁରୋହିତ ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଅଭିଯୋଗ ଶୁଣି ଗାଁରେ ପହଞ୍ଚିଲା ପ୍ରଶାସନ

ରାମପଡ଼ାର ବିକାଶ ନେଇ ତତ୍ପରତା

ଝାରବନ୍ଧ, ୧୪।୧୦ (ସମିସ)

ଗାଁର ସମସ୍ୟା ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଫେରାଦ ହୋଇଥିଲେ ଗ୍ରାମବାସୀ। ଏହାର କିଛିଦିନ ପରେ ଗ୍ରାମରେ ପହଞ୍ଚି ସମସ୍ୟାର ବାସ୍ତବ ସ୍ଥିତି ପରଖିବା ସହ ସମାଧାନ ପାଇଁ ଆଗେଇ ଆସିଛି ଝାରବନ୍ଧ ବ୍ଲକ ପ୍ରଶାସନ। ବିଳାସପୁର ପଞ୍ଚାୟତ ଅନ୍ତର୍ଗତ ରାମପଡ଼ା ଗ୍ରାମର ମୌଳିକ ସୁବିଧା ଉପରେ ଏବେ ପ୍ରଶାସନ ଗୁରୁତ୍ୱ ଦେଇଛି। ଗ୍ରାମରେ ରାସ୍ତାଘାଟର ଅଭାବ, ପାନୀୟ ଜଳ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା ପାଇବାରେ ଅସୁବିଧା ଏବଂ ଆବାସ ଯୋଜନାରେ ଘର ମିଳିବା ଭଳି ବିଭିନ୍ନ ସମସ୍ୟା ଲାଗି ରହିଥିଲା। ଏହାର ସମାଧାନ ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ନିଜ ଅସୁବିଧା ଜଣାଇଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ବିଡିଓ ପର୍ଶୁରାମ ପଣ୍ଡା ପ୍ରଥମେ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ

ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ସମାଧାନ ନେଇ ପଦକ୍ଷେପ ସ୍ଥିର କରିଥିଲେ। ଏହାପରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସାଙ୍ଗରେ ନେଇ ପୁନର୍ବାର ରାମପଡ଼ା ଗସ୍ତ କରିଥିଲେ। ଗ୍ରାମର ଯାତାୟାତ ସମସ୍ୟା ଦୂର କରିବା ଦିଗରେ ଦୁଇଟି ରାସ୍ତା ନିର୍ମାଣ ପାଇଁ ଭିବି-ଜି ରାମଜୀ ଯୋଜନାରେ ମଞ୍ଜୁରି ମିଳିଛି। କାର୍ଯ୍ୟ ଆରମ୍ଭ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହାଦ୍ୱାରା ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା କିଛି ମାତ୍ରାରେ ଦୂର ହେବା ନେଇ ଆଶା କରାଯାଉଛି। ସେହିପରି ଭତ୍ତା ପାଇବାରେ ହେଉଥିବା ଅସୁବିଧା ଦୂର ପାଇଁ ସିଏସସି କେନ୍ଦ୍ରର ଅପରେଟର ଗ୍ରାମକୁ ଯାଇ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବେ। ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ନୂତନ ମୋଟର ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଇଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ଏହି ଗସ୍ତ ସମୟରେ ଏପିଓ ବେଲାଲ ସେନ ସେନାପତି, ବିପିସି ସୁଶାନ୍ତ ସାମଲ, ବିଆରସି କ୍ଷିତିଚନ୍ଦ୍ର ପଟେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ମନୋଜ ପ୍ରଧାନ, ଏଡିଇଓ ତାପସ ସାହୁ ଓ ପିଇଓ ଭୂପେନ୍ଦ୍ର ସିଂ ଦାଉ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ପ୍ରଶାସନର ଏହି ପଦକ୍ଷେପ ରାମପଡ଼ାର ବିକାଶ ନେଇ ଆଶା ସୃଷ୍ଟି କରିଛି। ଏବେ ଘୋଷିତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗ୍ରାମବାସୀଙ୍କ ନଜର ରହିଛି।

ବିଦ୍ୟାଳୟକୁ ଉତ୍ସବମୁଖର କରିଛି 'ସୁରଭି'

ବରଗଡ଼,୧୪ ।୧୦(ସମିସ): ଅତାବିରା ବ୍ଲକ୍ ଅଧୀନ ଜହ୍ନାପଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରର ଜହ୍ନାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ ବାଗଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବାଜୀ ବିଶି, କୈଳାସ ପ୍ରଧାନ, ବିଦ୍ୟାଳୟର ଆନୁନିକ ସଭାପତି ଦଷ୍ଟଲ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈବାଳିନୀ ପ୍ରଧାନ, ଜହ୍ନାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଠାକୁର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଚିତ୍ରାଙ୍କନ, କୁଇଜ୍, ପ୍ରବନ୍ଧ ଲିଖନ, ବକ୍ତୃତା, ହସ୍ତାକ୍ଷର ଓ ଶ୍ରୁତଲିଖନ, ସଙ୍ଗୀତ, ମଧ୍ୟାହ୍ନ ଭୋଜନ ଶିଳ୍ପକଳା ଓ ଚାରୁକଳା, ଦଳଗତ ସାଂସ୍କୃତିକ ନୃତ୍ୟ ପରିବେଷଣ ଆଦିରେ ଭାଗନେଇ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଅତୁଳ ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୃପରାଜ ମାଝୀ, ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କିଶୋର ପ୍ରଧାନ ଉପସ୍ଥିତ ଥିଲେ । ମୋଟ ୧୨ଟି ବିଦ୍ୟାଳୟର ୩୦୦ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୁଚିସ୍ମିତା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଚର୍ଚ୍ଚ ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

ପଦ୍ମପୁର: ବରିକେଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବରିକେଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷଣ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପଦମପୁରସ୍ଥିତ ଗାର୍ଲସ୍ ହାଇସ୍କୁଲ, ଏସ୍‌ଏସ୍‌ଡିର ପ୍ରଧାନ ଶିକ୍ଷକ ପର୍ଶୁରାମ ଧରୁଆ, ବରିକେଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳ ଭୋଇ, ବରିକେଲ କ୍ଲଷ୍ଟରର ସିଆରସିସି ଦିଗାମ୍ବର ମେହେର, ପଦମପୁର ସିଆରସିସି ସୁରେଶ ଚୌହାନ ଏବଂ ପୁରେଣା ସିଆରସିସି ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ପଦ୍ମପୁର ବ୍ଲକ ଶିକ୍ଷାକାର୍ଯ୍ୟାଳୟ ଅଧୀନ ଦହିଗାଁ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଦହିଗାଁ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସଭାରେ ସନାତନ ଭୋଇ, ଭୋଜମତି ଭୋଇ, ମୀନକେତନ ତାଣ୍ଡି, ସିଆରସିସି ରାଜକୁମାର ସାହୁ ମଞ୍ଚାସୀନ ଥିଲେ । ଏହି ଅବସରରେ ପ୍ରଧାନଶିକ୍ଷକ ମୀନକେତନ ତାଣ୍ଡି ଓ ପ୍ରଧାନଶିକ୍ଷୟିତ୍ରୀ ସୁବାଶିନୀ ଲକ୍ଷଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ରୂପଧର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନାରାୟଣ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ଦହିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅନ୍ୟପକ୍ଷେ ସର୍ଗିବାହାଲ କ୍ଲଷ୍ଟରରେ ଆଶ୍ରମ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ 'ସୁରଭି' ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି । ସାଧନ କେନ୍ଦ୍ର ସଂଯୋଜକ ସୁଶାନ୍ତ ଶିକାରୀ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିଜୟ ବିଭାର, ଗୋବର୍ଦ୍ଧନ ବରିହା, କୁମକମଣି ବରିହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଏବିଇଓ ରାମସିଂଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗତ ବର୍ଷ ରାଜ୍ୟସ୍ତରୀୟ ସୁରଭିରେ ଅଂଶ ଗ୍ରହଣ କରିଥିବା ଝିଷ୍ଟୋଫ ବେହେରା ଓ ସଂକେତ ସୁନାଙ୍କୁ ସମ୍ମାନିତ କରାଯାଇଥିଲା । ଶରତ ଭୋଇ ମଞ୍ଚ ସଂଯୋଜନା କରିଥିବା ବେଳେ ଦାଶରଥ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେପୁର: ବରଗଡ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧୀନ ପଦା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଗୌତମ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପାଳ ମେହେର, ସରପଞ୍ଚ ନବୀନ ମହାନନ୍ଦ, କ୍ରାନ୍ତିକାରି ହରିଲାଲ ସାହୁ, ଅବସରପ୍ରାପ୍ତ ଶିକ୍ଷକ ମୋହନ କହେଇ, ପଙ୍କଜ ଦାଶ, ସିଆରସିସି ନବୀନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ତାପସ ଗଡତିଆ ସଂଚାଳନ କରିଥିଲେ । ହୃଦମଣି ସାହୁ, ଯଦୁମଣି ସୁନା, ପ୍ରଦୀପ ସାହୁ, ଶେଷଦେବ ନାଗ, ସୂର୍ଯ୍ୟକାନ୍ତି ସାହୁ, ପୁଷ୍ପ ପ୍ରଧାନ, ମୋହନ ରାଉତ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ

ବରଗଡ଼,୧୪ ।୧୦(ସମିସ): ବରଗଡ଼ର ଶିଶୁ ଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମର ୨୦୦ତମ ସଂସ୍କରଣର ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଚି । ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତା, ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି ଯୋଗ ଦେଇଥିଲେ । ଏହି ଅବସରରେ ଟିଟିଲାଗଡ଼ର ବୃନ୍ଦାବନ କୁମ୍ଭାରଙ୍କୁ ପୁସ୍ତକ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଶିଶୁଶ୍ରୀ ର ଆବାହକ ଡକ୍ଟର ରବିନାରାୟଣ ସାହୁ ଉଦେଶ୍ୟ ଜ୍ଞାପନ କରିଥିଲେ । ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ସାହୁ ଅତିଥି ପରିଚୟ ଦେଥିଲେ । ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

କେନ୍ଦୁପତ୍ର କର୍ମଚାରୀ ସଂଘର ନୂଆଁଖାଇ ଭେଟଘାଟ

ପାଇକମାଳ, ୧୪ ।୧୦(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପଦ୍ମପୁର ଡ଼ିଭିଜନ ପକ୍ଷରୁ ନୃସିଂହନାଥ କେନ୍ଦୁପତ୍ର କେନ୍ଦ୍ରୀୟ ଗୋଦାମ ଠାରେ ନୂଆଁଖାଇ ଭେଟଘାଟ ମଙ୍ଗଳବାର ଅନୁଷ୍ଠିତ ହୋଇଛି । କର୍ମଚାରୀ ସଂଘ ସଂପାଦକ କୋକିଳ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ।ଅନ୍ୟ ମାନଙ୍କର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ପଦ୍ମପୁର ଡିଏଫଓ ବିଭୂତି ଭୂଷଣ ବେହେରା । ନୂଆଁଖାଇ ଭେଟଘାଟ ସହ ଅବସର ପ୍ରାପ୍ତ କେନ୍ଦୁପତ୍ର କର୍ମଚାରୀ ମାନଙ୍କୁ ମଧ ଉତ୍ସବରେ ସମ୍ମାନିତ କରା ଯାଇଥିଲା । ମହେନ୍ଦ୍ର ପ୍ରଧାନ,ଚୂଡାମଣି ପାଣିଗ୍ରାହୀ,ଶ୍ୱେତ ପ୍ରଧାନ,ଦ୍ୱାରୁ ମୁଗୁରି, ଡୋଲେନ୍ଦ୍ର ସାହୁ, ଶ୍ୟାମ ଚନ୍ଦନ, ବଂଶୀଧର ସାହୁ, ଅଶୋକ ପଣା, ମଧୁସୂଦନ ବେହେରା, ମହେନ୍ଦ୍ର ନେଗୀ, ଘନଶ୍ୟାମ ଭୋଇ, ରବିନ୍ଦ୍ର ନନ୍ଦ, ଜିତେନ୍ ପଟେଲ,ସୁରେଶ ପଣା,ରଙ୍କମଣି ହୋତା,ରୁସଭ ପ୍ରଧାନ ସମେତ ଓଡିଶା କେନ୍ଦୁପତ୍ର କର୍ମଚାରୀ ସାଙ୍ଗ ପଦ୍ମପୁର ଡିଭିଜନ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଚକାମନ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ଜଗନ୍ନାଥନଗର ଦୁର୍ଗାପୂଜା କମିଟିର ପ୍ରସ୍ତୁତି

ବରପାଲି,୧୪ ।୧୦(ସମିସ): ବରପାଲି ଜଗନ୍ନାଥନଗର ଦୁର୍ଗାପୂଜା କମିଟି ତରଫରୁ ପ୍ରସ୍ତୁତି ନେଇ ଏକ ସାମ୍ବାଦିକରେ ସୂଚନା ଦିଆଯାଇଛି । ଚଳିତ ବର୍ଷ ୫୧ତମ ମାଁଙ୍କ ପୂଜାବିଧି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । କମିଟି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଉପସଭାପତି ରୋହିତ ବଢ଼ଲ ସ୍ୱାଗତ ଜଣାଇଥିବା ବେଳେ ସାଧାରଣ ସଂପାଦକ ଯଦୁମଣୀ ତ୍ରିପାଠୀ ସଭାକାର୍ଯ୍ୟ ସଂଚାଳନ କରିଥିଲେ । ସାଂସ୍କୃତିକ ସଂପାଦକ ଅଜିତ ପଧାନ ଓ କୋଷାଧ୍ୟକ୍ଷ ଜିତେନ୍ଦ୍ର ଅଗ୍ରୱାଲ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ । ଉପଦେଷ୍ଟା କମିଟୀର ବିଷ୍ଣୁ ଅଗ୍ରୱାଲ, ଭୈରବ ମେହେର, ସଞ୍ଜୟ ଅଗ୍ରୱାଲ ଓ କମଲ ଅଗ୍ରୱାଲ ଯାତ୍ରା ଓ ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବରେ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ପୁଜା ସମୟରେ ନିଶାମୁକ୍ତ ଅଭିଯାନ ପରିଚାଳନା ସମ୍ବନ୍ଧିତ ରୂପରେଖା ସଂପାଦକ ଯଦୁମଣୀ ତ୍ରିପାଠୀ ପ୍ରଦାନ କରିଥିଲେ । ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଧନ୍ୟବାଦ ଅର୍ପଣ ସହ ଆଗାମି ଯାତ୍ରା ସମୟରେ ଭିନ୍ନଭିନ୍ନ ଶୈଳିର ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟତଃ ଲୋକକଳା,ସଂସ୍କୃତି, ପରମ୍ପରାଗତ କଳାକୃତିର ପଦର୍ଶନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ ।

ବିକାଶ ଡିଗ୍ରୀ କଲେଜରେ ଡିଡିଭିଆର୍ ସ୍ମାରକୀ ବକ୍ତୃତାମାଳା

ବରଗଡ,୧୪। ୧୦(ସମିସ): ବରଗଡସ୍ଥିତ ବିକାଶ ଡିଗ୍ରୀ କଲେଜ ପକ୍ଷରୁ ଡିଭିଆର୍ ସ୍ମାରକୀ ବକ୍ତୃତାମାଳାର ଚତୁର୍ଥ ସଂସ୍କରଣ କଲେଜର କନଭେନ୍ସନ ହଲ୍‌ରେ ଆୟୋଜିତ ହୋଇଯାଇଛି । ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଆଶିଷ ଶତପଥୀ, ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ଅତିଥି ଭାବେ ଯୋଗ ଦେଇଥିଲେ । କଲେଜର ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ଶତାବ୍ଦୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଲିପ୍ସିତା ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । ସୁରଜ ପଣ୍ଡା ସଂଯୋଜନା କରିଥିଲେ ।

ଜିଲ୍ଲାସ୍ତରୀୟ ସଂସ୍କୃତ ସମାରୋହ

ବରଗଡ଼,୧୪ ।୧୦(ସମିସ): ବରଗଡ଼ର ରାଣା ପ୍ରତାପ ଉଚ୍ଚବିଦ୍ୟାଳୟ ପରିସରରେ ସଂସ୍କୃତ ଭାରତୀ, ବରଗଡ଼ ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ସଂସ୍କୃତ ସମାରୋହ ଆୟୋଜିତ ହୋଇଯାଇଚି । ଉଦ୍‌ଘାଟନୀ ଅଧିବେଶନରେ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଅଧ୍ୟକ୍ଷତା କରିଥିଲେ । ଅଭିଭାବକ ସଂଘର ଜିଲ୍ଲା ସଭାପତି ବିମଳ ଦାଶ ମୁଖ୍ୟ ଅତିଥି, ସଂସ୍କୃତଭାରତୀର ସମ୍ବଲପୁର ବିଭାଗ ସଂଯୋଜକ ରାଜୀବ ସାହୁ ଏବଂ ଭଟଲି ବ୍ଲକ୍ ସଂସ୍କୃତଭାରତୀର ସଭାପତି ଗିରିଧାରୀ ବାରିକ ସମ୍ମାନିତ ଅତିଥି ଭାବେଯୋଗ ଦେଇଥିଲେ । ଜିଲ୍ଲା ସଂଯୋଜକ ଈଶ୍ୱର ଚନ୍ଦ୍ର ଗଡତିଆ ମଞ୍ଚ ସଞ୍ଚାଳନ କରିଥିଲେ । ସମାରୋହର ଦ୍ୱିତୀୟ ଅଧିବେଶନରେ "ସଂସ୍କୃତ ସାହିତ୍ୟେ ଉତ ପ୍ରୟୋଗେ' ବିଷୟକୁ ନେଇ ଚର୍ଚ୍ଚା ହୋଇଥିଲା । ସଂସ୍କୃତ ଭାରତୀର ପ୍ରାନ୍ତ ଗଣସଦସ୍ୟା ଦାମୟନ୍ତୀ କର ଏହି ଅଧିବେଶନରେ ସଭାପତିତ୍ୱ କରିଥିବା ବେଳେ ପ୍ରାନ୍ତ ସହସମ୍ପାଦକ ଡ. ମାନସ ରଞ୍ଜନ ସାହୁ ଚର୍ଚ୍ଚାସତ୍ରର ସଂଯୋଜନା କରିଥିଲେ । ସଂସ୍କୃତ ସାହିତ୍ୟରେ ନୂତନ ପ୍ରୟୋଗ, ଆଧୁନିକ ଯୁଗରେ ଏହାର ପ୍ରାସଙ୍ଗିକତା ଏବଂ ସାହିତ୍ୟ ସୃଜନର ନୂତନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା । ତୃତୀୟ ତଥା ସମାପନ ଅଧିବେଶନରେ ସଂସ୍କୃତଭାରତୀ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଭାପତି ଆୟୁଷ୍କାନ୍ତ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ । ପ୍ରାନ୍ତ ସହସମ୍ପାଦକ ଡ. ମାନସ ରଞ୍ଜନ ସାହୁ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଡୋଳାମଣି ଶତପଥୀ ଓ ପ୍ରେମସାଗର ସୁଆର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରୂପେଶ ଭୋଇ ସଭା ସଞ୍ଚାଳନ କରିଥିବା ବେଳେ ବିଶ୍ୱନାଥ ବାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂସ୍କୃତ ଭାରତୀର ସାଙ୍ଗଠନିକ ସମ୍ପ୍ରସାରଣକୁ ଗୁରୁତ୍ୱ ଦେଇ ନୂତନ ଦାୟିତ୍ୱ ଘୋଷଣା କରାଯାଇଥିଲା । ବିମଳ ଦାଶଙ୍କୁ ବରଗଡ଼ ଜିଲ୍ଲା ଅଧ୍ୟକ୍ଷ, କପିଳେଶ୍ୱର୍ ବାଗଙ୍କୁ ଜିଲ୍ଲା ଉପାଧ୍ୟକ୍ଷ, ରୂପେଶ ଭୋଇଙ୍କୁ ଜିଲ୍ଲା ସହସଂଯୋଜକ, ବିଶ୍ୱନାଥ ବାଙ୍କଙ୍କୁ ବରଗଡ଼ ତାଲୁକ ସଂଯୋଜକ ଏବଂ ସ୍ୱାଧୀନ ଆର୍ଯ୍ୟଙ୍କୁ ମହାବିଦ୍ୟାଳୟ ପ୍ରମୁଖ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ପରିଚାଳନାରେ ପ୍ରାନ୍ତ କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ଦଣ୍ଡସେନା, ସହ ସଂଯୋଜକ ଚିତ୍ତରଞ୍ଜନ ସାହୁ, ପ୍ରକାଶ ଅଦାବର, ଆଶୁକବି ଜଟାଧାରୀ ପ୍ରଧାନ, ରଏବାରି ସାହୁ, ବିନୋଦ ସାହୁ ଘନଶ୍ୟାମ ପଣ୍ଡା, ଘନଶ୍ୟାମ ସାହୁ, ଆନନ୍ଦିନୀ ଭଗିନୀ, ନିକିତା ଭଗିନୀ ପ୍ରମୁଖ ସହଯୋଗ କରିଥିଲେ ।

ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମସଭା ନାଟ୍ୟାଭିନୟ ପ୍ରଦର୍ଶିତ

ପାଇକମାଳ, ୧୪ ।୧୦ (ସମିସ): ପାଇକମାଳସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମସଭାର ଗଠନ, କାର୍ଯ୍ୟପ୍ରଣାଳୀ ଓ ଗୁରୁତ୍ୱ ଉପରେ ଏକ ନାଟ୍ୟାଭିନୟ ପ୍ରଦର୍ଶିତ ହୋଇଯାଇଛି । ଏହା ମାଧ୍ୟମରେ ଗ୍ରାମର ବିକାଶ, ସ୍ଥାନୀୟ ସମସ୍ୟାର ସମାଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କ ଭୂମିକାକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସମେତ କେତେକ ଗ୍ରାମବାସୀ ଯୋଗଦେଇଥିଲେ । ମୋଟ ୩୫ ଜଣ ଛାତ୍ରଛାତ୍ରୀ ଏହି ନାଟ୍ୟାଭିନୟରେ ଅଂଶଗ୍ରହଣ କରିଥିଲେ । ଗ୍ରାମସଭାରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ, ସାମୂହିକ ନିଷ୍ପତ୍ତି ଗ୍ରହଣ ଓ ଗ୍ରାମର ସାମଗ୍ରିକ ବିକାଶରେ ନାଗରିକଙ୍କ ଦାୟିତ୍ୱକୁ ସେମାନେ ଅଭିନୟ ମାଧ୍ୟମରେ ଦର୍ଶାଇଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଅଭିନୟ ଓ ସୃଜନଶୀଳ ଉପସ୍ଥାପନା ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଗ୍ରାମସଭାର ଗୁରୁତ୍ୱ ବୁଝିବା ସହ ନାଗରିକ ଅଧିକାର, କର୍ତ୍ତବ୍ୟ, ସାମାଜିକ ଦାୟିତ୍ୱବୋଧ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପର୍କରେ ଶିକ୍ଷା ଲାଭ କରିଥିଲେ । ବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଶିକ୍ଷକ ରାଜେଶ ସାହୁ, ଚେତନ ନାୟକ, ଦୀପଙ୍କର ହେମ୍ବ୍ରମ, କେଶବ କୁମାର ଓ ମାନସୀ ମହାନ୍ତିଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର ଛାତ୍ରଛାତ୍ରୀଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ । ଏଭଳି ଶିକ୍ଷଣୀୟ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ଆତ୍ମବିଶ୍ୱାସ ଓ ସାମାଜିକ ସଚେତନତା ବୃଦ୍ଧି କରିବା ସହ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନାଗରିକ କର୍ତ୍ତବ୍ୟ ପ୍ରତି ସଚେତନ କରିବ ବୋଲି ସେ ମତପ୍ରକାଶ କରିଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଗଞ୍ଜେଇ ମାମଲାରେ ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

ଦେବଗଡ,୧୪ ।୧୦(ସମିସ): ଏକ ଗଞ୍ଜେଇ ମାମଲାର ବିଚାର କରି ଆଜି ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ଜଜ ଦେବାଶିଷ ରାଉତ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବା ନେଇ ମଧ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ସିପୁ ଓରଫ ପ୍ରଦୀପ୍ତ ସ୍ୱାଇଁଙ୍କୁ ଦଣ୍ଡାଦେଶ ପ୍ରଦାନ କରାଯାଇଛି । ରିଆମାଳ ଥାନା ପୁଲିସ ୨୦୨୪ ମସିହା ଜୁଲାଇ ୬ ତାରିଖ ଦିନ ବୌଦ୍ଧ ଜିଲ୍ଲା ପଟୁ ସମ୍ବଲପୁର ଜିଲ୍ଲା ଅଭିମୁଖେ ବେଆଇନ ଗଞ୍ଜେଇ ଚାଲାଣ ହେଇଥିବା ସୂଚନା ପାଇଥିଲା । ଗୋହିରା ଡ୍ୟାମ୍ ରାସ୍ତାରେ ଯାନବାହାନ ଯାଞ୍ଚ କରୁଥିବା ସମୟରେ ଏକ ଗାଡିରୁ ଦେଢ଼ କ୍ୱିଣ୍ଟାଲ ବେଆଇନ ଗଞ୍ଜେଇ ଜବତ କରିଥିଲା । ଏହି ଘଟଣାରେ ସିପୁକୁ ଗିରଫ କରିଥିଲା ।

ହାଟପଦା ଗଣେଶ ପୂଜା କମିଟିର ନୂଆଁଖାଇ ଭେଟଘାଟ

ବରଗଡ଼,୧୪ ।୧୦(ସମିସ): ସ୍ଥାନୀୟ ଦୀପାଳି ଟକିଜ ପ୍ରାଙ୍ଗଣରେ ହାଟପଦା ଗଣେଶ ପୂଜା କମିଟି ପକ୍ଷରୁ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ, ରାଜକୁମାର ବିଶି, ମଣ୍ଟୁ ଗଡତିଆ, ବେଦମତି ପ୍ରଧାନ, ଗୁଣ ସିଂ, ରାମ ବିଶି ପ୍ରମୁଖ ଉପସ୍ଥିତ ଥିଲେ । ରମେଶ ପ୍ରଧାନ ଓ ଗଣେଶ ଖୁଟୁଲାଙ୍କୁ ସମ୍ମାନିତ କରାଯାଇଥିଲା ।

କଇଁଶୀରକୁ ହରାଇ ସେମିରେ ବରଗଡ଼

ସୋହେଲା,୧୪ ।୧୦(ସମିସ): ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଦଶରା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆଜି ବରଗଡ଼ ଡ୍ରିମ ଇଲେଭେନ ଦଳ କଇଁଶୀର ଦଳକୁ ୨-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗତକାଲିର ବିଜେତା ଦଳ ଗର୍ଭଣାକୁ ଭେଟିବ । ଆଜିର ମ୍ୟାଚର ପ୍ରଥମାର୍ଦ୍ଧ ଖେଳର ପ୍ରଥମ ଦଶ ମିନିଟରେ ବରଗଡ଼ ଦଳ ଦୁଇଟି ଗୋଲ୍ କରିଥିଲା । କଇଁଶୀର ଦଳ ଗୋଲ୍ ପରିଶୋଧ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା । ତେବେ ରେଫରୀ ଅଶ୍ୱିନୀ ମେହେର, ଦିପେଶ ପଧାନ, ସନ୍ତୋଷ ପଟେଲ , ତ୍ରିନାଥ ଭୋଇ ପରିଚାଳନା କରିଥିଲେ । ଅରୁଣ ଗଡ଼ତିଆ ମ୍ୟାଚ କମିଶନର ଥିଲେ । ଦୁର୍ଗାପୂଜା କମିଟିର ଉପସଭାପତି ଗିରଜେଶ ଖାଡେଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ ଶୁଭାରମ୍ଭ କରିଥିଲେ ।

ରାମଲୀଳା ମହୋତ୍ସବରେ ସୀତା ଚୋରି ମଞ୍ଚସ୍ଥ

ସୋହେଲା,୧୪ ।୧୦(ସମିସ): ସୋହେଲା ଦୁର୍ଗାପୂଜା ଅବସରରେ ଆୟୋଜିତ ରାମଲୀଳାରେ ସୀତା ଚୋରି ଉପାଖ୍ୟାନ ମଞ୍ଚସ୍ଥ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ସେହିପରି ଚେତନା ମଣ୍ଡପଠାରେ ଆୟୋଜିତ ରାମଲୀଳା କାର୍ଯ୍ୟକ୍ରମର ଚତୁର୍ଥ ରଜନୀରେ ରାମାୟଣର ବିଭିନ୍ନ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା ।

ଚକରକେନ୍ଦ କଲେଜରେ ସ୍ୱାଗତ ସମାରୋହ

ବରଗଡ,୧୪ ।୧୦(ସମିସ): ଚକରକେନ୍ଦ ସନ୍ଥକବି ଭୀମ ଭୋଇ ମହିମା ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ, ବଲାଙ୍ଗୀର ଜିଲ୍ଲା ନାଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭୁବନାନନ୍ଦ କର, ପରିଚାଳନା ସମିତିର ସଭାପତି ସରୋଜ ଭୋଇ, ବିକାଶ ସମିତିର ସଭାପତି ଯଦୁମଣି ଭୋଇ, ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ସାହୁ, ରାଜୀବ ବାରିକ, ପୂର୍ବତନ ସମ୍ପାଦକ ରବିଶଙ୍କର ପଧାନ, ତରୁଣ ନାଏକ, ପ୍ରକାଶ ଭୋଇ, ସୁନୀଲ ବାରିକ, ଯତୀନ୍ଦ୍ର ସାହୁ ଓ ସୁକମୁନି ସାଥୁଆ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସ୍ମୃତି ବାରିକ ଓ ଅଙ୍କିତା ପଧାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବାଲଗୋପାଳ ଫୁଡ୍ ପ୍ରଡକ୍ଟସ୍ ପକ୍ଷରୁ ସ୍ୱର୍ଗତ ମୋହନ ଅଗ୍ରୱାଲଙ୍କ ସ୍ମୃତିରେ ଉଭୟଙ୍କୁ ୧୧ ହଜାର ଟଙ୍କା ଲେଖାଏଁ ଏବଂ କପିଳ ଭୂଏଙ୍କ ପକ୍ଷରୁ ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଅଧ୍ୟାପକ ଖଗେଶ୍ୱର ଭୋଇ, ଅଙ୍କିତ କୁମାର ଦାଶ, ରାଜଲକ୍ଷ୍ମୀ ବାରିକ, ଦେବରାଜ ସାହୁ ଓ ବଙ୍କା ବାବୁଙ୍କ ମାର୍ଗଦର୍ଶନରେ ସମାରୋହ ଆୟୋଜିତ ହୋଇଥିଲା । ଶେଷରେ କୁମାରୀ ଲିଲା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ବିସ୍ମୃତ ଖାଦ୍ୟ, ବିଲୁପ୍ତ ଶସ୍ୟ ନେଇ ସଚେତନତା

ଗାଇସିଲେଟ,୧୪ ।୧୦(ସମିସ): ଓଡ଼ିଶାର ପାରମ୍ପରିକ ଖାଦ୍ୟ, ଦେଶୀ ଶସ୍ୟ ଓ ପୁରାତନ ଖାଦ୍ୟ ପରମ୍ପରାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ତାଲପାଲି ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଦେବଦତ୍ତ କ୍ଲବର ପରିଚାଳନାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସହକାରୀ କୃଷି ଅଧିକାରୀ ସାଇ ଆଶିଷ ପଣ୍ଡା ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ସହକାରୀ କୃଷି ଉଦ୍ୟାନ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସତ୍ୟବାନ ମେହେର ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କୁ ଓଡ଼ିଶାର ବିସ୍ମୃତ ହେବାକୁ ବସିଥିବା ପାରମ୍ପରିକ ଖାଦ୍ୟ ଏବଂ ବିଲୁପ୍ତପ୍ରାୟ ଦେଶୀ ଶସ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା । ପୂର୍ବପୁରୁଷଙ୍କ ଖାଦ୍ୟ ପରମ୍ପରାରେ ବ୍ୟବହୃତ ମାଣ୍ଡିଆ, କାଙ୍ଗୁ, କୁଦୋ, ସୁଆଁ, ଗୁଆଁର ଆଦି ଦେଶୀ ଶସ୍ୟର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା । ଏଥିସହ ଅଞ୍ଚଳରେ ପ୍ରଚଳିତ ପାରମ୍ପରିକ ଖାଦ୍ୟ, ପିଠାପଣା ଓ ଦେଶୀ ଖାଦ୍ୟ ପ୍ରସ୍ତୁତି ପଦ୍ଧତିକୁ ପରବର୍ତ୍ତୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଧୁନିକ ଖାଦ୍ୟ ଅଭ୍ୟାସ ଯୋଗୁଁ ଅନେକ ପାରମ୍ପରିକ ଖାଦ୍ୟ ଓ ଦେଶୀ ଶସ୍ୟ ଧୀରେ ଧୀରେ ଲୋକଙ୍କ ଖାଦ୍ୟ ତାଲିକାରୁ ଦୂରେଇ ଯାଉଥିବାରୁ ଦେଶୀ ବିହନ, ପାରମ୍ପରିକ ଚାଷ ପଦ୍ଧତି ଓ ଖାଦ୍ୟ ସଂସ୍କୃତି ମଧ୍ୟ ବିପଦରେ ପଡ଼ିଛି ବୋଲି ମତ ପ୍ରକାଶ ପାଇଥିଲା । ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ପରିବାର ଓ ସମାଜରେ ଦେଶୀ ଖାଦ୍ୟ ଓ ଶସ୍ୟର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଛାତ୍ରଛାତ୍ରୀମାନେ ପାରମ୍ପରିକ ଖାଦ୍ୟ ଓ ଶସ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ଏହାର ସୁରକ୍ଷା ପାଇଁ ଶପଥ ନେଇଥିଲେ । ଅତିଥିମାନେ କହିଥିଲେ ଯେ, ଦେଶୀ ଶସ୍ୟ ଓ ପାରମ୍ପରିକ ଖାଦ୍ୟ କେବଳ ଆମ ଖାଦ୍ୟ ସଂସ୍କୃତିର ପରିଚୟ ନୁହେଁ । ଏହା ଆମ ଗ୍ରାମୀଣ ଜୀବନ, କୃଷି ପରମ୍ପରା ଓ ସାଂସ୍କୃତିକ ଐତିହ୍ୟର ଅମୂଲ୍ୟ ଅଂଶ । ଏଭଳି କାର୍ଯ୍ୟକ୍ରମ ନିୟମିତ ଆୟୋଜନ କରାଗଲେ ନୂଆ ପିଢ଼ି ମଧ୍ୟରେ ଦେଶୀ ଶସ୍ୟ ଓ ପାରମ୍ପରିକ ଖାଦ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବା ସହ ଏହାର ସୁରକ୍ଷା ଓ ପ୍ରଚାରରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ । ପରେ ଏହି ବିଷୟବସ୍ତୁକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ ଦେବରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ

ଛାତ୍ର ସଂସଦ ନିର୍ବାଚନୀ ଉଷ୍ମତା

ବୌଦ୍ଧ ମଡେଲ୍ ଡିଗ୍ରୀ କଲେଜରେ ୭ ପଦ ପାଇଁ ୨୫ ପ୍ରାର୍ଥୀ

ବୌଦ୍ଧ/ଜହ୍ନାପଙ୍କ,୧୪।୧୦(ସମିସ):

ବୌଦ୍ଧ ମଡେଲ୍ ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଉଷ୍ମତା ପ୍ରକାଶ ପାଇଛି। ମନୋନୟନ ପତ୍ର ପ୍ରତ୍ୟାହାର ପରେ ମୋଟ୍ ୭ଟି ପଦବୀ ପାଇଁ ୨୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ଅଛନ୍ତି। ଛାତ୍ର ସଂସଦର ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢେଇ ହେଉଛି। ଅର୍ପିତ ମହାପାତ୍ର, ହିତେଶ ଧଳ ଓ ନରେନ୍ଦ୍ର ବାଘ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉପ ସଭାପତି ପଦବୀ ୨ ଜଣ ଛାତ୍ରୀ ଉର୍ବଶୀ ମେହେର ଲିଟିଲ ମେହେରଙ୍କ ମଧ୍ୟରେ ମୁହାଁମୁହିଁ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସାଧାରଣ ସମ୍ପାଦକ ପଦବୀ ପାଇଁ ସୌମ୍ୟରଞ୍ଜନ ପୁରୋହିତ, ପ୍ରିୟବ୍ରତ କହଁର ଓ ବୁବୁନ୍ ମେହେରଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସମ୍ପାଦକ ପଦବୀ ପାଇଁ ୮ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ଅଛନ୍ତି। ସାଗର କହଁର, ସ୍ନେହା ଗୁପ୍ତା, ନନ୍ଦିନୀ ପ୍ରଧାନ, ଅଂଶୁମାନ୍ ମିଶ୍ର, ଶୁଭମ୍ ପ୍ରଧାନ, ପ୍ରଣବ ଥାଟୀ, ବିନ୍ଧ୍ୟ ବାସିନୀ ମହାକୁଳ, ଧନଞ୍ଜୟ ଦେହୁରୀଙ୍କ ମଧ୍ୟରେ କଡା ଟକ୍କର୍ ଚାଲିଛି। ସହକାରୀ ସମ୍ପାଦକ ପଦବୀ ପାଇଁ ୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସୁଗମ ନାଏକ, ଶୁଭମ୍ ମେହେର, ନନ୍ଦିନୀ ପ୍ରଧାନ, ପ୍ରିୟରଞ୍ଜନ ପଣ୍ଡା, ସାଗର ନାଏକ, ସାହିଲ୍ ପ୍ରଧାନ, ତରୁଣ ମେହେର ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅବିନାଶ ପ୍ରଧାନ ଓ ସର୍ବେଶ୍ୱର କର୍ଣ୍ଣ ଶ୍ରେଣୀ ପ୍ରତିନିଧି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ଧରି କଲେଜ୍ କ୍ୟାମ୍ପସ ଓ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପୁସିଂ କାର୍ଡ ଦେଇ ଓ ଶୋଭାଯାତ୍ରା ମାଧ୍ୟମରେ ଭୋଟ୍ ଭିକ୍ଷା ଜୋର୍‌ସୋରରେ କରୁଥିବା ଦେଖିବାକୁ ମିଳିଛି। ଗୁରୁବାର ଭୋଟ୍ ଗ୍ରହଣ ହେବ। ଛାତ୍ର ବିଜୁ ଜନତା ଦଳ, ବିଜେପିର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ କଂଗ୍ରେସର ଏନଏସୟୁଆଇ ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହେବ। ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି।

ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା

ତରଭା,୧୪।୧୦(ସମିସ): ସୁବର୍ଣ୍ଣପୁରଠାରେ ଚାଲିଥିବା ପ୍ରଥମ ଓଡିଶା ରାଜ୍ୟସ୍ତରୀୟ ୧୪ବର୍ଷରୁ କମ୍ ବାଳକ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତାର ପ୍ରଥମ ଦିନର ଖେଳରେ ୨୦ଟି ଶିକ୍ଷାଜିଲ୍ଲାର ଫୁଟବଲ ଦଳ ଗାନ୍ଧୀ ଷ୍ଟାଡିୟମ, ରିଜର୍ଭ ପୁଲିସ ପଡିଆ ଓ ରାମେଶ୍ୱର ଷ୍ଟାଡିୟମ ଖେଳ ପଡିଆରେ ପ୍ରତିପକ୍ଷଙ୍କ ସହ ଖେଳିଛନ୍ତି। ଏହି କ୍ରମରେ ଆଜି ପୁଲ୍ ଏରୁ ଭଦ୍ରକ, ନୂଆପଡା, ପୁଲ୍ ବିରୁ ନବରଙ୍ଗପୁର, ସମ୍ବଲପୁର ପୁଲ୍ ସିରୁ ଝାରସୁଗୁଡା ଓ କେନ୍ଦ୍ରାପଡା ଏବଂ ପୁଲ୍ ଡିରୁ ଢେଙ୍କାନାଳ, ସୁବର୍ଣ୍ଣପୁର ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛନ୍ତି। ଠିକ୍ ସେହିପରି ପୁଲ୍ ଇରୁ ଦେବଗଡ଼, ଜଗତସିଂହପୁର ପୁଲ୍ ଏଫରୁ ବଲାଙ୍ଗୀର, ମୟୁରଭଞ୍ଜ ପୁଲ୍ ଜିରୁ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ବିଜୟୀ ହୋଇଛନ୍ତି। ସାନ୍ଧ୍ୟ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶଙ୍କ ସମେତ ଜିଲ୍ଲାପାଳ ଦେବାଶିଷ ସିଂ, ଏସ୍‌ପି ନାରାୟଣ୍ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ।

ସେବା ସଂକଳ୍ପ ଅଭିଯାନ ଅବସରରେ ପ୍ରତିଯୋଗିତା

ବୌଦ୍ଧ,୧୪।୧୦(ସମିସ): ବୌଦ୍ଧ ସହରର ଟୁଟୁସିଙ୍ଗା ପରିସରରେ ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁଙ୍କ ଯୋଜନା ଆଧାରରେ ସେବାସଂକଳ୍ପ ଅଭିଯାନ ଅବସରରେ ଏବଂ ଜିଲ୍ଲା ଶିକ୍ଷା ବିଭାଗ ସହଯୋଗରେ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ ବିଷୟକୁ ନେଇ ସ୍ଲୋଗାନ ଲିଖନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଟୁଟୁସିଙ୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଧାମୋହନ ମାହାଣା, ଚଣ୍ଡିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାଜକୁମାର ପ୍ରଧାନ, ଏନଏସିର ସିଆରସିସି ସତ୍ୟନାରାୟଣ ସାହୁ, ଲକ୍ଷ୍ମୀପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ମହାନ୍ତି, ଖୁଣ୍ଟବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରାଜେଶ ବଗର୍ତ୍ତୀ ଓ ବଲାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱସ୍ତିକା ବିଶି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ସ୍ଲୋଗାନ ଲିଖନ ପ୍ରତିଯୋଗିତାରେ ଟୁଟୁସିଙ୍ଗା ହାଇସ୍କୁଲର ଛାତ୍ର ଈଶ୍ୱର ପ୍ରଧାନ ପ୍ରଥମ, ଛାତ୍ରୀ ମୁସ୍କାନ ପ୍ରଧାନ ଦ୍ୱିତୀୟ, ମର୍ଷୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅମ୍ରିତା ଶତପଥୀ ଓ ବୁଟୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାବିତ୍ରୀ ମେହେର ତୃତୀୟ ହୋଇଥିଲେ। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ଟୁଟୁସିଙ୍ଗା ହାଇସ୍କୁଲର ଅର୍ଚ୍ଚିତା ସାହୁ ପ୍ରଥମ, ମାଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂଜା କୁମାରୀ ଏବଂ ମୁର୍ଷୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟୁଷ ଅମାତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଆସନ୍ତା ଜିଲ୍ଲା ସଡକ ସୁରକ୍ଷା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ମୁର୍ଷୁଣି ସିଆରସିସି ରଶ୍ମିରଞ୍ଜନ ଦାଶ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ଧରମା ବାଘ ଓ ଗଜେନ୍ଦ୍ର ଦଣ୍ଡସେନା ଏବଂ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

କନ୍ଧମାଳ ହାଇସ୍କୁଲରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ

କଣ୍ଟାମାଳ,୧୪।୧୦(ସମିସ): ବୌଦ୍ଧ କଣ୍ଟାମାଳ ସଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜୁନିଅର୍ ରେଡ୍‌କ୍ରସ୍ ଆନୁକୁଲ୍ୟରେ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଂଜନ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସାଧନା କର୍ମୀ ତଥା ଶିକ୍ଷକ ବନମାଳୀ ମେହେର ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କଣ୍ଟାମାଳ ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ସରୋଜ ବିଶ୍ୱାଳ ଓ ଅଗ୍ନି ଯୋଦ୍ଧା ଶ୍ୟାମ ସୁନ୍ଦର ରାଉତ ଓ ସହଯୋଗୀ କର୍ମଚାରୀଙ୍କ ଦ୍ୱାରା ବିଜୁଳି, ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନି ନିରାପତ୍ତା, ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା ପ୍ରଣାଳୀ ଆଦି ବିଷୟରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁଜିତ୍ ତରିଆ ପରିଚାଳନା କରିଥିଲେ। ଦିନେଶ ମହାପାତ୍ର, ଅର୍ଜୁନ ପାଣ୍ଡେ, ଅମିତ ସୋରେଙ୍ଗ ଓ ଉମାକାନ୍ତ ମୁଗ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଏମ୍ ମାଧୁରୀ ଦୋରା, ଶିକ୍ଷକ ଆଲୋକ ପରଡ଼ିଆ, ସତ୍ୟଜିତ ପଣ୍ଡା, ସରୋଜ ସାହୁ, ଶ୍ରୀକାନ୍ତ ବୁଧିଆ, ସୁଦାମ ଚରଣ ମିଶ୍ର, ବୀରଭଦ୍ର ମିଶ୍ର, ନବ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ରେଡକ୍ରସ ସ୍ୱେଚ୍ଛାସେବୀ ରିୟା ନାଏକ ଧନ୍ୟବାଦ ଦେଇଥିଲେ।

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକାଙ୍କ ପିଏମ୍‌ଶ୍ରୀ ବିଦ୍ୟାଳୟ ପରିଦର୍ଶନ

ତରଭା,୧୪।୧୦(ସମିସ): ପିଏମ୍‌ଶ୍ରୀ ଯୋଜନା ଅଧୀନ ଶିକ୍ଷାର ଗୁଣାତ୍ମକ ମାନ ଓ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଅନୁଧ୍ୟାନ ଉଦ୍ଦେଶ୍ୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାଶ ତରଭା ପିଏମ୍‌ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ଉଲୁଣ୍ଡା ବିଇଓ ଅଜୟ ଲୁହା ଏବଂ ଡିପିସି ଯୋଜନା ସଂଯୋଜକ ମୃତ୍ୟୁଞ୍ଜୟ ପଧାନ ତାଙ୍କ ସହ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ନିର୍ଦ୍ଦେଶିକା ବିଦ୍ୟାଳୟର ଲ୍ୟାବ୍, ବିଜ୍ଞାନ ପରୀକ୍ଷାଗାର ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏଥିସହ ନବମ ଓ ଦଶମ ଶ୍ରେଣୀ ସମେତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କାର୍ଯ୍ୟ ନିରୀକ୍ଷଣ କରି ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ବିଶେଷକରି ଦଶମ ଶ୍ରେଣୀର ଛାତ୍ରମାନଙ୍କୁ ବୋର୍ଡ ପରୀକ୍ଷାରେ ଅଧିକ ସଂଖ୍ୟକ ଏ-୧ ଗ୍ରେଡ୍ ହାସଲ କରିବା ପାଇଁ ନିଷ୍ଠା ଓ ଆତ୍ମବିଶ୍ୱାସର ସହ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ବିଦ୍ୟାଳୟର ମୋଟ ଛାତ୍ରସଂଖ୍ୟା ଓ ଶିକ୍ଷକଙ୍କ ସଂଖ୍ୟା ସମ୍ପର୍କରେ ତଥ୍ୟ ନେଇଥିଲେ। ସେ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସହ ଆଲୋଚନା କରି ଶିକ୍ଷାର ମାନରେ ଉନ୍ନତି, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଏବଂ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ସମ୍ପର୍କରେ ମତ ବିନିମୟ କରିଥିଲେ।

ସେଭେନ୍ ଷ୍ଟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଖୁଟଲୁମୁଣ୍ଡା ଚାମ୍ପିଅନ୍

କଣ୍ଟାବାଞ୍ଜି,୧୪।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସେଭେନ୍ ଷ୍ଟାର କ୍ରିକେଟ୍ ପଡ଼ିଆରେ ଦୁଇ ଦିନ ଧରି ଚାଲିଥିବା ସେଭେନ୍ ଷ୍ଟାର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୬ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୧୩ ଓ ୧୪ ତାରିଖରେ ଆୟୋଜିତ ଏହି ପ୍ରତିଯୋଗିତାରେ ସ୍ଥାନୀୟ ଖେଳାଳିମାନେ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖୁଟଲୁମୁଣ୍ଡା ଓ ରାମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମୁକାବିଲାରେ ଖୁଟଲୁମୁଣ୍ଡା ଦଳ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିବା ବେଳେ ରାମ ଏକାଦଶ ଉପବିଜେତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରତିନିଧି ପୁରନ୍ଦର ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ କ୍ରିକେଟର ଲିଙ୍ଗା ବଗର୍ତ୍ତୀ, କୈଳାସ ଦୀପ, ବିଘ୍ନେ ସିଂଦେଓ ଓ ତୁଳସୀ ରାମ ଜଗତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜନ ଓ ପରିଚାଳନାରେ ରାଜୁ ଚାୱଲା, ଅମିତ ଜୁଏଡ, ଶମ୍ଭୁ ହାତୀ, ରିତେଶ ମହାନ୍ତି, ଜିତେଶ ବଗର୍ତ୍ତୀଙ୍କ ସହ ଅନ୍ୟମାନେ ପ୍ରମୁଖ ସହଯୋଗ କରିଥିଲେ।

ଡୁଙ୍ଗୁରିପାଲି ୟୁଥ୍ କ୍ଲବ୍‌ର ନବରାତ୍ରି ଦୁର୍ଗାପୂଜା

ଡୁଙ୍ଗୁରିପାଲି,୧୪।୧୦(ସମିସ): ଆରମ୍ଭ ହୋଇଛି ପାର୍ବଣ ଋତୁ। ଧରାପୃଷ୍ଠକୁ ଅବତରଣ କରିଛନ୍ତି ମହିଷା ମର୍ଦ୍ଦିନୀ ମାଆ ଦୁର୍ଗା। ମାଆଙ୍କ ଆବାହନ ଲାଗି ସବୁଠି ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିସ୍ଥିତ ୟୁଥ୍ କ୍ଲବ୍ ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା ଦୁର୍ଗା ମଣ୍ଡପରେ ବହୁ ପ୍ରତିକ୍ଷିତ ୫୪ ବର୍ଷର ପରମ୍ପରାକୁ ପାଥେୟ କରି ବ୍ଲକର ପ୍ରସିଦ୍ଧ ନବରାତ୍ରୀ ଦୁର୍ଗାପୂଜା ରବିବାରଠାରୁ ଆରମ୍ଭ ହୋଇଛି। ଏ ନେଇ ଏକ ବିରାଟ ପଟୁଆରରେ ସଂକୀର୍ତ୍ତନ, ଘଣ୍ଟ ଓ ବାଦ୍ୟ ବାଜଣା ସହ ଶତାଧିକ ଭକ୍ତ ଶୋଭାଯାତ୍ରାରେ କଳସରେ ପାଣି ଆଣି ମା'ଙ୍କ ପୀଠରେ ସ୍ଥାପନା କରାଯାଇଛି। ଗ୍ରାମର ଇଷ୍ଟଦେବୀ ମା' ଝରିବହଲିଏନ୍‌ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ବିଲ୍ୱବରଣ କରାଯାଇଥିଲା। ଏଥିରେ ପୂଜକ, ମୁଖ୍ୟ କର୍ତ୍ତା ସହ ୯ଜଣ କର୍ତ୍ତା ଓ କ୍ଲବ୍‌ର ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ପୂଜାରେ ମୁଖ୍ୟ କର୍ତ୍ତା ଭାବେ କୈଳାସ ବିଶ୍ୱାଳ ଓ ତାଙ୍କ ସହଧର୍ମଣୀ ପଦ୍ମାବତୀ ବିଶ୍ୱାଳ ଥିବା ବେଳେ ଅଜିତ ପାତ୍ର, ସୁରେଶ ସାହୁ, ଅଜିତ ସାହୁ, ସୁଜିତ ସାହୁ, ଘନଶ୍ୟାମ ଭୋଇ, ସୁବ୍ରତ ବିଶ୍ୱାଳ, ଚିନ୍ତାମଣି ସାହୁ, ଧିରେନ ବାରିକ କର୍ତ୍ତା ଦାୟିତ୍ୱ ନେଇଛନ୍ତି। ବରିଷ୍ଠ ଦକ୍ଷ ପୁରୋହିତ ବାସୁଦେବ ମହାପାତ୍ରଙ୍କ ସହ ଶ୍ରୀବାସ ରଥ, ସୁଶୀଳ ମିଶ୍ର, ଦୋଳମଣୀ ମିଶ୍ର ସହଯୋଗୀ ପୂଜକ ଦାୟିତ୍ୱ ତୁଲାଉଛନ୍ତି। ରବିବାରଠାରୁ ନବ ଦିନ ବ୍ୟାପୀ ଡୁଙ୍ଗୁରିପାଲିର ତଥା ଏହାର ଆଖପାଖ ବିଭିନ୍ନ ଶକ୍ତି ପୀଠରେ ଆରମ୍ଭ ହୋଇଛି ମା'ଙ୍କ ନବରାତ୍ରି ଉପଚାର ପୂଜା ନୀତି। ମୂଳାଷ୍ଟମୀଠାରୁ ମହାଷ୍ଟମୀ ଯାଏ ରୀତିନୀତି ଅନୁଯାୟୀ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଚଣ୍ଡୀ ପାଠ, ମହାସ୍ନାନ, ହୋମ ଓ ସୂର୍ଯ୍ୟ ପୂଜା ଯଥା ରୀତିନୀତି ଅନୁଯାୟୀ ଚାଲିବ। ୯ ଦିନ ଧରି ନବ ଦୁର୍ଗା ବେଶରେ ମାଆ ଭକ୍ତଙ୍କୁ ଦର୍ଶନ ଦେବେ। କ୍ଲବର ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ସମ୍ପାଦକ ଦଶରଥୀ ବିଶ୍ୱାଳଙ୍କ ସହ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

ଉଦ୍ଭିଦ ବିଜ୍ଞାନ ବିଭାଗର ଶୈକ୍ଷିକ ଭ୍ରମଣ

ବୌଦ୍ଧ,୧୪।୧୦(ସମିସ): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଆନ୍ତଃରାଜ୍ୟ ଶୈକ୍ଷିକ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ହାଓଡ଼ା ଜିଲ୍ଲାର ଶିବପୁର୍‌ଠାରେ ଥିବା ଭାରତର ସର୍ବବୃହତ୍ ଏବଂ ସର୍ବପୁରାତନ ୧୭୮୭ ମସିହାରେ ସ୍ଥାପିତ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଇଣ୍ଡିଆନ୍ ବଟାନିକାଲ ଗାର୍ଡେନର ନିମନ୍ତ୍ରଣ କ୍ରମେ ସେଠାକୁ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ସମ୍ମାନର +୩ ଦ୍ୱିତୀୟ ବର୍ଷ ୧୪ ଜଣ ଛାତ୍ରଛାତ୍ରୀ ଯାଇଥିଲେ। ଉଦ୍ଭିଦ ବିଜ୍ଞାନର ବିଭାଗୀୟ ମୁଖ୍ୟ ତଥା ପରିବେଶ ବିଜ୍ଞାନୀ ଅଧ୍ୟାପକ ଡ. ପ୍ରବୀର ଦାସଙ୍କ ନେତୃତ୍ୱରେ ୨ଦିନିଆ ଗସ୍ତରେ ଯାଇ ସେଠାରେ ଥିବା ବିଭିନ୍ନ ପୁରାତନ, ବିପଦ ସଙ୍କୁଳ ଓ ଦୁଷ୍ପ୍ରାପ୍ୟ ବୃକ୍ଷରାଜି ଉପରେ ଅଧ୍ୟୟନ କରିବା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ମୁଖ୍ୟ ବୈଜ୍ଞାନିକ ଡ. ସ୍ୱାମୀ ଏବଂ ଡ. ବିଜୟ ସ୍ୱାଗତ କରିବାସହ ସେଠାରେ ଥିବା ୨୫୦୦ ପ୍ରକାର ଉଦ୍ଭିଦ ବିଷୟରେ ଅବଗତ କରାଇବା ସହ ସମସ୍ତ ୨୫ ବିଭାଗକୁ ବୁଲି ଦେଖାଇଥିଲେ। ସେଠାକାର ମୁଖ୍ୟ ଆକର୍ଷଣ ଥିଲା ୫.୩୩ ଏକର ଜମିରେ ଥିବା ୨୭୦ ବର୍ଷର ପୃଥିବୀର ସର୍ବ ବୃହତ୍ ବରଗଛ ଯାହାକି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ପୃଥିବୀର ସର୍ବବୃହତ୍ କଇଁଫୁଲ ଯାହାର ପତ୍ର ଗୋଟେ ମିଟରରୁ ବି ଅଧିକ ବହୁ ଆକର୍ଷଣୀୟ ଥିଲା। ଥାଇଲାଣ୍ଡରୁ ଆସିଥିବା ଗୋଟିଏ ଫଳ ଭିତରେ ଦୁଇଟି ନଡ଼ିଆ ପ୍ରଜାତି ଏବେ ବି ସେଠାରେ ସୁରକ୍ଷିତ ରହିଛି। ୨୫ ଲକ୍ଷ ପ୍ରକାରର ହର୍ବାରୀୟମ ଆଉ ଏକ ଆକର୍ଷଣ। ବଟାନିକାଲ ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ ଏହି ଅନୁଷ୍ଠାନ ଭ୍ରମଣରେ ଅଧ୍ୟାପିକା ନିରୁପମା ପ୍ରଧାନ ଓ ଡେମନଷ୍ଟ୍ରେଟର ପାର୍ଥ ସାରଥୀ ମିଶ୍ର ସହଯୋଗୀ ଭାବେ ଗସ୍ତ କରିଥିଲେ।

କୃଷକ ଉତ୍ପାଦକ ସଂଗଠନଙ୍କ ତାଲିମ ଶିବିର

ବୌଦ୍ଧ,୧୪।୧୦(ସମିସ): ଓଡିଶା କୃଷି ବିଶ୍ୱ ବିଦ୍ୟାଳୟ ସହାୟତାରେ ଓ ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ଆୟୋଜନ କ୍ରମେ ସଭାଗୃହଠାରେ ବୌଦ୍ଧ ଜିଲ୍ଲାର ସାଲୁଙ୍କି କୃଷକ ଉତ୍ପାଦକ ସଂଗଠନ ନିର୍ଦ୍ଦେଶକ, ସକ୍ରିୟ ସଦସ୍ୟ ଓ ଅଗ୍ରଣୀ କୃଷକମାନଙ୍କୁ ନେଇ ଚତୁର୍ଥ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ତପନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବାବେଳେ ବୌଦ୍ଧବ୍ଲକ ମତ୍ସ୍ୟ ଅଧିକାରୀ ଅଜୟ ବେହେରା, ବଘିଆପଡା ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗଦେଇ ନିଜ ନିଜ ବିଭାଗର ସରକାରୀ ଯୋଜନା ଉପରେ ଉପସ୍ଥାପନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସସ୍ମିତା ପାଳ ପ୍ରତିଦିନ ଖାଉଥିବା ଖାଦ୍ୟ କିପରି ସୁଷମ ଓ ସ୍ୱାସ୍ଥ୍ୟ ପ୍ରତି ଉପକାରୀ ହୋଇପାରିବ ଉପସ୍ଥାପନା କରିଥିଲେ। ବିଭିନ୍ନ ଆଲୋଚନାରେ ସାଲୁଙ୍କି କୃଷକ ଉତ୍ପାଦକ ସଂଗଠନର ଉପଦେଷ୍ଟା ତଥା ସାମାଜିକ କର୍ମୀ କେଦାରନାଥ ସାହୁ ଯୋଗଦେଇ କୃଷକଙ୍କ ଆର୍ଥିକ ଉନ୍ନତି କିପରି ଉତ୍ପାଦକ ସଂଗଠନମାନଙ୍କ ମାଧ୍ୟମରେ ହୋଇପାରିବ ବୁଝାଇଥିଲେ। ସେହିପରି ସାମାଜିକ ସଂଗଠନ ପିସଫୁଲ ସୋସାଇଟି ସମ୍ପାଦିକା ମଞ୍ଜୁଲତା ଦାସ ଯୋଗଦେଇ କୃଷକ ସଂଗଠନ ମାଧ୍ୟମରେ କୃଷକମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ସାର, ଔଷଧ, ବିହନ, କୃଷି ଯନ୍ତ୍ରପାତି, ଜ୍ଞାନକୌଶଳ ଦେଇ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଉତ୍ପାଦିତ ଦ୍ରବ୍ୟକୁ ପ୍ରକ୍ରିୟାକରଣ କରି ବିକ୍ରିବଟା କରିବା ପାଇଁ କହିଥିଲେ। ବୌଦ୍ଧ ଜିଲ୍ଲାରେ ବେଆଇନ ଚାଷରୁ ମୁକ୍ତି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ବିଭିନ୍ନ ଅର୍ଥକାରୀ ଫସଲ କରି ଆର୍ଥିକ ଉନ୍ନତି କରିବା ପାଇଁ ବିଭିନ୍ନ କୃଷକ ସଂଗଠନ, ସାମାଜିକ ସଂଗଠନ, ସରକାରୀ ବିଭାଗ ତରଫରୁ ଚେଷ୍ଟା କରିବା ପାଇଁ ସାମାଜିକକର୍ମୀ ତଥା ସାଲୁଙ୍କି କୃଷକ ଉତ୍ପାଦକ ସଂଗଠନ ସିଇଓ କୃତ୍ତିବାସ ପଲିଆ ଉପସ୍ଥାପନା କରିଥିଲେ। ଶେଷରେ କୃଷି ବୈଜ୍ଞାନିକ ଡ. ମୟୂରୀ ସିଂ ସର୍ଦ୍ଦାର ଧନ୍ୟବାଦ ଅର୍ପଣ କରିଥିଲେ।

ମନମୁଣ୍ଡା ପୁଲିସର ଗଞ୍ଜେଇ କଟା ଅଭିଯାନ

କଣ୍ଟାମାଳ,୧୪।୧୦(ସମିସ): ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଷକୁ ମୁଖ୍ୟ ଚାଷ ଭାବି ସାରିଲେଣି ଗଞ୍ଜେଇ ମାଫିଆ। ପ୍ରଶାସନ ପକ୍ଷରୁ ବ୍ୟାପକ ଗଞ୍ଜେଇ ଚାଷନଷ୍ଟ କଲେ ମଧ ମାଫିଆ ଛାଡିପାରୁନାହାନ୍ତି। କଣ୍ଟାମାଳ, ଶଗଡ଼ା, ଘଣ୍ଟାପଡା ଥାନା ଅଞ୍ଚଳରେ ପ୍ରବଳ ଗଞ୍ଜେଇ ଚାଷ ହେଉଛି। ଏହିକ୍ରମରେ ମନମୁଣ୍ଡା ଥାନା ବାଗଡ଼ିଆ ନିକଟ ଭାଲୁ ପାହାଡର ଜଙ୍ଗଲ ଅଞ୍ଚଳରେ ଲଗା ଯାଇଥିବା ବ୍ୟାପକ ଗଞ୍ଜେଇ ଗଛକୁ କାଟି ନଷ୍ଟ କରିଛି ବୌଦ୍ଧ ପୋଲିସ। ଅଞ୍ଚଳରେ କିଛି ବ୍ୟକ୍ତି ଗଞ୍ଜେଇ ଚାଷ କରିଥିବା ଖବର ପାଇ ମନମୁଣ୍ଡା ପୋଲିସର ଏକ ଟିମ୍ ଚଢଉ କରିଥିଲେ। ସେହି ଅଞ୍ଚଳରେ ହୋଇଥିବା ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରା ଯାଇଛି। ଗଞ୍ଜେଇ ଗଛ କଟା ଯିବା ସମୟରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ କୁଲଦୀପ୍ ମୀନା ମଧ ଘଟଣା ସ୍ଥଳରେ ପହଞ୍ଚି ଥିଲେ।

ମଦନ ମୋହନ ନାଟ୍ୟକଳା ପରିଷଦର ନୂତନ କର୍ମକର୍ତ୍ତା ଚୟନ

ବୌଦ୍ଧ,୧୪।୧୦(ସମିସ): ବୌଦ୍ଧର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମଦନ ମୋହନ ନାଟ୍ୟକଳା ପରିଷଦ ପରିଚଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ବରିଷ୍ଠ ନାଟ୍ୟ କଳାକାର ଲୋକନାଥ ମେହେରଙ୍କ ସଭାପତିତ୍ୱରେ ମଦନମୋହନ ମନ୍ଦିର ପବିତ୍ର ମଣ୍ଡପରେ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୁରାତନ କମିଟିର ସଭାପତି ବୃନ୍ଦାବନ ମେହେର ପୁରାତନ କମିଟିକୁ ଭାଙ୍ଗି ଏକ ନୂତନ କମିଟି ଗଠନ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ଆଗାମୀ ନୂତନ ପରିଚାଳନା କମିଟି ଗଠନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇ ନୂତନ ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ରମେଶ ପ୍ରସାଦ ମେହେର, ଉପ ସଭାପତି ସାନୁଯ୍ୟ ବାରିକ, ସମ୍ପାଦକ ପଙ୍କଜ ମେହେର, ସହ ସମ୍ପାଦକ ମାନଭଞ୍ଜନ ମାହାଣା, କୋଷାଧ୍ୟକ୍ଷ ହରିଶଙ୍କର ମେହେର, ମ୍ୟାନେଜର ବସନ୍ତ ମହାକୁଳ, ସହ ମ୍ୟାନେଜର ରୋହିତ ଗୌଡ଼, ଭଣ୍ଡାର ରକ୍ଷକ କାଳିଆ ମେହେର, ସହ ଭଣ୍ଡାର ରକ୍ଷକ ଶେଷଦେବ ଦିଶିରୀ, କାର୍ଯ୍ୟକାରୀ ସଦସ୍ୟ ରବି ନାରାୟଣ ମହାକୁଡ଼ ଓ ବିଷ୍ଣୁ ବନଛୋରଙ୍କୁ ମନୋନୀତ କରାଯାଇଥିଲା। ଏହି ସଭାରେ ନାଟ୍ୟକାର ହୃଦାନନ୍ଦ ମେହେର ଓ ନାଟ୍ୟ ନିର୍ଦ୍ଦେଶକ ଦେବାଙ୍ଗନ ମେହେର ଉପସ୍ଥିତ ଥିଲେ।

କାଉନ୍‌ସିଲର ଗୁଲାପି ବର୍ମାଙ୍କ ପରଲୋକ

ତରଭା,୧୪।୧୦(ସମିସ): ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ୩ନମ୍ବର ୱାର୍ଡର କାଉନସିଲର ଗୋଲାପି ବର୍ମା (୭୨)ଙ୍କ ପରଲୋକ ହୋଇଯାଇଛି। ସେ କ୍ୟାନସରରେ ପୀଡିତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଏଣୁ ତାଭ୍‌କୁ ତରଭା ଭଣ୍ଡାରୀପଡା ବାସଗୃହକୁ ଅଣାଯାଇଥିଲା। ଶେଷ ସମୟରେ ସ୍ୱାମୀ ରମେଶ, ବଡ଼ପୁଅ ବଜରଙ୍ଗ, ସାନପୁଅ ସାମ୍ବାଦିକ ଭୋଲା ବର୍ମା, ପୁତ୍ରବଧୂ ଆରତୀ ବର୍ମା, ଆରତୀ ନାଏକ, ଝିଅ ରୀନା, ରେଖାଙ୍କ ସମେତ ନାତିନାତୁଣୀ ଉପସ୍ଥିତ ଥିଲେ। ଶ୍ରୀମତୀ ବର୍ମା ୧୯୯୨ରୁ ୧୯୯୫ ଓ ୨୦୨୨ରୁ ୨୦୨୬ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ। ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ଏନଏସି ଅଧକ୍ଷା ବନ୍ଦିତା ନାଏକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, କକାଉନସିଲର ଅଞ୍ଜନା ସାହୁ, ସୁଜାତା ରଥ, ନମିତା ପଣ୍ଡା, ପୂର୍ବତନ ନଗରପାଳ ଆଦିକନ୍ଦ ପାଣିଗ୍ରାହୀ, ଶୈଳେନ୍ଦ୍ର ସାହୁ, ବରିଷ୍ଠ ବିଜେଡି ନେତା ସୁଭାଷ ଚନ୍ଦ୍ର ସେଠୀ, ମଧୁସୂଦନ ପାଣ୍ଡେ, ସନସିତ ସାହୁ, ସନ୍ତୋଷ ସାହୁ, ଦୈନିକ 'ସକାଳ'ର ତରଭା ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସାହୁ, ମାନଭଞ୍ଜନ ମିଶ୍ର, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ରାଜେଶ ମେହେର, ସୁକାନ୍ତ ମିଶ୍ର, ମାରୱାଡି ସମାଜର ସଭାପତି ମାଙ୍ଗେଲାଲ ଅଗ୍ରୱାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ବଜରଙ୍ଗ ମୁଖାଗ୍ନି ପ୍ରଦାନ ଦେଇଥିଲେ। ଗୁଲାପିଙ୍କ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

ସୃଜନଶୀଳତା ପ୍ରଦର୍ଶନର ପ୍ରକୃଷ୍ଟ ମାଧ୍ୟମ 'ସୁରଭି'

ଡୁଙ୍ଗୁରିପାଲି, ୧୪।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗଜବନ୍ଧ କ୍ଲଷ୍ଟର ଅଧୀନ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ (ଗଜବନ୍ଧ)ରେ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପ୍ରକୃଷ୍ଟ ମାଧ୍ୟମ 'ସୁରଭି' ବୋଲି ଏଥିରେ ମତ ପ୍ରକାଶ ପାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧର ପ୍ରଧାନଶିକ୍ଷକ ଯୁଧିଷ୍ଠିର ରଣା ସଭାପତିତ୍ୱ କରିଥିଲେ। ଗଜବନ୍ଧ ସରପଞ୍ଚ ବାସନ୍ତୀ ଖେତୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୀମସେନ ମହାକୁର, ବିନିକା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର କାଲସାଏ, ପୂର୍ବତନ ସିଆରସିସି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରେଖାରାମ ବାଘ, ଗଜବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କିଶୋର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ଓତା, ବିରତିଆ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସିଆରସିସି ନରେନ୍ଦ୍ର ପୁରୋହିତ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗଦାନ କରିଥିଲେ। କ୍ଲଷ୍ଟର୍‌ର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତ, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ୍, ମୌଳିକ ସଂଖ୍ୟାଜ୍ଞାନ ଗଣିତ ଦୌଡ଼, ଗଣିତ କୁଇଜ, ଗଳ୍ପକଥନ ପରି ବିଭିନ୍ନ ପ୍ରତିଯୋଗିତାର ୩୭ଟି ବର୍ଗରେ ଭାଗ ନେଇଥିଲେ। ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନ, ଭୀମଟିକିରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ପଣ୍ଡା, ଚିନାଜୁରୀ ସିଆରସିସି ରମେଶ ଭୋଇ, ଇଚ୍ଛାପୁର ସିଆରସିସି ସୁଧାଂସୁ ସାହୁ, ରାମପୁର ସିଆରସିସି ପ୍ରଦୀପ୍ତକିଶୋର ଦାଶ, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ସୁନା, ଶିକ୍ଷକ କୁଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ଜୀନା ବାରିକ ଓ ମେନକା ଦୀପ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ରଶ୍ମିତା ହରିପାଳ, ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ କିଶୋର ନାୟକ, ଚିତ୍ରଶିଳ୍ପୀ ପ୍ରସନ୍ନ ତାଣ୍ଡି, ଲିଙ୍ଗରାଜ ପୁଟେଲ ସ୍ୱତନ୍ତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ରଣା, ତୁଳସୀରାମ ଭୋଇ, ଅମର ତାଣ୍ଡିଆ, ରଘୁନାଥ ବାଘ, ନିତାଇ ମଟାରୀ, ନନ୍ଦକିଶୋର ବିଶି, ଶିକ୍ଷକ ପ୍ରଦୀପ ତରିଆ, ପ୍ରମୋଦ ପଧାନ, ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ମହାନନ୍ଦ, ଶିକ୍ଷୟିତ୍ରୀ ପଦ୍ମାବତୀ ହାତୀ, ପ୍ରମିତା ପଧାନ, ଅମୁଲ୍ୟ ଝାଙ୍କର, ଗଜବନ୍ଧ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ସୁବାସ ଭୋଇ, ଦାରାସିଂ ଛେଛୁଆଁ, କିରଟି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ କଳାକାହ୍ନୁ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଆସ୍ଥା, ଐତିହ୍ୟ ଓ ଅପୂର୍ବ ପ୍ରକୃତିର ଅନନ୍ୟ ସଙ୍ଗମ

ମା' ତାରାତାରିଣୀ



■ କ୍ଷୀରସିନ୍ଧୁ ମହାନ୍ତି

ପ୍ରକୃତିର ସବୁଜିମା ଭିତରେ ଆଧ୍ୟାତ୍ମିକତାର ଦିବ୍ୟ ଆଲୋକ। କୁମାରୀ ପାହାଡ଼ ଉପରେ ଅଧିଷ୍ଠିତ ହୋଇଛନ୍ତି ମା' 'ତାରା ଓ ତାରିଣୀ' । ଓଡ଼ିଶାର ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟରେ, ପବିତ୍ର ଋଷିକୁଲ୍ୟା ନଦୀ କୂଳରେ ଥିବା ଏହି ଉଚ୍ଚ ପାହାଡ଼ ଉପରେ ବିରାଜମାନ ମା' ତାରାତାରିଣୀ ପୀଠ ହେଉଛି ଏକ ପ୍ରାଚୀନ ଆଦି ଶକ୍ତିପୀଠ । ଏହା କେବଳ ଏକ ଦର୍ଶନୀୟ ସ୍ଥାନ ନୁହେଁ, ବରଂ ଅଗଣିତ ଭକ୍ତଙ୍କ ଅତୁଟ ବିଶ୍ୱାସ, ଅସୀମ ଆସ୍ଥା ଓ ଆଧ୍ୟାତ୍ମିକ ଚେତନାର ମହାନ ତୀର୍ଥକ୍ଷେତ୍ର। ଭକ୍ତଙ୍କ ଦୁଃଖହରଣ କରିବା ସହ ମନୋବାଞ୍ଛା ପୂରଣ କରୁଥିବା ଦେବୀ ଭାବେ ମା'ଙ୍କ ମହିମା ଦକ୍ଷିଣ ଓଡ଼ିଶାର ଜନଜୀବନ, ପରମ୍ପରା ଓ ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରାୟ ୧୮୦ ଏକରରେ ପରିବ୍ୟାପ୍ତ ଓ ୭୦୦ ମିଟର ଉଚ୍ଚତାବିଶିଷ୍ଟ ସବୁଜିମାଭରା ପାହାଡ଼ ଉପରେ ଅବସ୍ଥିତ ମା'ଙ୍କ ଏହି ପୀଠ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଧାର୍ମିକ ମହତ୍ତ୍ୱର ଅନନ୍ୟ ନିଦର୍ଶନ। ଋଷିକୁଲ୍ୟା ନଦୀର ପବିତ୍ର ଧାରା ଏବଂ ପାହାଡ଼ର ନିର୍ମଳ ପରିବେଶ ମଧ୍ୟରେ ମନ୍ଦିରର ଦିବ୍ୟ ରୂପ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ଜାଗ୍ରତ କରେ। ଏଠାକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କ ପାଇଁ ମା'ଙ୍କ ଦର୍ଶନ କେବଳ ଏକ ଧାର୍ମିକ କର୍ମ ନୁହେଁ, ବରଂ ଏହା ଶାନ୍ତି ଓ ମାନସିକ ତୃପ୍ତିର ଏକ ଅନୁଭବ। ମା' ତାରାତାରିଣୀଙ୍କ ପୀଠର ଇତିହାସ ଓ ନାମକରଣକୁ ନେଇ ବିଭିନ୍ନ ପୌରାଣିକ ଗ୍ରନ୍ଥ, ତାନ୍ତ୍ରିକ ସାହିତ୍ୟ ଏବଂ ଲୋକକଥାରେ ଅନେକ ଉଲ୍ଲେଖ ରହିଛି।

ଭାରତର ପ୍ରମୁଖ ଆଦି ଶକ୍ତିପୀଠ

ତାରାତାରିଣୀ ପୀଠ କେବଳ ଓଡ଼ିଶାର ନୁହେଁ, ବରଂ ସମଗ୍ର ଭାରତବର୍ଷର ଏକ ଆଦି ଶକ୍ତିପୀଠ। ପୌରାଣିକ କଥାବସ୍ତୁ ଅନୁଯାୟୀ, ମହାଦେବ ଯେତେବେଳେ ସତୀଙ୍କ ମୃତଦେହ ଧରି ତାଣ୍ଡବ କରୁଥିଲେ, ସେତେବେଳେ ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଦ୍ୱାରା ଖଣ୍ଡ-ବିଖଣ୍ଡିତ ହୋଇ ଦେବୀଙ୍କ ଅଙ୍ଗ ବିଭିନ୍ନ ସ୍ଥାନରେ ପଡ଼ିଥିଲା। କୁମାରୀ ପାହାଡ଼ ଉପରେ ମା' ସତୀଙ୍କ ସ୍ତନ ପଡ଼ିଥିବାରୁ ଏହାକୁ 'ଆଦି ସ୍ତନ ପୀଠ' ଭାବେ ଗଣନା କରାଯାଏ।

ପ୍ରଚଳିତ ଲୋକକଥା

ସ୍ଥାନୀୟ ଲୋକକଥା ଅନୁଯାୟୀ, ପୁରୁଷୋତ୍ତମପୁର ନିକଟସ୍ଥ ବୀର ଜଗନ୍ନାଥପୁର ଶାସନ ଗ୍ରାମର ଏକ କୁଳୀନ ବ୍ରାହ୍ମଣ ପରିବାରରେ ଦୁଇ ଭଉଣୀ ଜନ୍ମଗ୍ରହଣ କରିଥିଲେ। ସେମାନେ ଘର ଛାଡ଼ି ଯିବା ସମୟରେ ଜଣେ କାଚରାଙ୍କଠାରୁ କଳାଚୁଡ଼ି ପିନ୍ଧି ପିତାଙ୍କଠାରୁ ଟଙ୍କା ନେବାକୁ କହି ଚାଲିଯାଇଥିଲେ। ପରେ ସେମାନେ ପିତାଙ୍କୁ ସ୍ୱପ୍ନାଦେଶ ଦେଇ ତାରାତାରିଣୀ ପାହାଡ଼ରେ ଅବସ୍ଥାନ କରୁଥିବା ଜଣାଇବା ସହ ନିଜର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବସୁ ପ୍ରହରାଜଙ୍କ ଦ୍ୱାରା ତନ୍ତ୍ରଯଜ୍ଞ ଆୟୋଜନ କରାଯାଇ ଦେବୀଙ୍କ ପ୍ରତିଷ୍ଠା କରାଯାଇଥିବା ଲୋକମୁଖରେ ପ୍ରଚଳିତ ରହିଛି।

ଦକ୍ଷିଣ ଓଡ଼ିଶାର ଇଷ୍ଟଦେବୀ

ଦକ୍ଷିଣ ଓଡ଼ିଶାର (ବିଶେଷ କରି ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା) ପ୍ରାୟ ପ୍ରତ୍ୟେକ ପରିବାରରେ ମା ତାରା ତାରିଣୀଙ୍କୁ ନିଜର କୁଳଦେବୀ ବା ଇଷ୍ଟଦେବୀ ଭାବେ ମାନନ୍ତି । ସେହି ଅଞ୍ଚଳର ଲୋକମାନଙ୍କ ଜୀବନର ଯେକୌଣସି ଶୁଭକାର୍ଯ୍ୟ- ଯେପରିକି ବିବାହ, ବ୍ରତଘର, ନୂଆ ଗାଡ଼ି କିଣିବା କିମ୍ବା ବ୍ୟବସାୟ ଆରମ୍ଭ କରିବା ସମୟରେ ମାଙ୍କ ନିକଟରେ ପ୍ରଥମେ ନିମନ୍ତ୍ରଣ ବା ପୂଜା ଅର୍ପଣ କରାଯାଇଥାଏ। ପରିବାରରେ ଶିଶୁଟିଏ ଜନ୍ମନେଲେ ମା'ଙ୍କ ପୀଠରେ ମୁଣ୍ଡନ ସଂସ୍କାର କରାଇବାର ପରମ୍ପରା ଆଜି ମଧ୍ୟ ପ୍ରଚଳିତ ଅଛି। କେବଳ ଏକ ଧାର୍ମିକ ବିଧି ନୁହେଁ, ବରଂ ପିଢ଼ି ପରେ ପିଢ଼ି ଚାଲିଆସୁଥିବା ପାରିବାରିକ ଆସ୍ଥା ଓ ଭାବନାର ପ୍ରତୀକ।

ସଂସ୍କୃତିର ସମନ୍ୱୟ

ତାରା ତାରିଣୀଙ୍କ ପୀଠରେ ଆଦିବାସୀ ସଂସ୍କୃତି, ବୌଦ୍ଧ ତନ୍ତ୍ର ଏବଂ ସନାତନ ହିନ୍ଦୁ ଧର୍ମର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ।

ପ୍ରସିଦ୍ଧ ଚୈତ୍ର ଯାତ୍ରା

ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଦିନ ଏଠାରେ ବିଶାଳ ଚୈତ୍ର ଯାତ୍ରା ଅନୁଷ୍ଠିତ ହୁଏ । ଏହି ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମାଙ୍କ ଦର୍ଶନ କରିବା ସହ ନିଜ ପିଲାମାନଙ୍କର ପ୍ରଥମ କେଶ ମୁଣ୍ଡନ (ବାଳ ପକାଇବା) ସଂସ୍କାର କରିଥାନ୍ତି। ବର୍ଷର ଅନ୍ୟ ସମୟରେ ମଧ୍ୟ ନିୟମିତ ଦେବନୀତି ସହିତ ଭାଦ୍ରବ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଶାରଦୀୟ ଷୋଡ଼ଶ ଉପଚାର ପୂଜା ପୀଠର ଧାର୍ମିକ ପରମ୍ପରାକୁ ସ୍ୱତନ୍ତ୍ର ଗରିମା ପ୍ରଦାନ କରେ। ପାର୍ବଣ ଋତୁରେ ଭକ୍ତି, ଶ୍ରଦ୍ଧା ଓ ଉତ୍ସବମୁଖର ପରିବେଶରେ ସମଗ୍ର ପୀଠ ଆଧ୍ୟାତ୍ମିକ ଚେତନାରେ ଉଦ୍‌ଭାସିତ ହୋଇଉଠେ।

ଆଶ୍ୱିନ ମାସର ପବିତ୍ର ଶୁକ୍ଳପକ୍ଷରେ ସମଗ୍ର ଧରାପୃଷ୍ଠ ଉତ୍ସବମୁଖର। ନିର୍ମଳ ଆକାଶ, କାଶତଣ୍ଡିର ଲହରୀ ଏବଂ ବାୟୁମଣ୍ଡଳରେ ଚଣ୍ଡୀପାଠର ମନ୍ତ୍ରଧ୍ୱନି ଭରିଦିଏ ଏକ ଅପୂର୍ବ ଆଧ୍ୟାତ୍ମିକ ଶିହରଣ। ଓଡ଼ିଶାର ସନାତନ ସଂସ୍କୃତି ଓ ଶକ୍ତି ଉପାସନାରେ ଶାରଦୀୟ ନବରାତ୍ରୀର ଗୁରୁତ୍ୱ ଅନନ୍ୟ। ଝଙ୍କଡ଼ର ମା' ଶାରଳା, ନବରଙ୍ଗପୁରର ମା' ଭଣ୍ଡାରଘରଣୀ ଏବଂ ଗଞ୍ଜାମର ମା' ତାରାତାରିଣୀଙ୍କ ପୀଠରେ ନବରାତ୍ରୀ ଅବସରରେ ଦେଖିବାକୁ ମିଳେ ଶକ୍ତି ଆରାଧନାର ଅନନ୍ୟ ପରମ୍ପରା। ଏହି ପ୍ରସିଦ୍ଧ ଦେବୀପୀଠଗୁଡ଼ିକରେ ନବରାତ୍ରୀ ସମୟରେ ଭିନ୍ନ ଭିନ୍ନ ଶୈଳୀ ଓ ପରମ୍ପରାରେ ମାତୃଶକ୍ତିଙ୍କୁ ଆବାହନ କରାଯାଏ। ଏକାଧାରରେ ବିଦ୍ୟାର ଦାତ୍ରୀ, ଧନଧାନ୍ୟର ସୁରକ୍ଷାକର୍ତ୍ତ୍ରୀ ଓ ମନ୍ତ୍ର-ତନ୍ତ୍ରର ଅଧିଷ୍ଠାତ୍ରୀ ଭାବେ ପୂଜିତ ଏହି ତିନି ମାତୃଶକ୍ତି ଓଡ଼ିଆ ଜନଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ। ଉପକୂଳର ସାରସ୍ୱତ ଚେତନା, ଦକ୍ଷିଣର ସମୃଦ୍ଧ ସଂସ୍କୃତି ଏବଂ ଶାକ୍ତ ପରମ୍ପରାର ନିଦର୍ଶନ ଏହି ତିନୋଟି ପୀଠକୁ ନେଇ ଆମର ଏହି ବିଶେଷ ଉପସ୍ଥାପନା।

ଅଭୟ ଦାୟିନୀ ଦୁଃଖ ବିନାସିନୀ
ମା' ଭଣ୍ଡାର ଘରଣୀ

■ କୁନାଗୌରାଙ୍ଗ ପାତ୍ର

ଦୟାମୟୀ ମା' ମହାମାୟୀ ଦୂର୍ଗା ରୂପୀ ଆଦ୍ୟାଶକ୍ତି ଭାବେ ସର୍ବ ଶକ୍ତିମୟୀ ମା ଭଣ୍ଡାର ଘରଣୀ। ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ 'ଚଣ୍ଡୀ'ରେ କୁହାଯାଇଛି ଭଗବତୀ ଚଣ୍ଡିକା ମହାମାୟା ଏବଂ ସନାତନୀ ଦେବୀ ହୋଇଥିଲେ ହେଁ ସେ ବିଶ୍ୱର କଲ୍ୟାଣ ପାଇଁ ବାରମ୍ବାର ଆବିର୍ଭୁତା ହୋଇଥାନ୍ତି। ମା' ମହାମାୟୀ ତ୍ୟାଗ, ଦୟା, କ୍ଷମା ଓ ମମତାର ପ୍ରତୀକାତ୍ମକ ସ୍ୱରୂପ। ସେ ଭକ୍ତି-ମୁକ୍ତି ପ୍ରଦାୟିନୀ, ଜଗତ ପାଳିନୀ, ଦୁର୍ଗତି ନାଶିନୀ ଅଭୟ ଦାୟିନୀ ଦୂର୍ଗା ରୂପୀ ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଣ୍ଡାର ଘରଣୀ ।

ମନ୍ଦିର ପୂର୍ବାଭିମୁଖୀ, ପଶ୍ଚିମାଭିମୁଖୀରେ ଦର୍ଶନ

ମା' ଭଣ୍ଡାର ଘରଣୀଙ୍କ ମନ୍ଦିର ଜଗନ୍ନାଥପୁରଠାରେ ୧୮୨୦ ମସିହାରେ ପ୍ରତିଷ୍ଠା ହୋଇଥିଲା। ରାଜବଂଶର ଭଣ୍ଡାର ଘରେ ପ୍ରଥମେ ପୂଜା ପାଉଥିଲେ। ୧୮୩୨ ମସିହାରେ ରାଜା ଚୈତନ୍ୟ ଦେବ ରାଜଧାନୀ ଜଗନ୍ନାଥପୁରରୁ ନବରଙ୍ଗପୁର ସ୍ଥାନାନ୍ତର କରି ଜଗନ୍ନାଥ ପୁରରୁ ଆବାହନ କରି ନବରଙ୍ଗପୁରରେ ପ୍ରତିଷ୍ଠା କରିଥିଲେ । ସେହିପରି ୧୯୪୫-୪୬ ମସିହାରେ ଏକ ବିରାଟ ପ୍ରଶସ୍ଥ ସିମେଣ୍ଟ କଂକ୍ରେଣ୍ଟ ବାରଣ୍ଡା ସହ ଟିଣ ଘର ନିର୍ମାଣ କରାଯାଇଥିଲା । ଏହା ପରେ ୨୦୦୪-୦୫ ମସିହାରେ ଉକ୍ତ ସ୍ଥାନରେ ହିଁ ମା ଭଣ୍ଡାର ଘରଣୀଙ୍କ ମନ୍ଦିର ପରିଚାଳନା କମିଟି ଦ୍ୱାରା ପାଖାପାଖି ଏକ ଶହ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ମନ୍ଦିର ନିର୍ମାଣ କରାଯାଇଛି। ମା' ଭଣ୍ଡାର ଘରଣୀଙ୍କ ବିଶେଷତ୍ୱ ହେଲା ମା'ଙ୍କ ମନ୍ଦିର ପୂର୍ବାଭିମୁଖୀ ହୋଇଥିବା ବେଳେ ଭକ୍ତଙ୍କୁ ମା' ସର୍ବଦା ପଶ୍ଚିମମୁଖୀରେ ହିଁ ଦର୍ଶନ ଦେଇଥାନ୍ତି।

ନବରାତ୍ରୀରେ ହଜାରରୁ ଊର୍ଦ୍ଧ୍ୱ ଅଖଣ୍ଡ ଦୀପ ସ୍ଥାପନ

ମା'ଙ୍କ ପୂଜା ନୀତି ଉଭୟ କେଉଟ (ମତ୍ସ୍ୟଜୀବୀ) ସମ୍ପ୍ରଦାୟର ପୂଜକ ଏବଂ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ପାଳିତ ହୋଇଥାଏ। ମା'ଙ୍କ ପୂଜା ପ୍ରତି ମଙ୍ଗଳବାର, ଶନିବାର, ସକ୍ରାନ୍ତି ଦିନ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥାଏ । ମା'ଙ୍କ ବାସନ୍ତିକ ଦଶହରା ଚୈତ୍ର ଶୁକ୍ଳ ପ୍ରତିପଦାରୁ ନବମୀ ପର୍ଯ୍ୟନ୍ତ ଓ ମା'ଙ୍କ ଏକ ପ୍ରଧାନ ପର୍ବ "ଘଟ ଯାତ୍ରା" ମଧ୍ୟ ପ୍ରତିବର୍ଷ ଚୈତ୍ର ମାସରେ ପାଳିତ ହୁଏ । ପ୍ରତିବର୍ଷ ମା'ଙ୍କ ନବରାତ୍ର ପୂଜାରେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧି ଦାତ୍ରୀ ଭାବେ ନବ ଦୂର୍ଗାଙ୍କୁ ପୂଜା କରାଯାଏ । ମହାଳୟା ପର ଦିନଠାରୁ ଏହି ନବରାତ୍ରି ପାଳନ କରାଯାଏ । ମା'ଙ୍କ ପୀଠରେ ଏକ ହଜାରରୁ ଊର୍ଦ୍ଧ୍ୱ ଅଖଣ୍ଡ ଦୀପ ସ୍ଥାପନ କରାଯାଏ । ଚଣ୍ଡୀ ପାଠ ହୁଏ।

ଲାଠି ଦଶହରା

ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ପୀଠରେ ଦଶ ଦିନ ଧରି ଦଶହରା ପର୍ବ ପାଳନ କରାଯାଏ। ଜିଲ୍ଲା ତଥା ଜିଲ୍ଲା ବାହାରର ଅନେକ ଶକ୍ତି ପୀଠରୁ ଉକ୍ତ ଗ୍ରାମ ଦେବୀଙ୍କ ପ୍ରତିନିଧିତ୍ୱ କରି ଠାକୁରାଣୀଙ୍କ ସୁସଜ୍ଜିତ ଲାଠି ଦଶହରା ଦିନ ନବରଙ୍ଗପୁରର ମା' ଭଣ୍ଡାରଘରଣୀଙ୍କ ପୀଠକୁ ଆସନ୍ତି। ମା' ଭଣ୍ଡାରଘରଣୀଙ୍କ ପ୍ରଥମ ଶକ୍ତି ପୀଠ ଜଗନ୍ନାଥପୁର, ଦଶପୁର, ମିରିଗାନିଗୁଡା, କୁସୁମୀ, ଦେଦେଶପାଲି, ମେଞ୍ଚର, ଦେଉଳା, କଙ୍ଗରା, ଏକମ୍ବା, ନନ୍ଦହାଣ୍ଡି, ମାଳିଗୁଡା ଏଭଳି ଅନେକ ଗ୍ରାମରୁ ଲାଠି ଆସେ । ସମସ୍ତ ସୁସଜ୍ଜିତ ଦେବୀଙ୍କ ଲାଠି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଶଙ୍ଖ, ଘଣ୍ଟ, ବାଦ୍ୟ ବାଜଣା ସହ ସହର ପରିକ୍ରମା କରି ନବରଙ୍ଗପୁର ସହର ମଧ୍ୟରେ ଥିବା ଦଶହରା ପଦାରେ ପହଞ୍ଚେ । ଏହି ଯାତ୍ରାକୁ "ବିଜୟ ଯାତ୍ରା" କୁହାଯାଏ । ସେଠାରେ ଦେବୀଙ୍କ ପୂଜା ହୁଏ ଏବଂ ଏକ ବାଉଁଶ ଲାଠିର ଶିଖରରେ ବନ୍ଧା ଯାଇଥିବା ବାଇଗଣକୁ ପୂଜକ ଧନୁରେ ତୀର ଦ୍ୱାରା ଲକ୍ଷ୍ୟ ଭେଦ କରିବା ପରେ ଦଶହରା ପର୍ବ ସମାପ୍ତି ହୁଏ । ଏହି ସମୟରେ ଉମରକୋଟର ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡ୍ରାଣୀ ଜୟପୁର ଯିବା ବେଳେ ନବରଙ୍ଗପୁର ମା' ଭଣ୍ଡାରଘରଣୀଙ୍କ ପୀଠରେ କିଛି ଦିନ ଅବସ୍ଥାନ କରି ପୂଜା ପାଆନ୍ତି । ମା'ଙ୍କ ପୀଠରେ ବର୍ତ୍ତମାନର ନବରଙ୍ଗପୁର ରାଜ ପୁରୋହିତ ଶ୍ରୀନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମନ୍ଦିର ସେବାୟତ ଏବଂ ୧୫ ଜଣ ବରୁଣିଆ ପୂଜକ ମା'ଙ୍କ ସେବାରେ ନିୟୋଜିତ ଅଛନ୍ତି। ଚଳିତ ବର୍ଷ ମା' ଭଣ୍ଡାର ଘରଣୀଙ୍କ ନୂତନ ମନ୍ଦିର ନିର୍ମାଣକୁ ୨୮ ବର୍ଷ ପୂର୍ତ୍ତି ହୋଇଛି।

ବିଦ୍ୟାଦାୟିନୀ
ମା' ଶାରଳା

■ ଶଶାଙ୍କ ଶେଖର ପଣ୍ଡା

ମା' ସାରଳାଙ୍କ ଆବିର୍ଭାବ

ପ୍ରାଚୀନ ଶକ୍ତିପୀଠ ମଧ୍ୟରେ ଜଗତସିଂହପୁର ଜିଲ୍ଲା ଝଙ୍କଡ଼ ସ୍ଥିତ ମା' ଶାରଳା ପୀଠ ଅନ୍ୟତମ। ଆବହମାନ କାଳରୁ ଏଠାରେ ମା' ଶାରଳା ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ଭାବେ ପୂଜା ପାଇ ଆସୁଛନ୍ତି। ଅନ୍ୟ ଶକ୍ତିପୀଠ ଭଳି ମା' ଶାରଳାଙ୍କ ଶାରଦୀୟ ଷୋଡ଼ଶ ଉପଚାର ପୂଜାର ସ୍ୱତନ୍ତ୍ରତା ରହିଛି।

ଅଧିଷ୍ଠାତ୍ରୀ ଦେବୀ ମା' ସାରଳାଙ୍କ ଆବିର୍ଭାବ ସମ୍ପର୍କରେ ପୁରାଣରେ ଭିନ୍ନ ମତ ରହିଛି। ଦେବୀ ଭାଗବତ ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଶିବହୀନ ଯଜ୍ଞରେ ପତିଙ୍କ ଅପମାନ ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଆତ୍ମାହୂତି ଦେଇଥିଲେ। ଏହା ପରେ ଶଙ୍କର ପତ୍ନୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ସ୍କନ୍ଧରେ ଧରି ତାଣ୍ଡବ ନୃତ୍ୟ କଲେ। ଦେବାଦେବୀ ସୃଷ୍ଟି ଧ୍ୱଂସ ଆଶଙ୍କା କରି ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଆରାଧନା କଲେ। ଏହି ଚକ୍ର ଘୋରର୍ଘର ନାଦ କରି ସତୀଙ୍କ ଅଙ୍ଗକୁ ଖଣ୍ଡ ବିଖଣ୍ଡିତ କରି ଧରାଧାମର ବିଭିନ୍ନ କ୍ଷେତ୍ରରେ ପଡ଼ିଲା। ଯେଉଁଠି ଯେଉଁ ଅଙ୍ଗ ପଡ଼ିଲା ସେଠାରେ ଗୋଟିଏ ଗୋଟିଏ ଦେବୀଙ୍କ ଆବିର୍ଭାବ ହେଲା। ଝଙ୍କଡ଼ରେ ସତୀଙ୍କ ଜିହ୍ୱା ପଡ଼ିଥିବାରୁ, ଏଠାରେ ବାଗ୍‌ଦେବୀ ମା' ସାରଳାଙ୍କ ଆବିର୍ଭାବ ହୋଇଥିଲା।

ପାର୍ବଣରେ ସ୍ୱତନ୍ତ୍ର ପୂଜା ବିଧି

ପବିତ୍ର ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପି ଭୋର୍ ସମୟରୁ ଡାକବାଜି ଯନ୍ତ୍ର ଯୋଗେ ସ୍ତବ ଓ ସ୍ତୁତି ଗାନ କରାଯାଏ। ସକାଳେ ଚୁଆ ହଳଦୀ, ପଞ୍ଚାମୃତ ମାର୍ଜନା ପରେ ମା'ଙ୍କୁ ଚନ୍ଦନ, ପୁଷ୍ପ, ପାଟ ଅଳଙ୍କାରରେ ମଣ୍ଡିତ କରାଯାଏ। ଏହାପରେ ଜଗନ୍ନାଥଙ୍କ ମହାପ୍ରସାଦ ଅର୍ପଣ କରାଯାଏ। ପ୍ରଥମ ପ୍ରହର ଧୂପରେ ଷୋଡ଼ଶ ଉପଚାର ପୂଜାରମ୍ଭ, ମଧ୍ୟାହ୍ନରେ ଯଜ୍ଞଶାଳରେ ବଡ଼ ସିଂହାର ବେଶ ଓ ଦ୍ୱିତୀୟ ପ୍ରହର ଧୂପ ପରେ ପଲମ ଶଯ୍ୟା କରାଯାଏ।

ତିନିଦିନ କାଳୀକା ନୃତ୍ୟ

ଷଷ୍ଠୀ ଠାରୁ ମହାଷ୍ଟମୀ ସନ୍ଧ୍ୟାରେ ମା' ମହିଷା ମର୍ଦ୍ଦିନୀ ବେଶରେ ଦର୍ଶନ ଦିଅନ୍ତି। ଏହି ତିନି ଦିନ ରାତିରେ କାଳୀକା ନୃତ୍ୟ ମନ୍ଦିର ବେଢ଼ା ଓ ପୀଠ ପରିକ୍ରମା କରି ଥାଏ। ନବମୀ ଦିନ ବିଶ୍ରାମ ଥିବାରୁ ମନ୍ଦିର ସମ୍ମୁଖ ଦ୍ୱାର ବନ୍ଦ ରହେ। ମା' ବିଶ୍ରାମ କରୁଥିବାରୁ କୌଣସି ଘଣ୍ଟ, ଘଣ୍ଟା, କାହାଳୀ ବାଜି ନ ଥାଏ। ଦଶହରା ମଧ୍ୟାହ୍ନରେ ମନ୍ଦିର ଓ ଯଜ୍ଞାଶଳରେ ଥିବା ସମର୍ଜନି କଳସ ଚନ୍ଦନ ପୁଷ୍କରିଣୀରେ ବିସର୍ଜନ କରି ପାର୍ବଣ ପୂଜା ଶେଷ ହୋଇଥାଏ।

ଦାଣ୍ଡ ଯାତ୍ରା

ପାର୍ବଣ ପୂଜାରେ ଦାଣ୍ଡ ଯାତ୍ରାର ବିଶେଷ ମହତ୍ତ୍ୱ ରହିଛି। ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶହରା ଯାଏ ରାତିରେ ଏହି ନଗର ପରିକ୍ରମା ଅନୁଷ୍ଠିତ ହୋଇଥାଏ। ମା'ଙ୍କ ପ୍ରତିମାଙ୍କୁ ବିମାନ ଆରୋହଣ କରି ବର୍ଣ୍ଣାଢ୍ୟ ପଟୁଆରରେ ପ୍ରଥମ ଦିନ ପାଚେରୀ କୋଣ, ଦ୍ୱିତୀୟ ଦିନ ଗୋବିନ୍ଦ ଜୀଉ ମଠ, ତୃତୀୟ ଦିନ ଗୋପାଳଙ୍କ ଗୋଠ, ଚତୁର୍ଥ ଦିନ ଭେଟବର ପୀଠ, ପଞ୍ଚମ ଦିନ ବିଶ୍ୱମ୍ଭର ଘାଟ, ସପ୍ତମ ଦିନ ଠାରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କ ପ୍ରାଚୀନ ବିଜେ ସ୍ଥଳୀ ବଡ଼ ସାରୋଳ ଗ୍ରାମର ଲଣ୍ଡା ଦେଉଳ ପୀଠକୁ ଯାତ୍ରା କରି ପୂଜାର୍ଚ୍ଚନା ପରେ ସ୍ୱ-ପୀଠକୁ ପ୍ରତ୍ୟାବର୍ତ୍ତନ କରନ୍ତି।

ମହାଷ୍ଟମୀରେ ପାଇକ ଶାଢ଼ି

ଯବନଙ୍କ କବଳରୁ ହିନ୍ଦୁ ମନ୍ଦିରକୁ ସୁରକ୍ଷା ଦେବା ପାଇଁ ରାଜସ୍ଥାନରୁ କ୍ଷତ୍ରିୟ ରାଜପୁତଙ୍କୁ ଆଣି ଏଠାରେ ଅବସ୍ଥାପିତ କରାଯାଇଥିଲା। ମନ୍ଦିର ନିକଟବର୍ତ୍ତି ହରିପୁର, ମୂଳି ସିଂରେ ଏହି କ୍ଷତ୍ରିୟଙ୍କ ବଂଶଧରମାନେ ରହୁଛନ୍ତି। ଏହିସ୍ମୃତି ଉଜ୍ଜୀବିତ ପାଇଁ ପ୍ରତିବର୍ଷ ମହାଷ୍ଟମୀରେ ମାର୍ଜନା ପରେ ମା'ଙ୍କୁ ପାଇକ ଶାଢ଼ି ପିନ୍ଧାଯାଏ। ରାଜପୂତ ବଂଶଧର ରଶ୍ମି ରଞ୍ଜନ ସିଂଙ୍କ ପରିବାର ପ୍ରଦତ୍ତ ପାଟ ଶାଢ଼ୀକୁ ପ୍ରଥମେ ପିନ୍ଧାଯାଏ।

ଚତୁର୍ଥ ଟି-୨୦: ହୋପଙ୍କ ଶତକରେ ଭାରତୀୟ ବୋଲର ଧରାଶାୟୀ

ସିରିଜ ବରାବର୍ କଲା ୱେଷ୍ଟଇଣ୍ଡିଜ

ହାଇଦରାବାଦ୍, ୧୪ ।୧୦ (ଏଜେନ୍ସି)

ଅଧିନାୟକ ସାଇ ହୋପ୍ (୫୦ ବଲରେ ଅପରାଜିତ ୧୦୨ ରନ)ଙ୍କ ବ୍ୟାଟ୍‌ରୁ ପୁଣି ଏକ ଶତକୀୟ ପାଳି ଦେଖିବାକୁ ମିଳିଛି । ଫଳରେ ବୁଧବାର ରାତିରେ ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଚତୁର୍ଥ ଟି-୨୦ ମ୍ୟାଚରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୨୪ ରନରେ ଭାରତକୁ ହରାଇ ଦେଇଛି । ୨୪୮ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୩ଟି ବଲ୍ ପୂର୍ବରୁ ୨୨୩ ରନରେ ସୀମିତ ରହିଥିଲା । ପୂର୍ବରୁ ଭାରତ ସିରିଜର ପ୍ରଥମ ଓ ୩ୟ ମ୍ୟାଚକୁ ଯଥାକ୍ରମେ ୮ ୱିକେଟ ଓ ୧୪ ରନରେ ବିଜୟୀ ହୋଇଥିଲା । ସେହିଭଳି ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଓ ଚତୁର୍ଥ ଟି-୨୦କୁ ଜିତି ସିରିଜକୁ ୨-୨'ର ବରାବରସ୍ଥିତିକୁ ଆଣିଛି । ଶନିବାର ବେଙ୍ଗାଲୁରୁରେ ସିରିଜ ନିର୍ଣ୍ଣାୟକ ଅନ୍ତିମ ତଥା ୫ମ ମ୍ୟାଚ୍ ଖେଳାଯିବ ।

ଚତୁର୍ଥ ଟି-୨୦ରେ ଟସ୍ ହାର ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପାଇଁ ଦୁଇ ଓପନର ଅଧିନାୟକ ସାଇ ହୋପ୍ ଓ ଜିୱେଲ ଆଣ୍ଡ୍ରିଉ ପ୍ରଥମ ୱିକେଟରେ ୨୬ଟି ବଲରେ ୫୨ ରନର ଭାଗୀଦାରି ଗଢ଼ିଥିଲେ । ସ୍ପିନର ଅକ୍ଷର ପଟେଲ ପଞ୍ଚମ ଓଭରରେ ଆଣ୍ଡ୍ରିଉ (୧୬ ବଲରେ ୨୧ ରନ)ଙ୍କୁ ଏଲବିଡବ୍ଲ୍ୟୁ କରି ଦଳକୁ ପ୍ରଥମ ବ୍ରେକ-ଥ୍ରୁ ଦେଇଥିଲେ । ଏହାପରେ ହୋପ୍ ପରବର୍ତ୍ତୀ ବ୍ୟାଟର ସିମରନ ହେଟ୍‌ମାୟର (୧୨ ବଲ୍ ୩୩ ରନ) ଓ ରୋଭମାନ ପାୱେଲ (୨୪ ରନ)ଙ୍କୁ ସାଥୀ କରି ଛୋଟ ଛୋଟ ଭାଗୀଦାରି ଗଢ଼ି ଦଳୀୟ ସ୍କୋରକୁ ଦେଢ଼ଶ' ରନ ଅତିକ୍ରମ କରାଇଥିଲେ । ଶେଷରେ ଅସମାପ୍ତ ଚତୁର୍ଥ ୱିକେଟ ଭାଗୀଦାରିରେ ହୋପ୍ ଓ ଷ୍ଟିଫାନ ରଦରଫୋର୍ଡ ଯୋଡ଼ି ୪୩ ବଲରୁ ୯୧ ରନ ଉଠାଇବା ଫଳରେ ଦଳ ୩ ୱିକେଟରେ ୨୪୭ ରନର ବିଶାଳ ସ୍କୋର ଠିଆ କରିଥିଲା । ଇନିଂସର ଶେଷ ଦୁଇଟି ବଲରେ ନୀତୀଶ ରେଡ୍ଡୀଙ୍କୁ ଛକା ମାରି ହୋପ୍ ତାଙ୍କ ଶତକ ପୂରଣ କରିଥିଲେ । ସେ ୯ ଛକା ଓ ୪ ଚୌକା ବଳରେ ୫୦ ବଲରେ ୧୦୨ ରନ କରିଥିଲେ । ସେହିଭଳି ଷ୍ଟିଫାନ ରଦରଫୋର୍ଡ ୨୬ ବଲରେ ୪୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଭାରତ ପକ୍ଷରୁ ପ୍ରିନ୍ସ, ଅକ୍ଷର ଓ ଅର୍ଶଦୀପଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା ।

ଜବାବରେ ଭାରତ ସଞ୍ଜୁ ସାମସନ (୨୩ ବଲରେ ୫୬ ରନ), ତିଲକ ବର୍ମା (୨୫ ବଲରେ ୪୩ ରନ) ଓ ନୀତୀଶ ରେଡ୍ଡୀ (୨୦ ବଲରେ ୪୧ ରନ)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ୨୨୩ ରନରେ ସୀମିତ ରହିଥିଲା । ଅଭିଷେକ ଶର୍ମା (୨୪ ବଲରେ ୨୯ ରନ)ଙ୍କ ଧୀମା ପାଳି ଓ ଇଶାନ କିଶାନ (୬), ଅଧିନାୟକ ଆୟର (୧୬) ଓ ନମନ ଧୀର (୦)ଙ୍କ ବିଫଳତା ପରାଜୟର ଅନ୍ୟତମ କାରଣ ରହିଥିଲା । ୱେଷ୍ଟଇଣ୍ଡିଜ ପକ୍ଷରୁ କେମୋ ପଲ୍ ସର୍ବାଧିକ ୫ଟି ୱିକେଟ ନେଇଥିଲେ । ହୋପ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ଟୁର୍‌ରେ ହୋପ୍‌ଙ୍କ ଚତୁର୍ଥ ଶତକ

ଚଳିତ ଭାରତ ଗସ୍ତରେ ଥିବା ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ହୋପ୍ ଅବିଶ୍ୱସନୀୟ ଫର୍ମରେ ରହିଛନ୍ତି । ବର୍ତ୍ତମାନ ସୁଦ୍ଧା ସେ ଏହି ଗସ୍ତରେ ୪ଟି ଶତକୀୟ ପାଳି ଖେଳିସାରିଛନ୍ତି । ଯେଉଁଥିରେ ଦିନିକିଆ ସିରିଜର ଦ୍ୱିତୀୟ ଓ ତୃତୀୟ ମ୍ୟାଚରେ ଯଥାକ୍ରମେ ୧୦୪ ଓ ଅପରାଜିତ ୧୬୨ ରନ କରିଥିଲେ । ସେହିଭଳି ଚଳିତ ଟି-୨୦ ସିରିଜରେ ସେ ଏଥିପୂର୍ବରୁ ଦ୍ୱିତୀୟ ଟି-୨୦ରେ ମଧ୍ୟ ୧୦୨ ରନରେ ଅପରାଜିତ ରହିଥିଲେ ।

ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ: ୨୪୭/୩, ୨୦ ଓଭର (ହୋପ୍- ଅପରାଜିତ ୧୦୨, ରଦରଫୋର୍ଡ- ଅପରାଜିତ ୪୯, ହେଟମାୟର- ୩୩, ପାୱେଲ- ୨୪, ପ୍ରିନ୍ସ- ୧/୩୬) ।
ଭାରତ: ୨୨୩/୧୦, ୧୯.୩ ଓଭର (ସାମସନ- ୫୬, ତିଲକ- ୪୩, ନୀତୀଶ- ୪୧, ଆୟର- ୧୬, ଅଭିଷେକ- ୨୯, ଇଶାନ- ୬, ଅକ୍ଷର- ୩, କେମୋ ପଲ୍-୫/୪୧)

● ଗୋଟିଏ ଓଭରରେ ୫ ୱିକେଟ

ଲେକକ୍‌ଙ୍କ କୀର୍ତ୍ତିମାନ

ଜୋହାନ୍ସବର୍ଗ, ୧୪ ।୧୦ (ଏଜେନ୍ସି): ହ୍ୟାଟ୍ରିକ ୱିକେଟ୍ ନେବା ଯେକୌଣସି ବୋଲରଙ୍କ ପାଇଁ ଏକ ବିରାଟ ସଫଳତା କହିଲେ କିଛି ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଚାଡ୍ ଲେକକ୍ ଗୋଟିଏ ଓଭରରେ ପାଞ୍ଚଟି ୱିକେଟ୍ ନେଇ ଇତିହାସ ରଚିଛନ୍ତି । ଯେଉଁଥିରେ



କ୍ରମାଗତ ୪ଟି ବଲ୍‌ରେ ୱିକେଟ ସାମିଲ ରହିଛି । ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଟି-୨୦ ଚ୍ୟାଲେଞ୍ଜ ଲିଗ୍‌ରେ ଲେକକ୍ ଏହି ଐତିହାସିକ ସଫଳତା ପାଇଛନ୍ତି । କୱାଜୁଲୁ-ନାଟାଲ ଇନଲାଣ୍ଡ ଦଳ ପକ୍ଷରୁ ଖେଳୁଥିବା ଲେକକ୍ ଟାଇଟାନ୍ସ ବିପକ୍ଷ ମ୍ୟାଚରେ ଏହି ବିଧ୍ୱଂସୀ ବୋଲିଂ କରିଥିଲେ । ଗତକାଲି ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଟାଇଟାନ୍ସ ୧୯.୫ ଓଭରରେ ୨୦୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଟାଇଟାନ୍ସ ଇନିଂସର ୧୮ତମ ଓଭର ବୋଲିଂ କରିଥିବା ଲେକକ୍ ପ୍ରଥମ ବଲରେ ଗୋଟିଏ ୱିକେଟ୍ ପାଇଥିଲେ । ଏହାପରେ ଶେଷ ୪ଟି ବଲରେ ଆଉ ୪ଜଣ ବ୍ୟାଟରଙ୍କୁ ଆଉଟ୍ କରି ହ୍ୟାଟ୍ରିକ ପୂରଣ କରିଥିଲେ । ଏହା ସତ୍ତ୍ୱେ ମ୍ୟାଚରେ ଲେକକ୍‌ଙ୍କ ଦଳ ୨୧ ରନରେ ପରାସ୍ତ ହୋଇଥିଲା । ଇତିହାସରେ ଚତୁର୍ଥ ବୋଲର ଭାବରେ ଲେକକ୍ ଗୋଟିଏ ଓଭରରେ ୫ଟି ୱିକେଟ ନେଇଛନ୍ତି । ତାଙ୍କ ପୂର୍ବରୁ ବାଂଲାଦେଶର ଅଲ୍-ଅମିନ ହୋସେନ, ଭାରତର ଅଭିମନ୍ୟୁ ମିଥୁନ ଓ ଇଣ୍ଡୋନେସିଆର ଗେଡେ ପ୍ରିଆନ୍ଦନା ଏହି ସଫଳତା ପାଇଥିଲେ ।

ସାତ୍ତ୍ୱିକ-ଚିରାଗ ହାରିଲେ

ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ଚଳିତ ଡେନମାର୍କ ଓପନ୍‌ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି । ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ବୁଧବାର ପୁରୁଷ ସିଙ୍ଗଲ୍ସରେ ଆୟୁଷ ସେଟ୍ଟୀ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି । ଇଣ୍ଡୋନେସିଆର ଅଲୱି ଫରହାନ ୨୧-୧୧, ୧୩-୨୧, ୨୧-୧୦ ଗେମରେ ଆୟୁଷଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ସେହିଭଳି ପୁରୁଷ ଡବଲ୍ସରେ ମଧ୍ୟ ଭାରତକୁ ବଡ଼ ଝଟକା ଲାଗିଛି । ପଦକ ଆଶାୟୀ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ୨୧-୧୨, ୧୫-୨୧, ୧୯-୨୧ ଗେମରେ ଚାଇନିଜ ଯୋଡ଼ିଙ୍କ ନିକଟରୁ ହାରି ଅଭିଯାନ ଶେଷ କରିଛନ୍ତି । ଗତକାଲି ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ ମଧ୍ୟ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିଲେ ।

ବିଏଫ୍‌ଆଇ ସମ୍ପାଦକ ନିଲମ୍ବିତ

ନୂଆଦିଲ୍ଲୀ,୧୪ ।୧୦(ଏଜେନ୍ସି): ଆର୍ଥିକ ଅନିୟମିତତା, ତଦନ୍ତରେ ଅସହଯୋଗ ଓ କ୍ଷମତାର ଅପବ୍ୟବହାର ଅଭିଯୋଗରେ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର ସାଧାରଣ ସମ୍ପାଦକ ପ୍ରମୋଦ କୁମାରଙ୍କୁ ନିଲମ୍ବନ କରାଯାଇଛି । ମହାସଂଘର ସଭାପତି ଅଜୟ ସିଂହ ତାଙ୍କୁ ତତ୍କାଳ ନିଲମ୍ବିତ କରିଛନ୍ତି । ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଏହି ନିଲମ୍ବନ ବଳବତ୍ତର ରହିବ । ଜାରି ଆଦେଶ ଅନୁଯାୟୀ, ଆବଶ୍ୟକ ଅନୁମୋଦନ ବିନା ପ୍ରମୋଦ ପ୍ରସାରଣ ବ୍ୟବସ୍ଥା ପାଇଁ କାର୍ଯ୍ୟାଦେଶ ଜାରି କରିଥିବା ଅଭିଯୋଗ ହୋଇଛି । ଜାତୀୟ ଚାମ୍ପିୟନସିପ୍ ବାତିଲ ଘଟଣାର ତଦନ୍ତରେ ଅସହଯୋଗ କରିବା ଏବଂ ସଭାପତିଙ୍କ ବିରୋଧରେ ଅନାଧିକୃତ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବୈଠକ ଡାକିବା ଅଭିଯୋଗ ମଧ୍ୟ ରହିଛି । ଅନ୍ୟପକ୍ଷରେ, ଅକ୍ଟୋବର ୧୩ରେ ପ୍ରମୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଅଜୟ ସିଂହ ଓ କାର୍ଯ୍ୟକାରୀ ନିର୍ଦ୍ଦେଶକ କର୍ଣ୍ଣଲ ଅରୁଣ ମଲିକଙ୍କ ବିରୋଧରେ ଧମକ ଦେବା ଅଭିଯୋଗ ଆଣିଥିଲେ । କିନ୍ତୁ ମଲିକ ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି ।

ଆଇପିଏଲ୍ ନିଲାମୀ ପୂର୍ବରୁ ଖେଳାଳି ଅଦଳବଦଳ

କ୍ୟାପିଟାଲ୍ସରୁ ହାଇଦରାବାଦକୁ ଗଲେ ନଟରାଜନ

ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସଂସ୍କରଣ ଲାଗି ଖେଳାଳି ନିଲାମୀ ଡିସେମ୍ବର ୧୫-୧୬ ତାରିଖରେ ଅନୁଷ୍ଠିତ ହେବ । ନିଲାମ ପୂର୍ବରୁ ସମସ୍ତ ୧୦ଟି ଦଳକୁ ସେମାନଙ୍କର ରିଟେନ୍ ଏବଂ ରିଲିଜ୍ ହୋଇଥିବା ଖେଳାଳିଙ୍କ ତାଲିକା ପ୍ରକାଶ କରିବାକୁ ପଡିବ । ତଥାପି ଏହା ପୂର୍ବରୁ ଫ୍ରାଞ୍ଚାଇଜଗୁଡ଼ିକ ପାଇଁ ଟ୍ରେଡ୍ ଡିଲ୍ ଖୋଲା ରହିଛି । ଯାହା ଫ୍ରାଞ୍ଚାଇଜଗୁଡ଼ିକୁ ପାରସ୍ପରିକ ସହମତିରେ ଖେଳାଳି ଅଦଳବଦଳ କରିବାକୁ ଅନୁମତି ଦେଇଥାଏ । ଏହିକ୍ରମରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଖେଳାଳି ଅଦଳବଦଳ ହୋଇଛି । ନଟରାଜନ ଦିଲ୍ଲୀ କ୍ୟାପିଟାଲ୍ସରୁ ସନରାଇଜର୍ସକୁ ସ୍ଥାନାନ୍ତରିତ ହୋଇଛନ୍ତି । ଏହାବଦଳରେ ଲେଗ୍-ସ୍ପିନର ଜିଶାନ ଅନସାରୀ ସନରାଇଜର୍ସରୁ ଆସି କ୍ୟାପିଟାଲ୍ସରେ ଯୋଗ ଦେଇଛନ୍ତି । ଏହି ଖେଳାଳି ଅଦଳବଦଳ କ୍ରିକେଟ୍‌ପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି । କାହିଁକି ନା ଜିଶାନ ଗତ ଦୁଇଟି ସିଜିନ ଧରି ହାଇଦରାବାଦର ମୁଖ୍ୟ ସ୍ପିନର ଥିଲେ ଏବଂ ନିରନ୍ତର ପ୍ରଭାବୀ ପ୍ରଦର୍ଶନ କରୁଥିଲେ । ଉଲ୍ଲେଖଯୋଗ୍ୟ ଏଥିପୂର୍ବରୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଦିଲ୍ଲୀ ମଧ୍ୟରେ ବଡ଼ ବାଣିଜ୍ୟ ଚୁକ୍ତି ହୋଇଥିଲା । ପନ୍ତ ଲକ୍ଷ୍ନୌରୁ ଦିଲ୍ଲୀ ଯାଇଥିଲେ । ଏହା ବଦଳରେ କୁଲଦୀପ ଯାଦବ ଦିଲ୍ଲୀରୁ ଯାଇ ଲକ୍ଷ୍ନୌ ଯୋଗ ଦେଇଥିଲେ ।

ଅବସର ନେବେ ଅମିତଙ୍କ ସହ ୪ ବରିଷ୍ଠ ଖେଳାଳି !

ମୋହାଲି, ୧୪।୧୦(ଏଜେନ୍ସି): ଭାରତୀୟ ହକି ଦଳର ଅଭିଜ୍ଞ ଡିଫେଣ୍ଡର ତଥା ଓଡ଼ିଆ ଖେଳାଳି ଅମିତ ରୋହିଦାସ ଆଗାମୀ ଏସିଆନ ଚାମ୍ପିୟନ୍ସ ଟ୍ରଫି ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇପାରନ୍ତି । ତାଙ୍କ ସହ ଭାରତୀୟ ଦଳର ଅନ୍ୟ ତିନି ବରିଷ୍ଠ ଖେଳାଳି ମନଦୀପ ସିଂହ, ଜର୍ମନପ୍ରୀତ ସିଂହ ଓ ନୀଳକାନ୍ତ ଶର୍ମା ମଧ୍ୟ ଅବସର ନେବା ସମ୍ଭାବନା ରହିଛି । ହକି ଇଣ୍ଡିଆ ସୂତ୍ର ଅନୁଯାୟୀ, ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସକୁ ଆଖିରେ ରଖି ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଓ ଦଳରେ ପରିବର୍ତ୍ତନ ଆଣିବା ସହ ଏକ ନୂଆ ଦଳ ଗଠନ ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଉଥିବା କୁହାଯାଉଛି । ତେବେ ଚାରି ଖେଳାଳିଙ୍କ ଅବସର ସମ୍ପର୍କରେ ହକି ଇଣ୍ଡିଆ ପକ୍ଷରୁ ଆନୁଷ୍ଠାନିକ ଘୋଷଣା ହୋଇନାହିଁ । ୩୩ ବର୍ଷୀୟ ରୋହିଦାସ ଭାରତ ପାଇଁ ୨୫୬ଟି ମ୍ୟାଚ୍ ଖେଳି ୩୮ଟି ଗୋଲ୍ ସ୍କୋର କରିଛନ୍ତି । ପେନାଲ୍ଟି କର୍ଣ୍ଣରରେ ପ୍ରତିପକ୍ଷଙ୍କ ଆକ୍ରମଣକୁ ରୋକିବାରେ ସେ ଜଣେ ଦକ୍ଷ 'ଫାଷ୍ଟ ରସର' ଭାବେ ପରିଚିତ । ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ । ଏହାସହ ୨୦୨୨ ଓ ୨୦୨୬ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଦଳରେ ମଧ୍ୟ ସେ ସାମିଲ ଥିଲେ । ସେହିପରି ୩୧ ବର୍ଷୀୟ ଫରୱାର୍ଡ ମନଦୀପ ସିଂହ ୩୦୧ଟି ମ୍ୟାଚ୍‌ରେ ୧୨୮ ଗୋଲ୍ କରିଛନ୍ତି । ୩୦ ବର୍ଷୀୟ ଜର୍ମନପ୍ରୀତ ସିଂହ ୧୭୧ଟି ଓ ୩୧ ବର୍ଷୀୟ ମିଡ୍‌ଫିଲ୍ଡର ନୀଳକାନ୍ତ ଶର୍ମା ୧୬୨ଟି ମ୍ୟାଚ୍ ଖେଳିଛନ୍ତି ।

ଜାତୀୟ ସିନିଅର ମହିଳା ଟି-୨୦

ସୁଶ୍ରୀଙ୍କ ନେତୃତ୍ୱରେ ଖେଳିବ ଓଡ଼ିଶା, ୪ ନୂଆ ମୁହଁ

ଭୁବନେଶ୍ୱର, ୧୪ ।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବାକୁଯାଉଛି । ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ବୁଧବାର ୧୭ ଜଣିଆ ଓଡ଼ିଶା ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି । ଅଭିଜ୍ଞ ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଘୋଷିତ ଦଳର ନେତୃତ୍ୱ ଭାର ଦିଆଯାଇଛି । ଶୁଭ୍ର ନିର୍ଝରିଣୀ ସ୍ୱାଇଁ ଉପ-ଅଧିନାୟିକା ନିଯୁକ୍ତ ହୋଇଛନ୍ତି । ସେହିଭଳି ୪ଜଣ ଖେଳାଳି ପ୍ରଥମଥର ଲାଗି ସିନିଅର ଟି-୨୦ ଦଳରେ ସ୍ଥାନ ପାଇଛନ୍ତି । ସେମାନେ ହେଲେ ବାମହାତୀ ଓପନର୍ ଅଲିସ୍ମା ବିଶ୍ୱାଳ, ଅଲରାଉଣ୍ଡର ଅନନ୍ୟା ମିଶ୍ର, ଜିଏମ ଅଳକାନନ୍ଦା ଓ ସ୍ପିନର ଲୌଇସା ଦାସ । ଏଲିଟ୍ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ଦିବସରେ ଆନ୍ଧ୍ର ପ୍ରଦେଶ ସହ ଖେଳି ଅଭିଯାନ ଆରମ୍ଭ କରିବ । ଓଡ଼ିଶା ସିନିଅର ମହିଳା ଚୟନ କମିଟିର ଅଧ୍ୟକ୍ଷା ରଶ୍ମିତା ମହାନ୍ତି ଦଳ ଘୋଷଣା ସମ୍ବନ୍ଧରେ ସୂଚନା ଦେଇଥିଲେ ।

ଘୋଷିତ ଓଡ଼ିଶା ଦଳ: ଅଲିସ୍ମା ବିଶ୍ୱାଳ, ଅନନ୍ୟା ମିଶ୍ର, ଜିଏମ୍ ଅଳକାନନ୍ଦା, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାୟକ, ଲୌଇସା ଦାସ, ମାଧୁରୀ ମେହେଟ୍ଟା, ମୋନାଲିସା ରାଉତ, ପ୍ରଜ୍ଞା ପରମିତା ମହାନ୍ତି (ଉଭୟ ୱିକେଟକିପର), ଏସବି ଲୋରେନ୍ସ, ଶିକ୍ଷା ସ୍ୱାଇଁ, ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (ଉପ-ଅଧିନାୟିକା), ତନ୍ମୟୀ ବେହେରା, ତରନ୍ନା ପ୍ରଧାନ ଓ ସୁଜାତା ମଲ୍ଲିକ ।

ଶୁଭାଶିଷଙ୍କ ଶତକ; ଓଡ଼ିଶା ୧୬୧ ରନରେ ବିଜୟୀ

ବିନୁ ମଙ୍କଡ଼ ଟ୍ରଫି

ଭୁବନେଶ୍ୱର, ୧୪ ।୧୦ (ସମିସ): ପୁଡୁଚେରୀରେ ଚାଲିଥିବା ୧୯ ବର୍ଷରୁ କମ୍ ବିନୁ ମଙ୍କଡ଼ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଶାଳ ବିଜୟ ହାସଲ କରିଛି । ବୁଧବାର ଅନୁଷ୍ଠିତ ଏଲିଟ୍-ବି'ର ଏକ ମ୍ୟାଚରେ ଓଡ଼ିଶା ୧୬୧ ରନରେ ବିହାରକୁ ହରାଇଦେଇଛି । ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଠିକ୍ ୫୦ ଓଭରରେ ୩୮୪ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଶୁଭାଶିଷ ମଲ୍ଲିକ ୧୭୫ ରନର ମାରାଥନ ଶତକୀୟ ପାଳି ଖେଳିଥିଲେ । ୧୨୩ ବଲର ଏହି ପାଳିରେ ସେ ୧୩ଟି ଛକା ଓ ୯ଟି ଚୌକା ମାରିଥିଲେ । ସେହିଭଳି ପାନକଳ ମୋକ୍ଷିତଙ୍କ ବ୍ୟାଟରୁ ୪୬ ରନ ବାହାରିଥିଲା । ବିହାରର ମୋହିତ କୁମାରଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା । ଜବାବରେ ବିହାର ୪୩ ଓଭରରେ ୨୨୩ ରନରେ ସୀମିତ ରହିଥିଲା । ପୁଷ୍ପାମ ରାଜ ୯୬ ଓ ଅନମୋଲ କୁମାର ୫୦ ରନ କରିଥିଲେ । ଓଡ଼ିଶା ପକ୍ଷରୁ ସଫଳ ବୋଲର ଭାବରେ କମଳେଶ ପାତ୍ର ୩ ଓ ରୁଦ୍ର ପ୍ରସାଦ ମଲ୍ଲିକ ୨ଟି ୱିକେଟ୍ ନେଇଥିଲେ ।

ବେଙ୍ଗଲ, ବରୋଦା, ବିଦର୍ଭର ବଡ଼ ବିଜୟ

ନୂଆଦିଲ୍ଲୀ, ୧୪ ।୧୦ (ଏଜେନ୍ସି): ରଣଜୀ ଟ୍ରଫିର ୯୨ତମ ସଂସ୍କରଣର ପ୍ରଥମ ରାଉଣ୍ଡ ଖେଳ ବୁଧବାର ସମାପ୍ତ ହୋଇଛି । ଏଥିରେ ବେଙ୍ଗଲ, ବରୋଦା ଓ ବିଦର୍ଭ ଭଳି ଦଳ ବଡ଼ ବିଜୟ ହାସଲ କରିଛନ୍ତି । କଲ୍ୟାଣୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ବେଙ୍ଗଲ ୯ ୱିକେଟରେ ଦିଲ୍ଲୀକୁ ପରାସ୍ତ କରିଛି । ସୁଦୀପ ଘରାମୀ (୧୩୩) ଓ ଅଭିଷେକ ପୋରେଲ (୧୪୯)ଙ୍କ ଶତକ ସହ ମହମ୍ମଦ ସାମିଙ୍କ ମୋଟ୍ ୫ ୱିକେଟ ସଫଳତା ବେଙ୍ଗଲକୁ ଜିତାଇବାରେ ସହାୟତା କରିଥିଲା । ସେହିଭଳି ବାସୁଦେବ ବଡୋଦକର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବରୋଦା ଏକ ପାଳି ଓ ୧୩୫ ରନରେ ଘରୋଇ ଗୋଆକୁ ହରାଇଦେଇଛି । ବରୋଦାର ଅଫ୍-ସ୍ପିନର ମହେଶ ପିଥିଆ ମୋଟ୍ ୯ଟି ୱିକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନାଗପୁରରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ୧୭୦ ରନରେ ପୁଡୁଚେରୀକୁ ପରାସ୍ତ କରିଛି । ଅଧିନାୟକ ଅକ୍ଷୟ ୱାଡେକରଙ୍କ ୧୯୮ ରନ ମ୍ୟାଚର ଉଲ୍ଲେଖନୀୟ ପାଳି ଥିଲା । ଡିଫେଣ୍ଡିଂ ଚାମ୍ପିଅନ ଜମ୍ମୁ-କାଶ୍ମୀର ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର' ରହିଥିଲା ।

ଆଇଏସ୍‌ଏଲ୍-୧୩ | ଓଡ଼ିଶା ଏଫ୍‌ସିକୁ ହରାଇଲେ ମେସି

ନୂଆଦିଲ୍ଲୀ,୧୪।୧୦(ଏଜେନ୍ସି): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)'ର ୧୩ତମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି । ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ ଏଫ୍‌ସି ୨-୧ ଗୋଲରେ ଓଡ଼ିଶା ଏଫ୍‌ସିକୁ ହରାଇ ଦେଇଥିଲା । ପଞ୍ଜାବ ପକ୍ଷରୁ ଖେଳୁଥିବା କାମେରୁନ ଫୁଟବଲର୍ ରାଫେଲ ମେସି ବୌଲି ଦୁଇଟି ଯାକ ଗୋଲ୍ ଦେଇଥିଲେ । ଓଡ଼ିଶା ଏଫ୍‌ସି ଦ୍ୱିତୀୟ ମ୍ୟାଚରେ ରବିବାର ଲକ୍ଷ୍ନୌ ଇଷ୍ଟର କାଶୀ ଦଳ ସହ ଖେଳିବ । ବୁଧବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମ ମିନିଟରେ ରାଫେଲ ମେସି ଦମ୍‌ଦାର ଗୋଲ୍ ଦେଇ ପଞ୍ଜାବକୁ ଅଗ୍ରଣୀ କରାଇଥିଲେ । ତେବେ ୧୫ତମ ମିନିଟରେ ଥୋଇବା ସିଂହ ମୋଇରାଙ୍ଗଥେମଙ୍କ ଗୋଲ୍ ବଳରେ ଓଡ଼ିଶା ଏଫ୍‌ସି ମ୍ୟାଚକୁ ୧-୧'ର ବରାବରସ୍ଥିତିକୁ ଆଣିଥିଲା । ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଜୋରଦାର ଲଢ଼େଇ କରିଥିଲେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । ତେବେ ଇଞ୍ଜୁରୀ ଟାଇମ (୯୦+୬)ରେ ମେସି ନିର୍ଣ୍ଣାୟକ ଦ୍ୱିତୀୟ ଗୋଲଟି ଦେଇ ପଞ୍ଜାବକୁ ୨-୧ରେ ବିଜୟୀ କରାଇଥିଲେ ।

ରଣଜୀ ଟ୍ରଫିରେ ଆରମ୍ଭରୁ ଝୁଣ୍ଟିଲା ଓଡ଼ିଶା

ଭୁବନେଶ୍ୱର, ୧୪ ।୧୦ (ସମିସ)

ଚଳିତ ରଣଜୀ ଟ୍ରଫିର ପ୍ରଥମ ରାଉଣ୍ଡରେ ଝୁଣ୍ଟିଛି ଓଡ଼ିଶା । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ-ବି'ରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ଗୁଜରାଟ ୧୦ ୱିକେଟ୍‌ର ବଡ଼ ବ୍ୟବଧାନରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳକୁ ହରାଇଦେଇଛି । ଭ୍ରମଣକାରୀ ଏହି ମ୍ୟାଚରେ ୪୭ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଯାହାକୁ ଗୁଜରାଟ ଦଳ ବୁଧବାର ଅନ୍ତିମ ତଥା ୫ମ ଦିବସରେ ଦ୍ୱିତୀୟ ପାଳିରେ କୌଣସି ୱିକେଟ ନ ହରାଇ ୯.୩ ଓଭରରେ ହାସଲ କରିନେଇଥିଲା । ଦୁଇ ଓପନର୍ ଅଭିଷେକ ଦେଶାଇ ୩୧ ବଲରେ ୮ ଓ ଆର୍ଯ୍ୟ ଦେଶାଇ ୨୭ ବଲରେ ୩୭ ରନ କରିଥିଲେ । ବିଜୟ ସହ ଗୁଜରାଟ ୭ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ରହିଛି । ଅପରପକ୍ଷରେ ଓଡ଼ିଶା ପଏଣ୍ଟ ଖାତା ଖୋଲି ନ ପାରି ସର୍ବନିମ୍ନ ସ୍ଥାନ ହାସଲ କରିଛି । ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ଅକ୍ଟୋବର ୧୮ରୁ କେରଳ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି ।

ଏହି ମ୍ୟାଚରେ ୧୧୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଓଡ଼ିଶା ମଙ୍ଗଳବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୪ ୱିକେଟରେ ୧୧୯ ରନ କରିଥିଲା । ବୁଧବାର ସକାଳେ ଏହି ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଆଉ ୪୨ ରନ ଯୋଡ଼ି ୧୬୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ସନ୍ଦୀପ ପଟ୍ଟନାୟକ (୬୫ ରନ), ନିନାଦ ରଥୱା (୫୩) ଓ ଗୌରବ ଚୌଧୁରୀ (୧୮)ଙ୍କୁ ଛାଡ଼ିଦେଲେ ଦଳର ୮ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ । ଅଧିନାୟକ ଶୁଭ୍ରାଂଶୁ ଓ ଓମ ଟି ମୁଣ୍ଡେ ଖାତା ଖୋଲିପାରି ନ ଥିବାବେଳେ ସମ୍ବିତ ବେଜ ୪, ସ୍ୱସ୍ତିକ ସାମଲ ୧, ଆଶୀର୍ବାଦ ସ୍ୱାଇଁ ୫, ରାଜେଶ ମହାନ୍ତି ୩, ଲଳିତ ଯାଦବ ୬ ଓ ବାଦଲ ବିଶ୍ୱାଳ ୦ କରିଥିଲେ । ଗୁଜରାଟ ପକ୍ଷରୁ ବାମହାତୀ ସ୍ପିନର ସିଦ୍ଧାର୍ଥ ଦେଶାଇଙ୍କୁ ସର୍ବାଧିକ ୫ ଓ ଅର୍ଜାନ ନାଗୱାସୱାଲାଙ୍କୁ ୩ଟି ୱିକେଟ ମିଳିଥିଲା । ଏଥିପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶାର ୩୨୪ ରନ ଜବାବରେ ଗୁଜରାଟ ୪୩୯ ରନ କରିଥିଲା । ୧୦୮ ରନର ଶତକୀୟ ପାଳି ଖେଳିଥିବା ଘରୋଇ ଦଳର ବେଦାନ୍ତ ତ୍ରିବେଦୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

୧୦ ୱିକେଟରେ ଗୁଜରାଟ ବିଜୟୀ

ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ପାଳି: ୩୨୪/୧୦ (ଗୌରବ- ୧୩୭, ସନ୍ଦୀପ- ୬୯, ଅର୍ଜାନ- ୩/୬୫) ।
ଗୁଜରାଟ ପ୍ରଥମ ପାଳି: ୪୩୯/୧୦ (ବେଦାନ୍ତ ତ୍ରିବେଦୀ- ୧୦୮, ଉର୍ଭିଲ ପଟେଲ- ୮୫, ବାଦଲ- ୫/୧୧୮) ।
ଓଡ଼ିଶା ଦ୍ୱିତୀୟ ପାଳି: ୧୬୧/୧୦ (ସନ୍ଦୀପ- ୬୫, ନିନାଦ- ୫୩, ସିଦ୍ଧାର୍ଥ- ୫/୩୩) ।
ଗୁଜରାଟ ଦ୍ୱିତୀୟ ପାଳି: ୪୭/୦, ୯.୩ ଓଭର ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY